


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୨୪ ଅକ୍ଟୋବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 24 OCTOBER 2022
Vol.No. 33 ■ No. 276 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019




ପ୍ରକାଶ ପାଇଛି ପୂଜା ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ବାତ୍ୟାରେ ପରିଣତ ହେଲା ଗଭୀର ଅବପାତ

### ■ ଉପକୂଳରେ ମେଘୁଆ ପାଗ, ■ ବନ୍ଦର ଗୁଡିକୁ ବିପଦ ସଂକେତ ଜାରି



ଭୁବନେଶ୍ୱର ,୨୩/୧୦(ନି.ପ୍ର): ଗଭୀର ଅବପାତ, ବାତ୍ୟା 'ସିତ୍ରାଙ୍ଗ'ରେ ପରିଣତ । ସଂଧ୍ୟା ୫ଟା ୩୦ ସୁଦ୍ଧା ବାତ୍ୟାରେ ପରିଣତ ହୋଇଥିବା ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସାଗର ଦ୍ୱୀପର ଦକ୍ଷିଣକୁ ୫୮୦ କିମି ଦୂରରେ ଏବଂ ବାଂଲାଦେଶର ବରିସାଲ ଠାରୁ ୭୪୦ କିମି ଦୂରରେ ରହିଛିବାତ୍ୟା ସିତ୍ରାଙ୍ଗ । ଏହା ଉତର-ଉତରପଶ୍ଚିମ ଦିଗକୁ ଗତି କରି ବାଂଲାଦେଶ ଉପକୂଳ ଛୁଇଁବ । ଓଡ଼ିଶାରେ ବାତ୍ୟା ସିତ୍ରାଙ୍ଗର ବିଶେଷ ପ୍ରଭାବ ପଡ଼ିବ ନାହିଁ। ବର୍ଷାର ମଧ ବିଶେଷ ପ୍ରଭାବ ନାହିଁ। ୨୪ରେ ସାମାନ୍ୟ ପ୍ରଭାବ ରହିବ ବୋଲି ଅନୁମାନ କରାଯାଉଛି।ଗତକାଲିର ଅବପାତ ଆଜି ସକାଳେ ଗଭୀର ଅବପାତରେ ପରିଣତ ହୋଇଛି। ଗତ ୬ ଘଂଟା ଭିତରେ ଉତର ପଶ୍ଚିମ ଦିଗରେ ଘଂଟା ପ୍ରତି ୨୦ କିମି ବେଗରେ ବାତ୍ୟା ଗତି କରୁଛି। ଏହାର ପ୍ରଭାବରେ ଆଜି ରାତିରୁ ଉପକୂଳରେ ବର୍ଷା ହୋଇପାରେ। ସମ୍ଭାବ୍ୟ ବାତ୍ୟା ପ୍ରଭାବରେ ଆସନ୍ତାକାଲି ଦୀପାବଳିରେ ଉପକୂଳରେ ହାଲୁକାରୁ ମଧମ ଧରଣର ବର୍ଷା ଉତର-ଉପକୂଳରେ ସାମାନ୍ୟ ଅଧିକ ପ୍ରଭାବ ରହିବ। ରାଜ୍ୟର ସମସ୍ତ ସାମୁଦ୍ରିକ ବନ୍ଦର ଗୋପାଳପୁର, ପାରାଦ୍ୱୀପ, ପୁରୀ ଏବଂ ଧାମରା ବନ୍ଦର ପାଇଁ ବିପଦ ସଂକେତ-୩ ଜାରି କରାଯାଇଛି। ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗର ଓ ଆଖପାଖ ଅଂଚଳରେ ଏହା ସକ୍ରିୟ ଅଛି। ଆଗାମୀ ୧୨ ଘଂଟାରେ ଏହା ଆହୁରି ଘନୀଭୂତ ହେବ ଓ ବାତ୍ୟାର ରୂପ ନେବାର ସମ୍ଭାବନା ରହୁଛି।

▶▶ପୃଷ୍ଠା ୭

## ପାକିସ୍ତାନକୁ ୪ ୱିକେଟରେ ପରାସ୍ତ କଲା ଭାରତ




ମେଲ୍‌ବର୍ଣ୍ଣ , ,୨୩/୧୦: ଟି-୨୦ ବିଶକପ୍ ପାକିସ୍ଥାନ ବିପକ୍ଷରେ ପ୍ରଥମ ବିଜୟ ହାସଲ କରିଛି ଟିମ୍ ଇଣ୍ଡିଆ। ରବିବାର ଖେଳାଯାଇଥିବା ଏହି ରୋମାଂଚକର ମ୍ୟାଚ୍ ରେ ଭାରତୀୟ ଦଳ ୪ ୱିକେଟ୍ ରେ ବିଜୟୀ ହୋଇଛି। ପ୍ରଥମେ ବ୍ୟାଟିଂ କରି ପାକିସ୍ତାନ ଭାରତକୁ ୧୬୦ ରନ୍ କରିବାକୁ ଲକ୍ଷ୍ୟ ଦେଇଥିଲା । ଏହାର ଜବାବରେ ଭାରତୀୟ ଟିମ୍ ର ପୂର୍ବତନ କ୍ୟାପଟେନ ବିରାଟ କୋହଲିଙ୍କ ଦମଦାର ୮୨ ରନ ବଳରେ ଭାରତ ବିଜୟ ହାସଲ କରିଥିଲା। କୋହଲି ୫୩ ବଲ୍ ରେ ୬ ଟି ଚୌକା , ଓ ୪ଟି ଛକା ମାରି ଏହି ସମ୍ମାନଜନକ ସ୍କୋର କରିଥିଲେ । କୋହଲିଙ୍କ ବ୍ୟତୀତ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡିଆ ପ୍ରଥମେ ୩ ୱିକେଟ ନେଇଥିଲେ ଓ ପରେ ଦଳ ପାଇଁ ୪୦ ରନ୍‌କରି ଭଲ ପ୍ରଦର୍ଶନ କରିଥିଲେ । ମେଲବର୍ଣ୍ଣ ରେ ଖେଳାଯାଉଥିବା ଏହି ମ୍ୟାଚ୍ ରେ ଟିମ୍ ଇଣ୍ଡିଆ ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତି ନେଇଥିଲା। ପ୍ରାରମ୍ଭରେ ପାକ୍ ଟିମ୍ ର ବ୍ୟାଟ୍ସମ୍ୟାନ୍ ମାନେ ନିରାଶ କରିଥିଲେ ହେଁ ୨୦ ଓଭରରେ ୮ ୱିକେଟ୍ ହରାଇ ୧୫୯ ରନ୍ ହାସଲ କରିଥିଲେ । ୧୬୦ରନ କରିବାକୁ ଲକ୍ଷ୍ୟ ରଖି ଭାରତୀୟ ଟିମ୍ ପଡିଆକୁ ଓହ୍ଲାଇଥିଲେ। ଭାରତୀୟ ଟିମ୍ ପକ୍ଷରୁ ରୋହିତ ଶର୍ମା (ଅଧିନାୟକ) ଓ କେଏଲ୍ ରାହୁଲ (ଉପ-ଅଧିନାୟକ) ୪ ରନ୍ ଲେଖାଏ କରି ଆଉଟ ହୋଇଥିଲେ। ସେମାନଙ୍କ ପରେ ଆସିଥିବା ବିରାଟ କୋହଲି ଅପରାଜିତ ୮୨ରନ୍(୫୩ବଲ୍, ୬ ଚୌକା, ୪ଛକା), ସୂର୍ଯ୍ୟକୁମାର ଯାଦବ ୧୫ ରନ୍, ଅକ୍ଷର ପଟେଲ ୨ ରନ୍, ହାର୍ଦ୍ଦିକ ପାଣ୍ଡ୍ୟା ୪୦ ରନ୍(୩୭ ବଲ୍, ୧ ଚୌକା, ୨ ଛକା), ଦୀନେଶ କାର୍ତ୍ତିକ (ୱିକେଟ୍ କିପର) ୧ ରନ୍ ଓ ରବିଚନ୍ଦ୍ରନ ଅଶ୍ୱିନ ଅପରାଜିତ ୧ ରନ୍ କରିଥିଲେ।

## ୩୦ ଆଇଏଏସ୍ ଙ୍କୁ ୩୦ ଜିଲ୍ଲା ଦାୟିତ୍ୱ

ଭୁବନେଶ୍ୱର ,୨୩/୧୦ (ନି.ପ୍ର): – ୩୦ ବରିଷ୍ଠ ଆଇଏଏସଙ୍କୁ ଦିଆଗଲା ୩୦ ଜିଲ୍ଲାର ବିକାଶ ଦାୟିତ୍ୱ ଦିଆଯାଇଛି। ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କୁ କଳାହାଣ୍ଡି ଦାୟିତ୍ୱ ଦିଆଯାଇଛି । ଅର୍ଥ ସଚିବ ବିଶାଲ ଦେବଙ୍କୁ ମୟୂରଭଞ୍ଜ ଦାୟିତ୍ୱ ମିଳିଥିବା ବେଳେ ଉଚ୍ଚଶିକ୍ଷା ସଚିବ ବିଷ୍ଣୁପଦ ସେଠୀଙ୍କୁ କୋରାପୁଟ ଦାୟିତ୍ୱ ଦିଆଯାଇଛି।

ଖଣି ଇସ୍ପାତ ସଚିବ ଦେଓରଞ୍ଜନ ସିଂହଙ୍କୁ କେନ୍ଦୁଝର ଦାୟିତ୍ୱ ଦିଆଯାଇଥିବା ବେଳେ କୃଷି ସଚିବ ଅରବିନ୍ଦ ପାଢ଼ୀଙ୍କୁ କନ୍ଧମାଳ ଦାୟିତ୍ୱ ମିଳିଛି। ମିଶନ ଶକ୍ତି ସଚିବ ସୁଜାତା ଆର କାର୍ତିକେୟନଙ୍କୁ କଟକ, ଜଳସମ୍ପଦ ସଚିବ ଅନୁ ଗର୍ଗଙ୍କୁ ପୁରୀ ଦାୟିତ୍ୱ ମିଳିଛି। ଉତରାଂଚଳ ଆରଡିସି ସୁରେଶ ଚନ୍ଦ୍ର ଦଳାଇଙ୍କୁ ଦେବଗଡ଼, ଆଇଟି ସଚିବ ମନୋଜ ମିଶ୍ରଙ୍କୁ ଢେଙ୍କାନାଳ, ଶ୍ରମ ସଚିବ ଚିତ୍ରା ଅନୁମଗମଙ୍କୁ ଗଜପତି, ହସ୍ତତନ୍ତ ଓ ବୟନ ଶିଳ୍ପ ସ୍ୱତନ୍ତ୍ର ସଚିବ ଶ୍ରୀକାନ୍ତ ପ୍ରୁଷ୍ଟିଙ୍କୁ ଜଗତସିଂହପୁର, ଓଏମସି ପରିଚାଳନା ନିର୍ଦ୍ଦେଶକ ବଲ୍‌ୱନ୍ତ ସିଂହଙ୍କୁ ସୁନ୍ଦରଗଡ଼ ଦାୟିତ୍ୱ ମିଳିଛି। ମତ୍ସ୍ୟ ଓ ପଶୁସମ୍ପଦ ସଚିବ ସୁରେଶ କୁମାର ବଶିଷ୍ଠଙ୍କୁ ରାୟଗଡା, ପୂର୍ତ ସଚିବ ବୀରବିକ୍ରମ ଯାଦବଙ୍କୁ ସମ୍ୱଲପୁର, ମହିଳା ଓ ଶିଶୁ ବିକାଶ ସଚିବ ଶୁଭା ଶର୍ମାଙ୍କୁ ଖୋର୍ଦ୍ଧା, ସମବାୟ ସଚିବ ସଞ୍ଜିବ କୁମାର ଚଢାଙ୍କୁ ମାଲକାନଗିରି, ସ୍କୁଲ ଓ ଗଣଶିକ୍ଷା ସଚିବ ଏସ୍. ଅଶ୍ୱଥିଙ୍କୁ ଗଞ୍ଜାମ, ବିଜ୍ଞାନ ଓ କାରିଗରି କୌଶଳ ସଚିବ ଭାସ୍କରଜ୍ୟୋତି ଶର୍ମାଙ୍କୁ ଯାଜପୁର ଦାୟିତ୍ୱ ଦିଆଯାଇଛି। ସେହିପରି ଶିଳ୍ପ ସଚିବ ହେମନ୍ତ ଶର୍ମାଙ୍କୁ ଝାରସୁଗୁଡା, ଶକ୍ତି ସଚିବ ନିକୁଞ୍ଜ ବିହାରୀ ଧଳଙ୍କୁ ବଲାଙ୍ଗୀର, ଇପିକଲ ଏମଡି ଭୂପେନ୍ଦ୍ର ସିଂ ପୁନିଆଙ୍କୁ ସୋନପୁର, ସାମାଜିକ ବିକାଶ ନିର୍ଦ୍ଦେଶକ ଅରବିନ୍ଦ ଅଗ୍ରୱାଲଙ୍କୁ ନବରଙ୍ଗପୁର, କୃଷି ନିର୍ଦ୍ଦେଶକ ପ୍ରେମଚନ୍ଦ୍ର ଚୌଧୁରୀ କେନ୍ଦ୍ରାପଡ଼ା, ହସ୍ତତନ୍ତ ଓ

## ଜେଲରେ ଭେଟାଭେଟି ଅର୍ଚ୍ଚନା ଓ ସ୍ୱାମୀ ଜଗବନ୍ଧୁ



ଭୁବନେଶ୍ୱର ,୨୩/୧୦(ନି.ପ୍ର): ଜେଲରେ ଥିବା ଲେଡି ବ୍ଲାକମେଲର ଅର୍ଚ୍ଚନା ନାଗ ଓ ସ୍ୱାମୀ ଜଗବନ୍ଧୁ ଚାନ୍ଦ ରବିବାର ଦିନ ଜେଲରେ ଭେଟାଭେଟି ହୋଇଛନ୍ତି। ଜେଲ ଅଧୀକ୍ଷକ ଓ ମହିଳା ୱାର୍ଡର ଉପସ୍ଥିତିରେ ଉଭୟଙ୍କ ମଧ୍ୟରେ ୧୫ ମିନିଟ୍ ପାଇଁ ବାର୍ତାଳାପ ହୋଇଥିଲା। ଜେଲ୍ କାର୍ଯ୍ୟାଳୟରେ ଉଭୟଙ୍କ ଭିତରେ ଭେଟଘାଟ ହୋଇଥିଲା। ଉଲ୍ଲେଖଯୋଗ୍ୟ, ଦୁଇଦିନ ତଳେ ଲେଡି ବ୍ଲାକମେଲର ଅର୍ଚ୍ଚନାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦଙ୍କୁ କମିସନରେଟ୍ ପୁଲିସ ଉଠାଇନେଇଥିଲା। ଜଗବନ୍ଧୁଙ୍କୁ ସତ୍ୟବିହାରସ୍ଥିତ ଘରୁ ଉଠାଇ ନେଇ ପୁଲିସ ପଚରାଉଚରା କରିବା ପରେ ଗିରଫ କରିଥିଲା।


DADLS-52



ପବିତ୍ର ଦୀପାବଳି–୨୦୨୨ ଉପଲକ୍ଷେ
ମାନ୍ୟବର ରାଜ୍ୟପାଳଙ୍କ
ବାର୍ତ୍ତା

ଆଲୋକର ପର୍ବ ପବିତ୍ର ଦୀପାବଳିର ଶୁଭ ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି ।

(ଗଣେଶୀ ଲାଲ)

OIPR : 15001/13/0154/2223

DADLS-52

ଓଡ଼ିଶା ସରକାର



ମୁଖ୍ୟମନ୍ତ୍ରୀଙ୍କ
ଦୀପାବଳି ଶୁଭେଚ୍ଛା

ଆଲୋକ ଓ ଆନନ୍ଦର ପର୍ବ ଦୀପାବଳି ଅବସରରେ ଆପଣମାନଙ୍କୁ ମୋର ଶୁଭେଚ୍ଛା । ବିକାଶର ଆଲୋକରେ ସମସ୍ତଙ୍କ ଜୀବନକୁ ଉଦ୍‌ଭାସିତ କରିବା ପାଇଁ ଆସନ୍ତୁ ସମସ୍ତେ ସଂକଳ୍ପବଦ୍ଧ ହୋଇ କାମ କରିବା ଏବଂ ଓଡ଼ିଶାର ଗୌରବକୁ ନୂତନ ଶିଖରରେ ପହଞ୍ଚାଇବା ।

(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR : 15001/13/0154/2223

DADLS-52



ପବିତ୍ର ଦୀପାବଳି – ୨୦୨୨ ଉପଲକ୍ଷେ
ବାର୍ତ୍ତା

ଆଲୋକ ଓ ଆନନ୍ଦର ପର୍ବ ପବିତ୍ର ଦୀପାବଳିର ଶୁଭ ଅବସରରେ ମୁଁ ରାଜ୍ୟର ସମସ୍ତ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଶୁଭକାମନା ଜଣାଉଛି । ସମସ୍ତଙ୍କର ଜୀବନ ସୁଖ, ଶାନ୍ତି ଓ ସମୃଦ୍ଧିରେ ପୁରିଉଠୁ ଏହା ମୋର ମା'ଙ୍କ ନିକଟରେ ପ୍ରାର୍ଥନା ।

(ପ୍ରଦିପ କୁମାର ଅମାତ)
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ,
ପଞ୍ଚାୟତିରାଜ ଓ ପାନୀୟଜଳ ଏବଂ
ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ, ଓଡ଼ିଶା

OIPR : 15001/13/0154/2223

# ଫୁଲବାଣୀରେ ଓଡିଶା ସରକାରୀ ଆଉଟ ସୋର୍ସିଙ୍ଗ କର୍ମଚାରୀ ସଂଘ ପକ୍ଷରୁ ବୈଠକ

କନ୍ଧମାଳ ,୨୩/୧୦ (ନି.ପ୍ର): ଓଡିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟାଳୟ ଗୁଡିକରେ ସେବା ଯୋଗାଣକାରୀ ସଂସ୍ଥା (ଆଉଟ୍ ସୋର୍ସିଙ୍ଗ) ଗୁଡିକ ଜରିଆରେ ନିଯୁକ୍ତି ପାଇ ବ୍ଲକ୍ ଓ ଅନ୍ୟାନ୍ୟ କାର୍ଯ୍ୟାଳୟରେ ଡାଟା ଏଂଟ୍ରି ଅପରେଟର (ଡିଇଓ) ଏବଂ ପିଅନ ଓ ରାତ୍ରି ଜଗୁଆଳ (ନାଇଟ୍ ୱାଚର) ଭାବରେ ଦିନ ମଜୁରିଆଙ୍କ ଠାରୁ ମଧ କମ୍ ଦରମାରେ, ସରକାଙ୍କ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱପୂର୍ଣ୍ଣ କାମ ଗୁଡିକୁ ସୁଚାରୁ ରୂପେ କରୁଥିବା, ସରକାରୀ ଆଉଟ୍ ସୋର୍ସିଙ୍ଗ କର୍ମଚାରୀ ସଂଘ ପକ୍ଷରୁ ଏକ ସଭା, ଫୁଲବାଣୀ ପାରିଜାତ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି । ସଂଘର କନ୍ଧମାଳ ଜିଲ୍ଲା ସଭାପତି, ପୂର୍ଣ୍ଣ ଚନ୍ଦ୍ର ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ସଂଘର ଆବାହକ ପ୍ରଭାତ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସାଂଗଠନିକ ସମ୍ପାଦକ ଜିତେନ୍ଦ୍ର ମାର୍ଥା, ରାଜ୍ୟ ସଂଘର ସଭାପତି ସଞ୍ଜୟ କୁମାର ପଟ୍ଟନାୟକ, ରାଜ୍ୟ ସଂଘର ସାଂଗଠନିକ ସମ୍ପାଦକ ତାପସ କୁମାର ମିଶ୍ର ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ନିକଟରେ ନିଜର ହକ ଏବଂ ପ୍ରାପ୍ୟ ପାଇଁ ନଭେମ୍ବର ମାସରେ ଭୁବନେଶ୍ୱର ପି ଏମ୍ ଜି ଛକ ଠାରେ ସମସ୍ତେ ଏକଜୁଟ ହେବାକୁ ପରାମର୍ଶ ଦେଇଥିଲେ । ସମଗ୍ର କନ୍ଧମାଳରେ ମୋଟ ୧୦୮୦ ଆଉଟ ସୋର୍ସିଙ୍ଗ କର୍ମଚାରୀ ମାନଙ୍କ ମଧ୍ୟରୁ ୮୯୦ ଜଣ ଡାଟା ଏଂଟ୍ରି ଅପରେଟର ରହିଥିବା ବେଳେ ୧୯୦ ଚତୁର୍ଥ ଶ୍ରେଣୀ କର୍ମଚାରୀ ଅଛନ୍ତି । ଯେଉଁମାନେକି ସ୍ୱଳ୍ପ ବେତନରେ ଯାହାକି ଲେବର ଦରମା ଠାରୁ କମ ପାଉଛନ୍ତି, ହେଲେବି ସେମାନେ କେବେ ପ୍ରତିବାଦ କରିନାହାନ୍ତି । ସରକାରଙ୍କ ଦ୍ୱାରା ନିଯୁକ୍ତି ପାଇଥିବା କର୍ମଚାରୀ ମାନେ ଯେତିକି ସମୟ ଅଫିସରେ ସମୟ ଦେବା କଥା ସେତିକି ସମୟ ଦେଉନାହାନ୍ତି । କିନ୍ତୁ, ଆଉଟ ସୋର୍ସିଙ୍ଗ କର୍ମଚାରୀ ମାନଙ୍କୁ ଦିନକୁ ଆଠ ଘଣ୍ଟାରୁ ଅଧିକ ସମୟ ସରକାରୀ ଉପରିସ୍ଥ କର୍ମଚାରୀ ମାନେ କାମ କରାଉଛନ୍ତି ହେଲେ ବି ଭବିଷ୍ୟତକୁ ଆଖି ଆଗରେ ରଖି ନିଜର ଦାୟିତ୍ୱ ସେମାନେ ସୁଚାରୁ ତୁଲାଇ ଆସୁଛନ୍ତି । ହେଲେ ଆଜି ସରକାର ଆଉଟ ସୋର୍ସିଙ୍ଗ କର୍ମଚାରୀ ମାନଙ୍କୁ ଅଣଦେଖା କରିଛନ୍ତି ବୋଲି ମଂଚାସୀନ ଅତିଥି ମାନେ ବକ୍ତବ୍ୟ ରଖିଥିଲେ । ପଦ୍ମ ଚରଣ ମହାନ୍ତି ଯୋଗଦେଇ ସରକାରୀ କାର୍ଯ୍ୟାଳୟ ଗୁଡିକରେ ପ୍ରାୟତଃ ଅଧିକାଂଶ ଚୁକ୍ତିଭିତିକ କର୍ମଚାରୀ ସ୍ୱଳ୍ପ ଦରମାରେ ସେମାନଙ୍କ କାର୍ଯ୍ୟ ସୁଚାରୁରୂପେ ତୁଲାଉ ଥିବା ବେଳେ ରାଜ୍ୟ ସରକାର ସେମାନଙ୍କର ଭବିଷ୍ୟତ ଓ ସେମାନଙ୍କ ପରିବାର ବିଷୟରେ ଚିନ୍ତା କରୁନାହିଁ ବୋଲି ନିଜ ବକ୍ତବ୍ୟରେ କହିଥିଲେ । ତେଣୁ ସେମାନେ ଏକଜୁଟ ହୋଇ ସେମାନଙ୍କ ଦାବି ପୂରଣ କରିବା ପାଇଁ ଲଢେଇ କରିବା ଆବଶ୍ୟକ ବୋଲି କହିଥିଲେ ।

# ଓଟିଡ଼ିସି ପକ୍ଷରୁ ଐତିହ୍ୟସ୍ଥଳୀକୁ ପଦଯାତ୍ରା କାର୍ଯ୍ୟକ୍ରମର ଶୁଭାରମ୍ଭ

ଭୁବନେଶ୍ୱର ,୨୩/୧୦ (ନି.ପ୍ର): ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡିସି) ପକ୍ଷରୁ ଓଡ଼ିଶା ଐତିହ୍ୟ ପଦଯାତ୍ରା (ଓଡ଼ିଶା ୱାକ୍ସ) କାର୍ଯ୍ୟକ୍ରମ ଶନିବାର ଠାରୁ ଆରମ୍ଭ ହୋଇଛି । ପୁରାତନ ଐତିହ୍ୟ ପୀଠ ସହିତ ସଂପର୍କ ଯୋଡ଼ିବାର ଏହି କାର୍ଯ୍ୟକ୍ରମ ପ୍ରତି ସପ୍ତାହରେ ଶୁକ୍ରବାରଠାରୁ ରବିବାର ତିନିଦିନ ଧରି ସକାଳ ୭ଟାରୁ ୯ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ।
ଶନିବାର ପୂର୍ବାହ୍ନରେ ଭୁବନେଶ୍ୱର ପର୍ଶୁରାମେଶ୍ୱର ମନ୍ଦିରଠାରୁ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ଓଟିଡ଼ିସିର ଅଧ୍ୟକ୍ଷ ଡ. ଲେନିନ୍ ମହାନ୍ତି, ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବଙ୍କ ଉପସ୍ଥିତିରେ ଶୁଭାରମ୍ଭ କରିଥିଲେ ଖ୍ୟାତନାମା ଓଡ଼ିଆ ସେଲିବ୍ରିଟି ରାପର ସମୀର ରିଶୁ ମହାନ୍ତି ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ଓଟିଡ଼ିସି ଅଧ୍ୟକ୍ଷ ଡ. ଲେନିନ୍ ମହାନ୍ତି କହିଲେ ଯେ, ଏହି ଯାତ୍ରା ଓଡ଼ିଶାର କଳା,ସଂସ୍କୃତି, ଉଚ୍ଚ ପରମ୍ପରା ଆଦିକୁ ଉଜ୍ଜୀବିତ କରିବା ପାଇଁ ଉଦ୍ଦିଷ୍ଟ । ଆମ ରାଜଧାନୀରେ ପ୍ରସିଦ୍ଧ ସ୍ଥାପତ୍ୟ ବହନ କରୁଥିବା ମୁକ୍ତେଶ୍ୱର ମନ୍ଦିର, ଲିଙ୍ଗରାଜ ମନ୍ଦିର ଓ ଧଉଳି ଇତ୍ୟାଦି ପର୍ଯ୍ୟଟନ ଦୃଷ୍ଟିକୋଣରୁ ଅଧିକ ପରିଚିତ ଥିଲେ ମଧ ଏଠାରେ ଲୋକଲୋଚନକୁ ଆସିନଥିବା ବହୁ ମନ୍ଦିର ଓ ପ୍ରାଚୀନ କୀର୍ତ୍ତିରାଜି ରହିଛି, ଯାହା ପର୍ଯ୍ୟଟକ ଓ ଜନସାଧାରଣଙ୍କ ଦୃଷ୍ଟିଗୋଚରକୁ ଆସିବାର ଆବଶ୍ୟକତା ରହିଛି ।
ଶ୍ରୀ ଯାଦବ କହିଲେ ଯେ ଓଡ଼ିଶାର ପ୍ରାଚୀନ କୀର୍ତ୍ତିରାଜି ଓ ଐତିହ୍ୟକୁ କେବଳ ପର୍ଯ୍ୟଟନର ପ୍ରଚାରପ୍ରସାର ଉଦ୍ଦେଶ୍ୟରେ ନୁହେଁ, ବରଂ ସ୍ଥାନୀୟ ଜନସାଧାରଣଙ୍କୁ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ପରମ୍ପରା ସଂପର୍କରେ ଅବଗତ କରାଇବା ଓ ସଚେତନ କରାଇବା ନିମନ୍ତେ ଆମର ଲକ୍ଷ୍ୟ ରହିଛି ।
ଆଜି ଦୁଇ ଘଂଟା ଧରି ଅନୁଷ୍ଠିତ ହୋଇଥିବା ଏହି ଐତିହ୍ୟ ପଦଯାତ୍ରାରେ ପଦଯାତ୍ରୀମାନେ ଭୁବନେଶ୍ୱରର ପର୍ଶୁରାମେଶ୍ୱର ମନ୍ଦିର, କେଦାରଗୌରୀ ମନ୍ଦିର, ଶୁକସାରୀ ମନ୍ଦିର, ବୈତାଳ ଦେଉଳ ଏବଂ ଏକାମ୍ର ବନ ପରିଭ୍ରମଣ କରିଥିଲେ । ଏହି ଐତିହ୍ୟ ପଦଯାତ୍ରାରେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଉପରେ ଆଗ୍ରହ ରଖୁଥିବା ଭୁବନେଶ୍ୱରର ୫୦ରୁ ଊର୍ଦ୍ଧ୍ୱ ବିଭିନ୍ନ ବର୍ଗର ଜନସାଧାରଣ ଯୋଗ ଦେଇଥିଲେ । ଜିତୁ ମିଶ୍ର ଏବଂ ରୋଜାଲିନ୍ ମିଶ୍ର ଏହି ପଦଯାତ୍ରା କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ ।

# ଅରବିନ୍ଦ ନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଆଉ ଏକ କୃତିତ୍ୱ

ଜୟପୁର ,୨୩/୧୦ (ନି.ପ୍ର): ଅରବିନ୍ଦ ନଗରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୯ମ ଶ୍ରେଣୀର ଶିଶୁ ଭଉଣୀ ସୁଶ୍ରୀ ସ୍ୱାଗତିକା ରଥ ନିଜ ବିଦ୍ୟାଳୟ ପାଇଁ ନୁହଁ ବରଂ ସମଗ୍ର ଓଡ଼ିଶା ପାଇଁ ଆଉ ଏକ ଗୌରବ ଆଣି ଦେଇଛନ୍ତି ।ଆଜି ପର୍ଶ୍ଚିମ ବଙ୍ଗର ରାଇଗଞ୍ଜ ଠାରେ ବିଦ୍ୟାଭାରତୀ ତରଫରୁ ଆୟୋଜିତ ଆନ୍ତଃ ରାଜ୍ୟ ଜ୍ଞାନ ବିଜ୍ଞାନ ମେଳାର ବିଜ୍ଞାନ ପ୍ରୟୋଗ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଅନୀଲ କୁମାର ଶତପଥୀ ଗୁରୁଜୀଙ୍କ ତତ୍ତ୍ୱାବଧାନରେ ସୁଶ୍ରୀ ସ୍ୱାଗତିକା ରଥ ବିଦ୍ୟାଳୟ ସ୍ତରରୁ ସଙ୍କୁଳ, ବିଭାଗ, ରାଜ୍ୟ ଓ ଆନ୍ତଃ ରାଜ୍ୟ ସ୍ତରରେ ମଧ ପ୍ରଥମ ସ୍ଥାନ ହାସଲ କରି ବିଦ୍ୟାଳୟର ନାମକୁ ଗୌରବାନ୍ୱିତ କରିଛନ୍ତି । ଶ୍ରୀମତୀ ଆରତୀ ତ୍ରିପାଠୀ ଓ ଶ୍ରୀ ନାରାୟଣ ରଥଙ୍କ ମଧ୍ୟମ କନ୍ୟା ହେଉଛନ୍ତି ସ୍ୱାଗତିକା ରଥ । ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିବାର ଏହି ସଫଳତାରେ ସ୍ୱାଗତିକା ରଥଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ପ୍ରକାଶ ଥାଉକି ଆଗାମୀ ନଭେମ୍ବର ୨ ରୁ ୬ ତାରିଖ ପର୍ଯ୍ୟନ୍ତ ମଧ୍ୟପ୍ରଦେଶର ଭୋପାଳ ଠାରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟ ସ୍ତରୀୟ ଜ୍ଞାନବିଜ୍ଞାନ ମେଳାରେ ସେ ଅଂଶଗ୍ରହଣ କରିବେ ।

# ସରପଂଚମାନଙ୍କ ପ୍ରଶିକ୍ଷଣ ଶିବିର ଉଦ୍ଯାପିତ

କନ୍ଧମାଳ ,୨୩/୧୦ (ନି.ପ୍ର): ଫୁଲବାଣୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ ଜିଲ୍ଲା ପରିଷଦ କନ୍ଧମାଳଙ୍କ ମିଳିତ ସହଯୋଗ ଓ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନ ଏବଂ ପଂଚାୟତି ରାଜ ବିଭାଗ ଓଡିଶାଙ୍କ ସହାୟତାରେ ବନ୍ଧଗଡ ଠାରେ ଥିବା ତାଲିମ୍ କେନ୍ଦ୍ରରେ ଅନୁଷ୍ଠିତ ହୋଇଥିବା ପାଂଚଦିନିଆ ସରପଂଚଙ୍କ ପ୍ରାରମ୍ଭିକ ପ୍ରଶିକ୍ଷଣ ଉଦ୍ଯାପିତ ହୋଇଯାଇଛି । ଉକ୍ତ ଦିବସରେ ଫୁଲବାଣୀ ବିଧାୟକ ମାନ୍ୟବର ଅଙ୍ଗଦ କହଁର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଶିକ୍ଷାର୍ଥୀ ମାନଙ୍କୁ ନିଜର ଦକ୍ଷତା ବଢାଇବା ପାଇଁ କିଛି ଶିକ୍ଷାର ଆବଶ୍ୟକତା ଥିବାରୁ ଏହିଭଳି ତାଲିମ୍‌ଗୁଡିକ ପାଇଁ ସମୟ ଦେଇ ଅଧିକରୁ ଅଧିକ ଜାଣି କାର୍ଯ୍ୟରେ ଲଗାଇବାକୁ ଅନୁରୋଧ କରିଥିଲେ । ଏଥିସହ ଅନୁଷ୍ଠାନର ସଂପାଦକ ଇଂ. ହରିଶଙ୍କର ରାଉତ ଉପସ୍ଥିତ ରହି ଜନପ୍ରତିନିଧି ହିସାବରେ ଯେଉଁ ଦାୟିତ୍ୱ ତୁଲାଇବା କଥା ତାହା ପରିଚାଳନା କଲାବେଳେ ନିଶ୍ଚିତ ରୂପେ ଜନସାଧାରଣ ଓ ସରକାରୀ କର୍ମଚାରୀଙ୍କ ମଧରେ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ପଡିବ ନଚେତ ନିଜେ କରୁଥିବା ଭଲ କାମ ପାଇଁ ମଧ ନିନ୍ଦିତ ହେବାକୁ ପଡିପାରେ ବୋଲି କହିଥିଲେ । ସେଥିପାଇଁ ଆମେ ନିଜକୁ କାର୍ଯ୍ୟ ଶୈଳୀରେ କିଛି ଅନୁଭୂତି ନେଇ ଗ୍ରାମପଂଚାୟତକୁ ଏକ ସ୍ୱଚ୍ଛ ଓ ସୁନ୍ଦର କରିଗଢି ତୋଳିବା ପାଇଁ ଆଜିଠାରୁ ଚେଷ୍ଟା କରିବାକୁ ଅନୁରୋଧ କରିଥିଲେ । ଉକ୍ତ ତାଲିମ୍ କାର୍ଯ୍ୟକ୍ରମରେ ଫୁଲବାଣୀ, ଖଜୁରିପଡା ଓ ଫିରିଙ୍ଗିଆର ୪୭ ଗୋଟି ପଂଚୟାତରୁ ସରପଂଚମାନେ ଉପସ୍ଥିତ ହୋଇଥିବା ବେଳେ ତାଲିମଦାତା ଭାବେ ମନୋଜ କୁମାର ପଟ୍ଟନାୟକ ଓ ନିରଞ୍ଜନ ବେହେରା ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମର ଶୁଭ ଉଦଘାଟନ ଜିଲ୍ଲାପରିଷଦ ଅଧକ୍ଷା ନନ୍ଦିନୀ ମଲ୍ଲିକ ପ୍ରଥମ ଦିନରେ କରିଥିଲେ ଓ ତାଲିମାର୍ଥୀମାନଙ୍କର ଆଗ୍ରହ ଓ ଉତ୍ସାହକୁ ସମ୍ମାନ ଦେଇ ୫ ଦିନର ପ୍ରଶିକ୍ଷଣଟି ସମସ୍ତଙ୍କ ନିମନ୍ତେ ଶିକ୍ଷଣୀୟ ହେବ ବୋଲି ଆଶା ରଖି ଅନୁଷ୍ଠାନକୁ ଧନ୍ୟବାଦ ଦେଇଥିଲେ । ଏଥିସହ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହୁ ସରପଂଚମାନଙ୍କୁ ଯୋଜନାର କାର୍ଯ୍ୟକାରୀତା ଓ ଅନ୍ତର୍ଭୁକ୍ତ କରଣକୁ ଗରୁତ୍ୱ ଦେଇ ନିଜନିଜ ପନଂଚାୟତର ଜନସାଧାରଣଙ୍କୁ ସଚେତନତା କରାଇବାକୁ ଆହ୍ୱାନ ଦେଇଥିଲେ । ତାଲିମାର୍ଥୀମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରିବା ସହ, ଏକ ପେନଡ୍ରାଇଭରେ ସମସ୍ତ ତଥ୍ୟ ରଖି ପ୍ରଦାନ କରାଯାଇଥିଲା । ଏହି ତାଲିମକୁ ସ୍ୱାତୀର ବରିଷ୍ଠ କର୍ମୀ ବିଶ୍ୱରଞ୍ଜନ କର ସଂଯୋଜନା କରିଥିଲେ । ଜିଲ୍ଲା ପଂଚାୟତ ଅଧିକାରୀ ଓ ଅତିରିକ୍ତ ତାଲିମ ସଂଯୋଜକ ମନୋଜ କୁମାର ପ୍ରଧାନ ଉପସ୍ଥିତ ରହି ତାଲିମ କାର୍ଯ୍ୟକ୍ରମର ଗୁଣବତା ପରଖିଥିଲେ । ସ୍ୱାତୀ ତରଫରୁ ପ୍ରଭାତ ନାୟକ, ବିନୋଦ ବେହେରା, ସସ୍ମିତା ବେହେରା, କିର୍ତି ରେଡୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# ବଳଦେବ ହାଇସ୍କୁଲରେ କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା ,୨୩/୧୦ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ବଳଦେବ ହାଇସ୍କୁଲ ଠାରେ କ୍ଲଷ୍ଟର ସ୍ତରୀୟ ସୁରଭି ୨୦୨୨ ଅନୁଷ୍ଠିତ ହୋଇ ଯାଇଛି । ଛାତ୍ରଛାତ୍ରୀ ମାନଙ୍କ ମଧରେ ଲୁକାୟିତ ପ୍ରତିଭାକୁ ଲୋକ ଲୋଚନକୁ ଆଣିବା ପାଇଁ ଏହାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସିଆରସିସି ବିଷ୍ଣୁ ପ୍ରସାଦ ନାୟକ ବକ୍ତବ୍ୟରେ ପ୍ରକାଶ କରିଥିଲେ । ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ନାୟକଙ୍କ ସମେତ ବରିଷ୍ଠ ଶିକ୍ଷକ ରାଜେନ୍ଦ୍ର ପ୍ରସାଦ ରାଉତ, ବଳଦେବ ପ୍ରସାଦ ଜେନା, ସେକ ମନସୁର ଅଲ୍ଲୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କ ମଧରେ ବିଭିନ୍ନ ପ୍ରତିଯୋଗିତା କରାଇଥିଲେ । ଏହି କାର୍ଯ୍ୟକ୍ରମରେ ଗାଙ୍ଗେୟ ବିଶ୍ୱାଳ, ସମିନା ଜେନା, ଖଲିଲୁର ରହେମାନ୍, ମନୋରଞ୍ଜନ ମହାନ୍ତି ସହଯୋଗ କରିଥିଲେ । ୬ନଂ କାଉନସିଲର ପ୍ରଦୀପ କୁମାର ଜେନା ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରିଥିଲେ ।

# ଜିଲ୍ଲାପାଳ କାର୍ଯ୍ୟାଳୟ କର୍ମଚାରୀମାନଙ୍କ ପାଇଁ ଡ୍ରେସକୋଡ଼୍ ଲାଗୁ କରାଯାଉ

ପୁରୀ ,୨୩/୧୦ (ନି.ପ୍ର): ପୁରୀ ଜିଲ୍ଲାପାଳଙ୍କ ଅଧିନରେ ଶହ ଶହ କର୍ମଚାରୀ କାର୍ଯ୍ୟ କରୁଛନ୍ତି । ଅନେକ କର୍ମଚାରୀ ବିଳମ୍ବରେ ଆସୁଥିଲେ ମଧ ସେମାନଙ୍କୁ କେହି ତାଗିଦ୍ କରୁନାହାନ୍ତି । ଏଡ଼ିଏମ କାର୍ଯ୍ୟାଳୟ,ରେକର୍ଡ଼ ରୁମ୍, ଏଷ୍ଟାବିଲିସ୍‌ମେଂଟ, ଯୋଜନା ବିଭାଗ, ଶିଶୁ ସୁରକ୍ଷା ବିଭାଗ,ଏମରଜେନ୍ସି ବିଭାଗ, ସମାଜ କଲ୍ୟାଣ ବିଭାଗ, ସାମାଜିକ ସୁରକ୍ଷା ବିଭାଗ, ସବରେଜିଷ୍ଟ, ଉପଜିଲ୍ଲାପାଳ, ଡ଼ିଆରଡ଼ିଏ ଓ ତହସିଲ ଆଦି କର୍ମଚାରୀମାନଙ୍କ ଡ୍ରେସକୋଡ଼୍ ନଥିବାରୁ ସାଧାରଣଜନତା କର୍ମଚାରୀମାନଙ୍କୁ ଚିହ୍ନି ପାରୁନାହାନ୍ତି । କାର୍ଯ୍ୟାଳୟକୁ ପ୍ରବେଶ ଓ ପ୍ରସ୍ଥାନ ସମୟରେ ମେସିନ୍‌ରେ ଟିପଚିହ୍ନ ଦେଇ ଯାଆଆସ କରିବା ପାଇଁ ବୁଦ୍ଧିଜୀବୀମାନେ ଦାବି କରୁଛନ୍ତି । ଯେପରି ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ଡ୍ରେସକୋଡ଼ ଯୋଗୁଁ ଚିହ୍ନିପାରି ବିଳମ୍ବରେ ଗଲେ ସାଧାରଣ ଲୋକ ତାଗିଦ୍ କରୁଛନ୍ତି ସେହିପରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀମାନେ ବିଳମ୍ବରେ ଆସିଲେ ଲୋକେ ସେମାନଙ୍କୁ ସତର୍କ କରାଇବେ । ଏହାସହ ଡ୍ରେସକୋଡ଼ ବ୍ୟବହାର କଲେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀବୋଲି ସାଧାରଣ ଲୋକ ଚିହ୍ନି ପାରିବେ । ଏ ସମ୍ପର୍କରେ ଯୁବ ସୁଲଭ ଗୁଣ ସମ୍ପନ୍ନ ଜିଲ୍ଲାପାଳ ଦୃଷ୍ଟିଦେବା ପାଇଁ ଦାବି ହେଉଛି ।

# ରାଜ୍ୟରେ ପ୍ରଥମ : ଏସ୍‌ସିବିରେ ନେକ୍ସଟ୍ ଜେନେରେସନ୍ ସିକ୍ୟୁଏନ୍‌ସିଙ୍ଗ ଲାବ୍ରୋଟୋରି

କଟକ ,୨୩/୧୦ (ନି.ପ୍ର): ରାଜ୍ୟର ପ୍ରଥମ ମେଡିକାଲ କଲେଜ ଭାବେ ଏସ୍‌ସିବିରେ ଉଦ୍‌ଘାଟିତ ହୋଇଯାଇଛି ନେକ୍ସଟ ଜେନେରେସନ୍ ସିକ୍ୟୁଏନ୍‌ସିଙ୍ଗ ଲାବ୍ରୋଟୋରୀ(ଏନ୍‌ଜିଏସ୍) । ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ସରକାରୀ ବ୍ୟବସ୍ଥାରେ ଏହା ପ୍ରଥମ ବୋଲି କୁହାଯାଉଛି । ଏସ୍‌ସିବି ବାୟୋକେମେଷ୍ଟ୍ରି ବିଭାଗରେ ଏହି ଲାବ୍‌କୁ ଏନ୍‌ଏଚ୍‌ଏମ୍‌ର ନିର୍ଦ୍ଦେଶିକା ଡି. ବୃନ୍ଦା ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଏହି ଲାବ୍ରୋଟୋରୀ କୋଭିଡ-୧୯ ଭୂତାଣୁରେ ପରିବର୍ତ୍ତନ ବା ମ୍ୟୁଟେସନ୍ ଏବଂ ଜନସ୍ୱାସ୍ଥ୍ୟ ପ୍ରତି ବିପଦ ଚିହ୍ନଟ କରିବା ଏବଂ ସେମାନଙ୍କ ସଂକ୍ରମଣ ଉପରେ ନଜର ରଖିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଆଶା କରାଯାଏ । ଏହା ଜୀବାଣୁ ବିସ୍ତାରର ଟ୍ରାକ୍ ମଧ ରଖିବ । ଏହା କିପରି ପରିବର୍ତ୍ତନ ହୁଏ ଏବଂ ସେହି ପରିବର୍ତ୍ତନଗୁଡିକ କିପରି ପ୍ରଭାବ ପକାଇପାରେ ତାହା ଉପରେ ମଧ ନଜର ରଖିବ । ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ, ବିପିଏଚ୍ ଡାକ୍ତର ନିରଞ୍ଜନ ମିଶ୍ର, ବରିଷ୍ଠ ଅଧିକାରୀ ଡାକ୍ତର ଅମରେନ୍ଦ୍ରନାଥ ମହାନ୍ତି, ଆରଏମ୍‌ଆରସିର ନିର୍ଦ୍ଦେଶିକା ଡକ୍ଟର ସଂଘମିତ୍ରା ପତି, ଏସ୍‌ସିବି ଡିନ୍ ତଥା ପ୍ରିନ୍‌ସିପାଲ ପ୍ରଫେସର ଡାକ୍ତର ପ୍ରସେନ୍‌ଜିତ ମହାନ୍ତି, ଅଧୀକ୍ଷକ ପ୍ରଫେସର ଡାକ୍ତର ଲୁସି ଦାସ, ବାୟୋକେମେଷ୍ଟ୍ରି ବିଭାଗୀୟ ମୁଖ୍ୟ ପ୍ରଫେସର ଡାକ୍ତର ପ୍ରତିମା ସାହୁ, ପ୍ରଫେସର ଡାକ୍ତର ଅରୁଣ ଚୌଧୁରୀ, ପ୍ରଫେସର ଡାକ୍ତର ସତ୍ୟ ନାରାୟଣ ରାଉତରାୟ, ୟୁଏସ୍‌ଆଇଟିର ସଙ୍ଗୀତା ପଟେଲ ପ୍ରମୁଖ ଉପସ୍ଥିତ ଥିଲେ । ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ, ଜାତୀୟ ସ୍ୱାସ୍ଥ୍ୟ ମିଶନ, ଝାପାଇଗୋ ଦ୍ୱାରା ପରିଚାଳିତ ୟୁଏସ୍‌ଏଆଇଡି ରାଇଜ୍ ପ୍ରମୁଖଙ୍କ ମିଳିତ ସହଯୋଗରେ ଏଭଳି ଲାବ୍ରୋଟୋରୀ କାର୍ଯ୍ୟକ୍ଷମ ହୋଇଛି । ଏହାକୁ କାର୍ଯ୍ୟକାରୀ କରିବା ପାଇଁ ୫ ଦିନିଆ ତାଲିମ୍ ଶିବିର ଏସ୍‌ସିବିରେ ଆରମ୍ଭ ହୋଇଛି ।

# ଜିଲ୍ଲା ବିଜେପି ଶାଖା ତରଫରୁ ସାମ୍ବାଦିକଙ୍କୁ ଆକ୍ରମଣ କରିଥିବା ଦୁର୍ବୃତଙ୍କୁ ଗିରଫ ଦାବି

କେନ୍ଦ୍ରାପଡ଼ା ,୨୩/୧୦ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ବିଜେପି ଶାଖା ତରଫରୁ ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ସାମ୍ବାଦିକଙ୍କ ଉପରେ ଆକ୍ରମଣ କରିଥିବା ଦୁର୍ବୃତଙ୍କୁ ଗିରଫ କରିବା ଦାବିରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଜିଲ୍ଲା ବିଜେପି ଶାଖା ତରଫରୁ ବିନା ନିଲାମରେ ଶହ ଶହ ଟ୍ରିପ ଚୋରା ବାଲି ମେସିନ ସାହାଯ୍ୟରେ ଉଠାଇ ଆଳି ବିଧାୟକ ନିଜ ଘରେ ନିର୍ମାଣ କରୁଥିବା ଅଟ୍ଟାଳିକାରେ ବ୍ୟବହାର କରୁଛନ୍ତି । ଏହି ଖବର ଜାଣିବା ପରେ ଏକ ଟିଭି ଅର୍ଗସ ଚ୍ୟାନେଲର ସାମ୍ବାଦିକ ପ୍ରଭାତ କୁମାର ଲେଙ୍କା ଖବର ସଂଗ୍ରହ କରିବା ପାଇଁ ଆଳି ଯାଇଥିଲେ । ସେଠାରେ ଦୁର୍ବୃତମାନେ ତାଙ୍କୁ ମରଣାତ୍ମକ ଆକ୍ରମଣ କରିବା ସହିତ ଜୀବନରୁ ମାରିବା ଉଦ୍ଦେଶ୍ୟରେ ଆକ୍ରମଣ କରିଥିଲେ । ଏହି ଅପରାଧୀମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡା ଉପୀନ କୁମାର ରାଉତ, ଡ଼ଃ କଳ୍ପନା ମଲିକ, ସାଧାରଣ ସଂପାଦକ ଅଭିମନ୍ୟୁ ଗୋଛାୟତଙ୍କ ସମେତ ବିକ୍ରମାଦିତ୍ୟ ସାହୁ, ଉମାକାନ୍ତ ନାୟକ, ପ୍ରଶାନ୍ତ ସେଠୀ, ଶଶାଙ୍କ ଶେଖର ଓଝା ପ୍ରମୁଖ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସନ୍ଦିପ ମଡକରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବା ସହିତ ସେମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଦାବି କରିଛନ୍ତି ।

# ଅସହାୟ ପରିବାରକୁ ଥଇଥାନ କରିବା ପାଇଁ ପଦକ୍ଷେପ ନେଲା ପ୍ରଶାସନ

ମାଲକାନଗିରି ,୨୩/୧୦ (ନି.ପ୍ର): ମାଲକାନଗିରି ଜିଲ୍ଲା ସଦର ମହକୁମା ସ୍ଥିତ ରିକ୍ଲା ମେସନ କଲୋନିରେ ବାସ କରୁଥିବା ଜଣେ ଅସହାୟ ମହିଳା ଲତା ସିଂ ଗତ ୧୫ ବର୍ଷ ପୂର୍ବେ ଦିଲ୍ଲୀର ବଳବାନ ସିଂ ନାମକ ଯୁବକଙ୍କୁ ବିବାହ କରିଥିଲେ । ତେବେ ସେଠାରେ ସ୍ୱାମୀ ତାଙ୍କ ଉପରେ ଅତ୍ୟାଚାର କରୁଥିବା ବେଳେ ଯନ୍ତ୍ରଣା ଅସହ୍ୟ ହେବାରୁ ଗତ ୬ ମାସ ପୂର୍ବେ ସେଠାରୁ ଚାଲି ଆସି ମାଲକାନଗିରି ସଦରରେ ଥିବା ରିକ୍ଲାମେସନ କଲୋନୀରେ ରହିଥିଲେ । ତେବେ ରୋଜଗାରର ପନ୍ଥା ନଥିବାରୁ ଲତା ପର ଘରେ ବାସନ ମାଜି ଚଳୁଥିବା ବେଳେ ପୁଅ ସନ୍ଦିପ ବିଦ୍ୟୁତ ସରଞ୍ଜାମ ମରାମତି କରି ନାନା କଷ୍ଟରେ ଚଳୁଥିଲେ । ଦୁହେଁ ଅସହାୟ ଅବସ୍ଥାରେ ରହୁଥିବା ବେଳେ ତାଙ୍କୁ ସରକାରୀ ସହାୟତା ଯୋଗାଇବାକୁ ସାଧାରଣରେ ଦାବି ହେଉଥିବାରୁ ଏହି ଖବର ପାଇ ଆଜି ମାଲକାନଗିରି ପୌରପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ କାହ୍ନୁ ଚରଣ ପଟ୍ଟନାୟକ , ନିର୍ବାହୀ ଯନ୍ତ୍ରୀ ଇନ୍ଦୁ ମାଧବ ସରକାର, କନିଷ୍ଠ ଯନ୍ତ୍ରୀ କରଣ ବୁରୁଦା, ସ୍ଥାନୀୟ ୱାର୍ଡର ଏସଡିଏ ସଭାପତି ତଥା ସମାଜ ସେବି କେ.ରାହୁଲ ପ୍ରମୁଖ ତାଙ୍କ ନିକଟରେ ପହଂଚି ଥିଲେ । ଲତାଙ୍କ ସମସ୍ୟା ବିଷୟରେ ପଚାରି ବୁଝିବା ସହ ତାଙ୍କୁ କିଭଳି ରୂପେ ଥଇଥାନ କରାଯିବା ସହ ରାସନ କାର୍ଡ, ଘର ଓ ଅନ୍ୟାନ୍ୟ ସରକାରୀ ସହାୟତା ପ୍ରଦାନ ପାଇଁ ଅଧିକାରୀ ମାନେ ତାଙ୍କ ପତିଶୃତି ଦେଇଥିଲେ ।

# ରସାତଳଗାମୀ ଆରଜିଏଚ୍‌ର ସ୍ୱାସ୍ଥ୍ୟସେବା : ଗର୍ଭବତୀ-ପ୍ରସୂତି ବି ଚଟାଣରେ ଶୋଇ ଚିକିତ୍ସିତ ହେଉଛନ୍ତି

ରାଉରକେଲା ,୨୩/୧୦ (ନି.ପ୍ର): ହସ୍‌ପିଟାଲରେ ଶଯ୍ୟା ନାହିଁ । ଫଳରେ ଚଟାଣରେ ଶୁଆଇ ରୋଗୀଙ୍କୁ ଚିକିତ୍ସା କରାଯାଉଛି । ଗୁରୁତର ରୋଗୀଙ୍କ ମଧ ସମାନ ଅବସ୍ଥା । ସ୍ଥିତି ଯେ ଉଦ୍‌ବେଗଜନକ ହେଲାଣି, ତାହା ଜଳଜଳ ହୋଇ ଦିଶୁଛି । ଏହି ଦୃଶ୍ୟ ଆଦିବାସୀ ଅଧୁଷିତ ସୁନ୍ଦରଗଡ଼ ଜିଲ୍ଲାର କୌଣସି ଅପହଞ୍ଚ ଇଲାକାର ନୁହେଁ; ବରଂ ଏହାହେଉଛି ସ୍ମାର୍ଟସିଟିରେ ଅବସ୍ଥିତ ରାଉରକେଲା ସରକାରୀ ଡାକ୍ତରଖାନା(ଆରଜିଏଚ୍)ର ଦୃଶ୍ୟ । ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବାକୁ ବର୍ଷବର୍ଷ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଉଛି; କିନ୍ତୁ ପୂରଣ କରିବାକୁ ଆନ୍ତରିକତା ଦେଖାଉନାହାନ୍ତି । ଯଦ୍ୱାରା, ସ୍ଥିତି ଏବେ ରସାତଳଗାମୀ । ରାଉରକେଲା ସରକାରୀ ହସ୍ପିଟାଲରେ କେବଳ ରାଉରକେଲା ବାସୀ ନୁହନ୍ତି, ବରଂ ରାଜଗାଙ୍ଗପୁର, ବିରମିତ୍ରପୁର, ନୂଆଗାଁ, ବିଶ୍ରା, ଗୁରୁଣ୍ଡିଆ, ଲହୁଣୀପଡ଼ା, ଓ ବଣାଇ ବ୍ଲକର ରୋଗୀ ନିର୍ଭରଶୀଳ । ଏମିତିକି ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡରୁ ମଧ ଚିକିତ୍ସାସେବା ପାଇବାକୁ ରୋଗୀ ଏଠାକୁ ଆସିଥାନ୍ତି । ପ୍ରତିଦିନ ଏଠାକାର ଓପିଡିରେ ପାଖାପାଖି ହଜାରେରୁ ୧୧ ଶହ ରୋଗୀଙ୍କ ଭିଡ଼ ଉପସ୍ଥିତି ଦେଖିବାକୁ ମିଳିଥାଏ । ତେବେ ଏଠାରେ ବିଭିନ୍ନ ବିଭାଗରେ ମୋଟ ଶଯ୍ୟା ସଂଖ୍ୟା ୪ ଶହ ଶଯ୍ୟା ଥିବାରୁ ରୋଗୀଙ୍କୁ ଶଯ୍ୟା ଟିଏ ବି ମିଳିପାରୁନାହିଁ । ସମସ୍ତ ବିଭାଗରେ ଶଯ୍ୟା ଉପରେ ?ଯେତିକି ରୋଗୀ ଚିକିତ୍ସିତ ହେଉଛନ୍ତି, ସମାନସଂଖ୍ୟକ ରୋଗୀ ତଳେ ଶୋଇ ଚିକିତ୍ସିତ ହେଉଥିବା ଦେଖିବାକୁ ମିଳୁଛି । ଏଥିରୁ ବର୍ତ୍ତି ପାରିନି ଭେଷଜ ତଥା ସ୍ତ୍ରୀ ଓ ପ୍ରସୂତି ଚିକିତ୍ସା ବିଭାଗ । ଏଠାରେ ମଧ ମହିଳାମାନେ ଚଟାଣରେ ଶୋଇ ଚିକିତ୍ସିତ ହେବାର ଦଶ୍ୟ ନିତିଦିନିଆ ହେଲାଣି । ଆରଜିଏଚ୍‌ରେ ଡାକ୍ତରଙ୍କ ମରୁଡ଼ି ଥିବା କହିଲେ ଅତ୍ୟୁକ୍ତି ହେବନାହିଁ । ବର୍ତ୍ତମାନ ଏଠାରେ ୨୯ ଜଣ ବିଶେଷଜ୍ଞ ଡାକ୍ତରଙ୍କ ସମେତ ମୋଟ୍ ୪୧ ଜଣ ଡାକ୍ତର ଅଛନ୍ତି । ବର୍ତ୍ତମାନର ସ୍ଥିତିକୁ ଅବଲୋକନ କଲେ, ଏଠାରୁ ଆହୁରି ୩୦ ଡାକ୍ତର ନିତାନ୍ତ ଆବଶ୍ୟକ । ଡାକ୍ତର ନିଯୁକ୍ତି ପାଇଁ ବିଗତ ଦିନରେ ବିଭିନ୍ନ ରାଜନୈତିକ ଦଳ, ସ୍ୱେଚ୍ଛାସେବୀ ସଂଗଠନ ଦାବି କରିଥିବାବେଳେ ଖୋଦ୍ ହସପିଟାଲ କର୍ତ୍ତୃପକ୍ଷ ମଧ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ; କିନ୍ତୁ କିଛି ସୁଫଳ ମିଳୁନି । ଅପରପକ୍ଷରେ ଏଠାକାର ଭିତ୍ତିଭୂମିର ବିକାଶ ଅନିବାର୍ଯ୍ୟ ହୋଇପଡ଼ିଲାଣି । ଏନେଇ ହସପିଟାଲର ନିର୍ଦ୍ଦେଶକ ଡା. ଏସ.କେ. ସ୍ୱାଇଁ ପ୍ରତିକ୍ରିୟାରେ କହିଛନ୍ତି, ଗ୍ରାମାଞ୍ଚଳରୁ ନେଇ ବିଭିନ୍ନ ବ୍ଲକ ମୁଖ୍ୟାଳୟ ପର୍ଯ୍ୟନ୍ତ, ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର, ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ସେବା ଉପଲବ୍ଧ ଥାଇ ସୁଦ୍ଧା ସାଧାରଣ ପ୍ରସୂତି ରୋଗୀ କିମ୍ବା ସାମାନ୍ୟ ଅସୁସ୍ଥ ରୋଗୀମାନେ ଆରଜିଏଚ୍‌କୁ ଆସୁଛନ୍ତି, ଏଣୁ ଆମ ଉପରେ ଚାପ ରହୁଛି । ବାଧ ହୋଇ ରୋଗୀଙ୍କୁ ଚିକିତ୍ସା ସେବା ଦେବାପାଇଁ ତଳେ ରଖିବାକୁ ପଡୁଛି । ପ୍ରତ୍ୟେକ ଦିନ କେତେ ରୋଗୀ ଭର୍ତ୍ତି ହେଉଛନ୍ତି ଓ ଶଯ୍ୟା କ୍ଷମତା କେତେ ତା'ର ରିପୋର୍ଟ ସରକାରଙ୍କୁ ପ୍ରଦାନ କରାଯାଉଥିବା କହିଛନ୍ତି ।

# ଅବକାରୀ ବିଭାଗ ପକ୍ଷରୁ ୯୪ କିଲୋ ଗଂଜେଇ ଜବତ ୨ ଜଣ ଗିରଫ

ମାଲକାନଗିରି ,୨୩/୧୦ (ନି.ପ୍ର): ମାଲକାନଗିରି ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ୯୪ କିଲୋ ଗଂଜେଇ ଜବତ କରିବା ସହ ୨ ଜଣ ଆସାମୀକୁ ଗିରଫ କରାଯାଇଛି । ଏଥିସହ ଏକ ସ୍କର୍ପିଓ ଗାଡି ମଧ ଜବତ କରାଯାଇଛି । ବିଶେଷ ସୂତ୍ରରୁ ଖବର ପାଇ ଅବକାରୀ ଅଧିକ୍ଷକ ଅରୁଣ କୁମାର ପାଢ଼ୀଙ୍କ ନିର୍ଦ୍ଦେଶକ୍ରମେ ଦୁଇଟି ଟିମ ଗଠନ କରାଯାଇ ବାଲିମେଳା ରାସ୍ତାରେ ପେଟ୍ରୋଲିଂ କରୁଥିବା ବେଳେ ଏମଭି-୩୭ ଗ୍ରାମ ନିକଟରେ ଏକ ସ୍କର୍ପିଓ କାରଟି ଦ୍ରୁତ ଗତିରେ ଆସୁଥିବା ଅବକାରୀ କର୍ମଚାରୀମାନେ ଦେଖିବାକୁ ପାଇଥିଲେହି ଗାଡିକୁ ଅଟକାଇ ଯାଂଚ କରିବା ପରେ ସେଥିରେ ୬୯ କିଲୋ ଗଂଜେଇ ଜବତ କରାଯାଇଥିଲା । ଏଥିସହ ସ୍କର୍ପିଓ ଗାଡିକୁ ମଧ ଜବତ କରାଯାଇଥିଲା । ଏହି ଗାଡିରେ ଗିରଫ ହୋଇଥିବା ଆସାମୀ ଜଣକ ହେଲା ମଧ୍ୟପ୍ରଦେଶ ର ସୋନୁ ଆଶାରୀ । ଏହି ଗଂଜେଇ ଚିତ୍ରକୋଣ୍ଡା ରୁ ମଧ୍ୟପ୍ରଦେଶକୁ ଚାଲାଣ କରାଯାଉଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି ।ସେହିପରି ଅନ୍ୟ ଏକ ଘଟଣାରେ ଏମଭି-୧୧ ନିକଟରେ ଅବକାରୀ ବିଭାଗର ଅନ୍ୟ ଏକ ଟିମ ପେଟ୍ରୋଲିଂ କରୁଥିବା ବେଳେ ଜଣେ ବ୍ୟକ୍ତି ଏକ ଧଳା ଜରି ବ୍ୟାଗରେ କଛି ଧରି ରାସ୍ତା କଡରେ ଛିଡା ହୋଇଥିବା ଦେଖିଥିଲେ । ସେହି ବ୍ୟକ୍ତିଙ୍କ ନିକଟକୁ ଯାଇ ଯାଂଚ କରିବା ପରେ ସେଥିରେ ୨୫ କିଲୋ ଗଂଜେଇ ରହିଥିବା ଅବକାରୀ କର୍ମଚାରୀ ଦେଖିବାକୁ ପାଇଥିଲେ । ତୁରନ୍ତ ଗଂଜେଇ ଜବତ କରିବା ସହ ଗଂଜେଇ ଚାଲାଣ କରୁଥିବା ଆସାମୀକୁ ଗିରଫ କରିଥିଲେ । ଏହି ବ୍ୟକ୍ତି ମଧ ମଧ୍ୟପ୍ରଦେଶର ଫରିଦ ମହମ୍ମଦ । ଦୁହିଁକୁ ଆଜି କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଇନସପେକ୍ଟର ଉଦୟଲାଲ ନାୟକ ପ୍ରକାଶ କରିଛନ୍ତି । ଏହି ଚଢାଉରେ ଆଶିଷ କୁମାର ନାୟକ, ଗଦାଧର ମହାରଣା, ଜ୍ଞାନରଂଜନ ସାହୁ, ଅକ୍ଷୟ କୁମାର ଜେନା, ପଣ୍ଡା ନାଗେଶ, ଦିନେଶ କୁମାର, ଜୁଲି ସା ପ୍ରମୁଖ ଅଂଶଗ୍ରହଣ କରିଥିଲେ ।



# ତମସୋ ମା ଜ୍ୟୋତିର୍ଗମୟ

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
ସୋମବାର, ଅକ୍ଟୋବର ୨୪, ୨୦୨୨

# ଆଲୋକର ପର୍ବ : ଦୀପାବଳି

ବିପିନ ବିହାରୀ ମହାନ୍ତି

ସାଧାରଣତଃ ଦୀପାବଳି ବା ଦିଓ୍ୱାଲି କହିଲେ 'ଆଲୋକର ଉତ୍ସବ'କୁ ବୁଝାଏ। ଏହା ସାରା ଭାରତରେ ଆଲୋକମାଳା, ବାଣଫୁଟା ଏବଂ ମିଠାର ସୁଆଦିଆ ସମ୍ଭାରରେ ପାଳିତ ହୁଏ। ଏହା ହିନ୍ଦୁମାନଙ୍କର ଏକ ସର୍ବଭାରତୀୟ ପର୍ବ। ଏହା ମାରଓ୍ୱାଡ଼ି, ଗୁଜୁରାଟି ଏବଂ ବ୍ୟବସାୟୀମାନଙ୍କର ନୂଆବର୍ଷର ଆରମ୍ଭ ଦିବସକୁ ସ୍ୱାଗତ କରାଯାଏ। ଏହିଦିନ ନୂଆ ଖାତା ଆରମ୍ଭ ହୁଏ। ଏହା କାର୍ତ୍ତିକ ଅମାବାସ୍ୟା ଦିନ ପଡ଼େ। ବାସ୍ତବରେ ଏ ଉତ୍ସବ କାର୍ତ୍ତିକ କୃଷ୍ଣପକ୍ଷର ତ୍ରୟୋଦଶର ହ୍ରାସଚନ୍ଦ୍ର ଦିବସଠାରୁ ଆରମ୍ଭ ହୋଇ କାର୍ତ୍ତିକ ଶୁକ୍ଳପକ୍ଷ ବୃଦ୍ଧିଚନ୍ଦ୍ର ଦ୍ୱିତୀୟ ଦିବସ ଯାଏଁ ଚାଲେ। ଅର୍ଥାତ୍ ଦୀପାବଳି ବା ଦିଓ୍ୱାଲି ପାଞ୍ଚଦିନ ଧରି ଚାଲେ।

ଦୀଓ୍ୱାଲି ପାଞ୍ଚଦିନର ପ୍ରଥମ ଦିବସ ଅର୍ଥାତ୍ କାର୍ତ୍ତିକ କୃଷ୍ଣପକ୍ଷ ତ୍ରୟୋଦଶୀ ଦିବସକୁ କୁହନ୍ତି 'ଧନତେରସା'। ଏହିଦିନ ଲୋକମାନେ ନୂଆ ବାସନକୁସନ ବା ବ୍ୟବହାର ପାତ୍ର କିଣିଥାନ୍ତି। ବିଶ୍ୱାସ ଯେ ଏହାଦ୍ୱାରା ତାଙ୍କ ଘରୁ ସବୁ କୁପ୍ରଭାବ ଏବଂ ରୁଗ୍ଣ ସ୍ୱାସ୍ଥ୍ୟ ଦୂର ହୋଇଥାଏ ଏବଂ ତା' ସହିତ ସୁଭାଗ୍ୟ ବା ସୌଭାଗ୍ୟ ବାଣ୍ଟିଥାଏ। ଏହି କାରଣରୁ ଚିକିତ୍ସା ବିଦ୍ୟାର ଈଶ୍ୱର 'ଧନ୍ୱନ୍ତରୀ'ଙ୍କର ପୂଜା ଏହିଦିନ କରାଯାଇଥାଏ। ଧନ୍ୱନ୍ତରୀହିଁ ଉତ୍ତମ ସ୍ୱାସ୍ଥ୍ୟର ପ୍ରତୀକ।

କାର୍ତ୍ତିକ କୃଷ୍ଣ ଚତୁର୍ଦ୍ଦଶୀ ଅର୍ଥାତ୍ ଦୀପାବଳିର ଦ୍ୱିତୀୟ ଦିବିସକୁ କୁହନ୍ତି ନରକ ଚତୁର୍ଦ୍ଦଶୀ। ଏହିଦିନ ଭଗବାନ ବିଷ୍ଣୁଙ୍କୁ ଶ୍ରଦ୍ଧା ଓ ଭକ୍ତିର ସହ ପୂଜା କରାଯାଏ। ଏଇଥିପାଇଁ ଯେ ସେ ତାଙ୍କ ଅଷ୍ଟମାବତାର ଅର୍ଥାତ୍ କୃଷ୍ଣବତାରରେ ନରକାସୁରକୁ ବଧ କରିଥିଲେ ଏବଂ ଲୋକଙ୍କ ମଧ୍ୟରେ ଶାନ୍ତି, ସୌହାର୍ଦ୍ଦ୍ୟ ଏବଂ ନିର୍ଭୟତା ଫେରାଇ ଆଣିଥିଲେ। ଏହି ଲୋକମାନେ ଖୁସିରେ ଆତସବାଜି ଓ ଦୀପଜାଳି ଏ ଦିବସଟିକୁ ପାଳନ କରନ୍ତି ବୋଲି କୁହାଯାଏ। କେତେକ ଏହିଦିନ ରାତ୍ରୀରେ ଗଣେଜପୂଜା କରନ୍ତି। ପିଲାମାନେ ସଂଧ୍ୟାକୁ ଝିରିଝିରି ବାଣ ଇତ୍ୟାଦି ଜାଳି ମଜା ଉଠାନ୍ତି ଏବଂ ମିଠା ବାଣ୍ଟନ୍ତି ଓ ଖାଆନ୍ତି। ଏହି ଦିବସକୁ ମାରଓ୍ୱାଡ଼ି ଏବଂ ଗୁଜୁରାଟୀମାନେ ଛୋଟ ଦୀପାଳି ହିସାବରେ ପାଳନ କରନ୍ତି।

କାର୍ତ୍ତିକ କୃଷ୍ଣପକ୍ଷ ପଞ୍ଚଦଶ ଦିବସ ଅର୍ଥାତ୍ କାର୍ତ୍ତିକ ଅମାବାସ୍ୟାକୁ କୁହନ୍ତି ଦିଓ୍ୱାଲି ଦିବସ। ଏହିଦିନ ଭଗବାନ ବିଷ୍ଣୁ ତାଙ୍କ ସପ୍ତମ ଅବତାର ଅର୍ଥାତ୍ ରାମାବତାରରେ ଲଙ୍କାରେ ରାବଣକୁ ବଧକରି ଏବଂ ସୀତାଙ୍କୁ ଉଦ୍ଧାର କରି ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରିଥିଲେ ଏବଂ ସେଦିନ ପ୍ରଜାମାନେ ଏମିତି ଦୀପଜାଳି, ବାଣ ଓ ରୋଷଣୀରେ ତାଙ୍କୁ ସ୍ୱାଗତ କରିଥିଲେ। ସେଦିନ ବଡ଼ି ସକାଳୁ ଲୋକମାନେ ନିଜ ନିଜ ଘରକୁ ସଜାଇବାରେ ବ୍ୟସ୍ତ ରୁହନ୍ତି। ଘରେ ବିଶେଷକରି ଦୁଆର ଏବଂ ଝରକାମାନଙ୍କରେ, ବେଦୀରେ ଏବଂ ଘରର ପ୍ରମୁଖ ରାସ୍ତାକଡ଼କୁ ସେମାନେ ଆମ୍ୱପତ୍ରର ତୋରଣ ଓ ମଣ୍ଡାଫୁଲମାନଙ୍କ ମାଳରେ ସଜାଇ ଥାଆନ୍ତି । ଏଣୁ ଏ ଦିନଟି ରାମଚନ୍ଦ୍ର ଓ ସୀତାଙ୍କ ପ୍ରତି ଏକ ଫେରନ୍ତା ସ୍ମାରକୀ ରୂପେ ପାଳିତ ହୁଏ।

ଏହିଦିନ ଅନ୍ନଦାତ୍ରୀ ଲକ୍ଷ୍ମୀ ପ୍ରତିଟି ଘରକୁ ପରିଦର୍ଶନରେ ଯାଆନ୍ତି ବୋଲି ବିଶ୍ୱାସ କରାଯାଏ। ଏଣୁ ଏହିଦିନ ଲୋକେ ଲକ୍ଷ୍ମୀପୂଜା



ମଧ୍ୟ କରନ୍ତି। ଲୋକଙ୍କ ମତରେ ଏହିଦିନ ଲକ୍ଷ୍ମୀ ପୂଜିଲେ ମା' ଲକ୍ଷ୍ମୀଙ୍କ କରୁଣାରୁ ସେମାନେ ସୁଖ ଓ ସମୃଦ୍ଧି ଲାଭ କରିବେ।

ଏହିଦିନ ପର୍ଶ୍ଚିମ ବଙ୍ଗରେ ଅର୍ଥାତ୍ ବଙ୍ଗାଳୀମାନେ କାଳୀ ପୂଜାରେ ନିଜକୁ ବ୍ୟସ୍ତ ରଖନ୍ତି।

ଏହିଦିନ ପୟା ଶ୍ରାଦ୍ଧ ଦିଆଯାଏ। ମହାଳୟା ଅବସରରେ ପିତୃପୁରୁଷଙ୍କୁ ସ୍ୱାଗତ କରି ସନ୍ତାନମାନେ ନିଜ ନିଜ ଗୃହରେ ମାସେ ପୂଜିବାର ଅବକାଶ ପାଇଥାଆନ୍ତି। କାର୍ତ୍ତିକ ଅମାବାସ୍ୟା ଅବସରରେ ପୁନଶ୍ଚ ଶ୍ରାଦ୍ଧବାଡ଼ି ସଂଧ୍ୟାକୁ ସେମାନଙ୍କୁ ପିତୃଲୋକକୁ ବିଦାୟ ଦେଇଥାଆନ୍ତି। ସେଥିପାଇଁ ଦୀପ ଓ କାଉଁରିଆ (ପିମ୍ଫେଇ) ଜାଳି ତାଙ୍କୁ ସ୍ୱର୍ଗମାର୍ଗ ଦେଖାଯାଏ। ଏଣୁ ଏହାକୁ ମଧ୍ୟ ପିମ୍ଫେଇ ଅମାବାସ୍ୟା କୁହାଯାଏ।

କାର୍ତ୍ତିକ ଶୁକ୍ଳ ପ୍ରତିପଦା ଅର୍ଥାତ୍ ଦୀପାବଳିର ଚତୁର୍ଥ ଦିବସକୁ କୁହନ୍ତି 'ଅଣକୁଟ'। ଏହିଦିନ ଭଗବାନ ବିଷ୍ଣୁ ଓ ଗିରି ଗୋବର୍ଦ୍ଧନଙ୍କର ପୂଜା ହୁଏ। କାରଣ ଏହିଦିନ ଇନ୍ଦ୍ରଙ୍କର ସପ୍ତଦିନ ବ୍ୟାପୀ ବର୍ଷାର କୋପରୁ ଶ୍ରୀକୃଷ୍ଣ ଗିରିଗୋବର୍ଦ୍ଧନକୁ ନିଜ କାଣିଆଙ୍ଗୁଠିରେ ଟେକିଧରି ତା' ତଳେ ଗୋକୁଳ ଓ ଗୋପବାସୀଙ୍କୁ ଆଶ୍ରୟ ଦେଇ ଇନ୍ଦ୍ରଙ୍କର ଗର୍ବ ଗଞ୍ଜନ କରିଥିଲେ। ଏହଦିନଟି ତା'ର ଏକ ସ୍ମାରକୀ। ଏ ତିଥିରେ ମଧ୍ୟ ଭିନ୍ନ ଏକ ବିଶ୍ୱକର୍ମା ପୂଜା। ଏହିଦିନ ମଧ୍ୟ ଶ୍ରମିକମାନେ ତାଙ୍କର ଯନ୍ତ୍ରପାତି ଓ ସାଜସଜ୍ଜାକୁ ପୂଜା କରନ୍ତି।

ଦୀପାବଳିର ଶେଷ ଦିବସ ଅର୍ଥାତ୍ କାର୍ତ୍ତିକ ଶୁକ୍ଳପକ୍ଷ ଦ୍ୱିତୀୟାରେ ପାଳିତ ହୁଏ। ଏହାକୁ 'ଭାଇଦୁଜା' ଉତ୍ସବ କୁହାଯାଏ। ଏହିଦିନ ଯମୁନା ନଦୀ ତା'ର ଭାଇ ଯମକୁ ବହୁଦିନର ବ୍ୟବଧାନ ପରେ ପରସ୍ପରକୁ ସାକ୍ଷାତ କରିଥିଲେ। ଏହିଦିନ ଭଉଣୀ ଯମୁନା ଭାଇ ଯମର କପାଳରେ ତିଳକ ଦେଇ ତାଙ୍କଠାରୁ ଆଶୀର୍ବାଦ ଓ ଉପହାର ପାଇଥିଲେ। ଏହି କାରଣରୁ ରାକ୍ଷୀ ପୂର୍ଣ୍ଣିମାରେ ଭଉଣୀମାନେ ଭାଇ ହସ୍ତରେ ଶୁଭ ଓ ସୁରକ୍ଷା ମନାସୀ ରାକ୍ଷୀ ବାନ୍ଧିଲାପର, ସେମାନେ ଏହିଦିନ ଭାଇର କପାଳରେ ତିଳକ ଦେଇ ଆଶୀର୍ବାଦ ଭିକ୍ଷା କରନ୍ତି।

ଦୀପାବଳି ଭାରତୀୟମାନଙ୍କୁ ପ୍ରଚୁର ଆନନ୍ଦ ଦେବାରେ ଏକ ଉଲ୍ଲେଖନୀୟ ଉତ୍ସ୍।

ଦୀପାବଳି ପ୍ରତିଟି ହିନ୍ଦୁ ପରିବାରରେ ଦେଶ-ବିଦେଶରେ ପାଳିତ ହୁଏ। ଏବେ ଏହା ଏକ ବିରାଟ ଗଣପର୍ବ। ଦଶହରା ହିନ୍ଦୁ ଜାତିର ପର୍ବ। ଏଥିରେ ଏବେ ଅନ୍ୟାନ୍ୟ ଧର୍ମର ବ୍ୟକ୍ତିମାନେ ଅଂଶୀଦାର ହେଲେଣି। ଦୂର ଅତୀତ ଯୁଗରୁ ଏହା ବିଶେଷକରି ଭାରତ ଭୂଖଣ୍ଡେ ପାଳିତ ହୁଏ। ଏମିତିକି ବିଧର୍ମୀ ମୋଗଲ ସମ୍ରାଟ ଏବଂ ଅନ୍ୟମାନେ ଏକଦା ଏହାର ଅଂଶୀଦାର ଥିଲେ ଏବଂ ଏବେବି ଅଛନ୍ତି। ଏହା ଏକ ଭାଇଚାରା, ଏକତା ସଦ୍‌ଭାବ ଏବଂ ସଂହତିର ପ୍ରତୀକ।

ଏପର୍ବର କାରଣ ନେଇ ବିହୁବିଧ ଦୃଷ୍ଟାନ୍ତ ଦେଲେ। ତେବେ କୌଣସି ଧର୍ମ / ପର୍ବ ବିଜ୍ଞାନ ସମ୍ମତ ରହିତ ନୁହେଁ। ଦୀପାବଳିରେ ବ୍ୟବହୃତ ଦୀପାଳି, ଆତସବାଜି, ରୋଷଣୀ ଏମିତିକି ପୂଜା ସାମଗ୍ରୀ ସମସ୍ତେ ଅନିଷ୍ଟକାରୀ କୀଟ, ପୋକ ଏବଂ ଅଣୁ ନାଶକ; ପରିବେଶ ବିଶୋଧକ ଅଥଚ ଅତ୍ୟଧିକ ବିସ୍ଫୋରକ / ବାଣର ବ୍ୟବହାର ଶବ୍ଦ ପ୍ରଦୂଷକ। ବେଳେବେଳେ ଏହା କୌଣସି ବ୍ୟବହାର କେନ୍ଦ୍ରର ଦାହ ଅଥବା କାହାର ଆହତ/ମୃତ୍ୟୁର କାରଣ ହୋଇଥାଏ। ଏଥିକୁ ସମସ୍ତେ ସଚେତନ ରହିବା ଉଚିତ୍।

+ଅଧ୍ୟକ୍ଷ ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ,
ବିପିନ ବିହାରୀ ପାଠାଗାର,
ଜଟଣୀ
ମୋ: ୯୯୩୮୩୪୧୩୮

# ଆଲୋକର ପର୍ବ ଦୀପାବଳି

କାଳି ଦାସ



ଅମାବାସ୍ୟାର ଅନ୍ଧକାରକୁ ଦୂର କରିବାପାଇଁ ସହ ସହ ଦୀପ ପ୍ରତ୍ୟେକ ଘରେ ଲାଗିଥାଏ । ଭାରତର ପ୍ରତ୍ୟେକ ପର୍ବ ଆଧ୍ୟାତ୍ମିକ ଚେତନା, ମାନବିକ ମୂଲ୍ୟବୋଧକୁ କେନ୍ଦ୍ର କରି ହୋଇଥାଏ । ଅନ୍ଧକାର ଅଜ୍ଞାନକୁ ପ୍ରତିନିଧିତ୍ୱ କରେ । ଆଲୋକ ଜ୍ଞାନକୁ ପ୍ରତିନିଧିତ୍ୱ କରିଥାଏ । କୁହାଯାଏ ପ୍ରଥମେ ଦୀପାବଳି ଅଯୋଧ୍ୟାରେ ପାଳନ କରାଯାଇଥିଲା । ପ୍ରଭୁ ଶ୍ରୀ ରାମ ଚନ୍ଦ୍ର ୧୪ ବର୍ଷ ବନବାସ ଶେଷ କରି ଛୋଟ ଭାଇ ଲକ୍ଷ୍ମଣ ଓ ସ୍ତ୍ରୀ ସୀତାକୁ ନେଇ ଅଯୋଧ୍ୟା ଫେରିଥିଲେ । ଅଯୋଧ୍ୟା ବାସୀ ରାମଚନ୍ଦ୍ରଙ୍କ ସ୍ୱାଗତ ପାଇଁ ଦୀପ ରେ ଘର ସଜାଇ ଥିଲେ । ସେଠାରୁ ଏହି ପରମ୍ପରା ଚାଲିଛି । କାଶ୍ମୀରଠାରୁ କନ୍ୟାକୁମାରୀ ଯାଏଁ ସବୁଠି ଦୀପାବଳିର ଭବ୍ୟ ସମାରୋହ ଦେଖିବାକୁ ମିଳିଥାଏ । ଦୀପାବଳି ହେଲା ଆଲୋକର ପର୍ବ, ବନ୍ଧୁ ମିଳନର ପର୍ବ । ଜ୍ଞାନ ଓ ବୈରାଗ୍ୟର ପର୍ବ।

ଲୋକ ମାନେ ଦୀପାବଳିର ସ୍ୱାଗତ ହୃଦୟର ସହିତ କରିଥାନ୍ତି। ଘର ଲିପା ପୋଛା ସଫା ସୁତୁରା କରାଯାଇଥାଏ । ଫୁଲ ମାଳ ଘରେ ଘରେ ଲାଗିଥାଏ । ଉତ୍ତରଭାରତ ରେ ଦୀପାବଳିର ମହତ୍ୱ ଅଲଗା ରହିଛି । ଦୀପାବଳି କେବଳ ଗୋଟିଏ ଦିନର ପର୍ବ ନୁହେ ବରଂ ଏହା ପାଞ୍ଚ ଦିନ ଯାଏଁ ଚାଲିଥାଏ। ଧନତରସ ତ୍ରୟୋଦଶୀ ତିଥିକୁ କୁହାଯାଏ । ଏହି ଦିନ ଧନ୍ୱନ୍ତରଙ୍କ ଜନ୍ମ ହୋଇଥିଲା ।

ସମୁଦ୍ର ମନ୍ଥନ ବେଳେ ଧନ୍ୱନ୍ତରୀ ଅମୃତର କଳସ ଧରି ସମୁଦ୍ର ମନ୍ଥନରୁ ବାହାରି ଆସିଥିଲେ ତେଣୁ ଧନ୍ୱାନ୍ତ୍ରୀଙ୍କ ଜନ୍ମକୁ ଧନତରସ କୁହାଯାଇଥାଏ। ଏହି ଦିନ ଲୋକମାନେ ସୁନା, ରୂପା ଓ ବାସନ ପତ୍ର କିଣିଥାନ୍ତି ଏହା ଦ୍ୱାରା ଘରର ଆର୍ଥିକ ପରିସ୍ଥିତି ସୁଧୁରିଥାଏ ବୋଲି ବିଶ୍ୱାସ ରହିଛି । ତା ପରଦିନ କୁ ଛୋଟ ଦୀପାବଳି ବୋଲି କୁହାଯାଏ । ଘରେ ଘରେ ଦୀପ ଲାଗିବା ଆରମ୍ଭ ହୋଇଯାଇଥାଏ । ତାପର ଦିନ କୁ କୁହାଯାଏ ଦୀପାବଳି। ଏହି ଦିନ ଉତ୍ତରଭାରତରେ ଲୋକମାନେ ଲକ୍ଷ୍ମୀ ଏବଂ ଗଣେଶଙ୍କ ଆରାଧନା ବା ପୂଜା କରିଥାନ୍ତି । ଓଡିଶା ରେ ଏବଂ ପର୍ଶ୍ଚିମବଙ୍ଗ ରେ କାଳୀପୂଜା ମେଢ ହୋଇଥାଏ । ଦୀପାବଳି ପରଦିନକୁ ଗୋବର୍ଦ୍ଧନ ଉତ୍ସବ କୁହାଯାଏ । ଏହି ଦିନ ଭଗବାନ ଶ୍ରୀ କୃଷ୍ଣ ଗୋବର୍ଦ୍ଧନ ପର୍ବତ କୁ ନିଜ କାଣୀ ଆଙ୍ଗୁଠିରେ ଉଠାଇଥିଲେ ଏବଂ ବୃନ୍ଦାବନରେ ବସାବାସ କରିଥିବା ଲୋକଙ୍କୁ ଇନ୍ଦ୍ରଙ୍କ କୋପ ରୁ ବଞ୍ଚାଇଥିଲେ । ତାପର ଦିନ ହେଲା "ଭାଇଦୁଜ" ବା ଭାତୃଦ୍ୱିତୀୟା। ଏହି ଦିନ ଭଉଣୀ ମାନେ ଭାଇଙ୍କ ପାଇଁ ଉପବାସ କରିଥାନ୍ତି ଭାଇର ଦୀର୍ଘ ଜୀବନ କାମନା କରିଥାନ୍ତି ଓ ଭାଇଠାରୁ ଉପହାର ପାଇଥାନ୍ତି । ଭାଇ ଭଉଣୀଙ୍କା ସ୍ନେହର ପ୍ରତୀକ ଭାଇଦୁଜ ।

ଓଡିଶାରେ ଦୀପ ଦାନ ଓ ପୟା ଶ୍ରାଦ୍ଧ କରାଯାଇଥାଏ । ବିଶ୍ୱାସ ଏହି ଯେ ପିତୃ ପକ୍ଷ ବା ଉପର ପକ୍ଷରେ ପିତୃ ମାନେ ନିଜର ପରିବାର ପାଖକୁ ଆସିଥାନ୍ତି ଏବଂ ଦୀପାବଳି ଦିନ ପୁଣି ପିତୃଲୋକ ଫେରିଯାଇଥାନ୍ତି ତେଣୁ ପିତୃଙ୍କୁ ଅମାବାସ୍ୟାର ଅନ୍ଧକାର ସେମାନଙ୍କ ଗତିରେ ବାଧା ନ ସୃଷ୍ଟି କରୁ ସେଥିପାଇଁ ପିତୃଲୋକଙ୍କ ଉଦେଶ୍ୟରେ ଆଲୋକ ଦେଖାଯାଇଥାଏ । ଏହା ପରଠାରୁ କାର୍ତ୍ତିକ ମାସର ଅନ୍ୟ ପର୍ବ ଆସିଯାଏ ।

ଦୀପାବଳିର ଆଲୋକ ସଜ୍ଜା ଆମକୁ ଅନେକ କିଛି ଶିଖାଏ । ଆସୁରିକ ଶକ୍ତି ଉପରେ ଦୈବିକ ଶକ୍ତିର ବିଜୟ ଏବଂ ଅସତ୍ୟ ଉପରେ ସତ୍ୟର ବିଜୟକୁ ଦର୍ଶାଇଥାଏ ।

ଦୀପାବଳି ଦିନ ଲୋକମାନେ ଆତିସବାଜି କରିଥାନ୍ତି କିନ୍ତୁ ଏଥିପାଇଁ ଧ୍ୱନିପ୍ରଦ୍ୟୁଷଣ ଏବଂ ବାୟୁ ପ୍ରଦ୍ୟୁଷଣ ହୋଇଥାଏ । ଧ୍ୱନିପ୍ରଦ୍ୟୁଷଣ କେବଳ ମଣିଷର ସାମସ୍ୟା ନୁହେ ବରଂ ଏହା ଜୀବଜନ୍ତୁ ପଶୁପକ୍ଷୀ ସମସ୍ତଙ୍କପାଇଁ ସମସ୍ୟା ସୃଷ୍ଟି କରେ । ବାୟୁପ୍ରଦ୍ୟୁଷଣ ସମସ୍ତ ଜୀବଜଗତ ପାଇଁ ଏକ ସମସ୍ୟା। ଅନେକ ରାଜ୍ୟ ସରକାର ଆତିସବାଜି ବା ବାଣ ଫୁଟାଇବାରେ ଆଙ୍କୁଶ ଲଗାଇଛନ୍ତି । କିଛି ନିର୍ଦ୍ଦିଷ୍ଟ ସମୟ ଭିତରେ ବାଣ ଫୁଟାଇବେ ଏବଂ ତାପରେ ଫୁଟାଇଲେ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଘୋଷଣା କରିଛନ୍ତି । ଦିଲ୍ଲୀ ବର୍ତ୍ତମାନ ପ୍ରଦ୍ୟୁଷଣର ସମସ୍ୟା ଘେରରେ ରହିଛି ତେଣୁ ଦିଲ୍ଲୀ ସରକାର ସବୁଜ ଦିଲ୍ଲୀ କରିବା ପାଇଁ ବାଣକୁ ବ୍ୟାନ କରିଛନ୍ତି । ବାଣ ଫୁଟେଇବା ଦ୍ୱାରା ବାୟୁମଣ୍ଡଳରେ ରାସାୟାନିକ ପ୍ରତିକ୍ରିୟା ଦେଖିବାକୁ ମିଳେ ଯାହା ଦ୍ୱାରା ଧୂଆଁ ଭାରିଥାଏ ଏବଂ କାର୍ବନ ଡାଇଅକ୍ସାଇଡ, କାର୍ବନ ମୋନୋକ୍ସାଇଡ ଏବଂ ନାଇଟ୍ରୋଯନ ଗ୍ୟାସ ସୃଷ୍ଟି ହୋଇଥାଏ । ଏହା ସବୁଜ ଘରର ଗ୍ୟାସ। ଏହା ଦ୍ୱାରା ବାୟୁମଣ୍ଡଳରେ ଉତ୍ତାପ ବଢିଥାଏ। ବେଳେ ବେଳେ ବାଣ ଫୁଟାଇବା ଦ୍ୱାରା କିଛି ପ୍ରଦ୍ୟୁଷଣ ବାୟୁମଣ୍ଡଳ ରେ ମିଶିଯାଏ ଯାହା ସିଧାସଳଖ ଆମର ଫୁସଫୁସ ଓ ରକ୍ତରେ ମିଶିଯାଏ ଏବଂ ଆମକୁ ଅସୁସ୍ଥ କରିଥାଏ । ଧ୍ୱନି ପ୍ରଦ୍ୟୁଷଣ ବଧିର କରିଦେଇଥାଏ। ଏଥିପାଇଁ ରକ୍ତ ଚାପ ବଢିଥାଏ । ନିଦ ହୁଏନାହି । ଦୀପାବଳିର ଆନନ୍ଦ ଆମେ ସେତେବେଳେ ନେଇପାରିବା ଯେତେବେଳ ଯାଏଁ କୌଣସି ଦୁର୍ଘଟଣା ଘଟିନାହି । ଘରେ ଦୀପ ଲାଗିଥାଏ ବାଣ ଫୁଟାଯାଇଥାଏ ଏହି ସବୁ ଥି ପାଇଁ ଦୁର୍ଘଟଣା ଘଟିବାର ବହୁତ ସମ୍ଭାବନା ରହିଥାଏ ତେଣୁ ସମସ୍ତେ ସତର୍କତା ଅବଲମ୍ବନ କରି ପର୍ବ ପାଳନ କରିବା କଥା ।

ଦୀପ ଲଗାଇବାର ପରମ୍ପରାରେ କିଛି କାରଣ ମଧ୍ୟ ରହିଛି । ବର୍ଷା ଦିନ ପରେ ଦୀପାବଳି ଆସିଥାଏ । ବର୍ଷା ଦିନରେ ଅନେକ ପ୍ରକାର କୀଟପତଙ୍ଗ ଜନ୍ମ ନେଇଥାନ୍ତି । ଅବାଞ୍ଛିତ କୀଟପତଙ୍ଗ ଏହି ଦୀପ ର ନିଆଁରେ ଝାସ ଦେଇଥାନ୍ତି । ଆଜିକାଲି ଦୀପ ପରିବର୍ତ୍ତେ ଘରେ ଘରେ ଲିଚୁ ଲାଇଟ ଲଗାଉଛନ୍ତି ଏଥିରେ କୀଟପତଙ୍ଗର କୌଣସି ହାନି ହେଉନାହି ବରଂ ପରିବେଷ ଆଧିକ ଦୂଷିତ ହେଉଛି । ଆମର ସମସ୍ତ ପର୍ବ ପର୍ବାଣି ବା ଉତ୍ସବ ଆମ ଜୀବନରେ ଆନନ୍ଦ ଆଣିଥାନ୍ତି । ଭାରତୀୟ ସଂସ୍କୃତିରେ ସମସ୍ତ ପର୍ବ ପର୍ବାଣି ଆଧ୍ୟାତ୍ମିକ ଭିତ୍ତିଭୂମି ଉପରେ ଆଧାରିତ । ସମସ୍ତ ନକାରାତ୍ମକ ବିଚାର ଧାରାଠୁ ଅଲଗା ହୋଇ ସକାରାତ୍ମକ ବିଚାର ସହିତ ଏକାକାର ହୋଇଯିବାର ଗୋଟିଏ ପ୍ରୟାସ। ।

+ବ୍ରହ୍ମପୁର, ଖୋଡ଼ାସିଙ୍ଗ
କଳିଙ୍ଗନଗର ,
ମୋ: ୭୨୦୫୧୦୦୮୩୯



## ଦୀପଟିଏ ଜଳାଇବା

ଅକ୍ଷୟ କୁମାର ରାଉତ

ଦୀପଟିଏ ଜଳାଇବା
ତୁଳସୀ ଚଉଁରା ମୂଳେ
ଦୀପଟିଏ ଜଳାଇବା
ପରମ୍ପରା, ସଂସ୍କୃତିକୁ
ଜୀବିତ ରଖିବାକୁ କାଳେ କାଳେ ।
ଦୀପଟିଏ ଜଳାଇବା ହୃଦୟ ଭିତରେ
ଦୂର କରିବାକୁ ଅହଙ୍କାର ରୂପି ଅନ୍ଧାରକୁ
ଜମାଟ ବାନ୍ଧିଥିବା ମିଥ୍ୟାର ପାହାଡକୁ ।
ଦୀପ ଟିଏ ଜଳାଇବା ମନ ଭିତରେ
ଦୂର କରିବାକୁ ସଙ୍କୁଚିତ ବିଚାରଧାରାକୁ
ଡହ ଡ଼ହ ଜଳୁଥିବା ଈର୍ଷା ଓ ହିଂସାକୁ ।
ନିରାଶାକୁ ଦୂର କରିବାକୁ
ଆଶାର ଦୀପଟିଏ ଜଳାଇବା
ଭଗ୍ନ ହୃଦୟରେ ବିଶ୍ୱାସ ଜାଗ୍ରତ ପାଇଁ
ଦୀପଟିଏ ଜଳାଇବା
ସମାଜରେ ସୁଖ,ଶାନ୍ତି ସମୃଦ୍ଧି ପାଇଁ
ବିଶ୍ୱାସର ଦୀପଟିଏ ଜଳାଇବା ।

+ବାଳକାଟି, ଆଳି, କେନ୍ଦ୍ରାପଡା
ମୋ: ୯୭୧୧୦୬୯୪୨୫

## ଦୀପାବଳୀ

ପ୍ରିୟଙ୍କା ବିଶି

କାକର କୁହୁଡି ସାଥିରେ ଧରି ,
ପାଦ ଚିପି ଚିପି ଆସିଛି ଚାଲି।
ଧରଣୀ ରାଣୀ ଦିଶେ ସୁନ୍ଦର,
କୁହୁଡି କାକର ପଣତ ତାର।
ସବୁଜ କ୍ଷେତରେ ଲହଡ଼ି ଭାଙ୍ଗି,
ଅପାର ଆନନ୍ଦ ରହିଛି ଲାଗି।
ବନ୍ୟା ବିଭୀଷିକା କରାଳ ରୂପ,
ସହି ନ ପାରଇ ହେଲେ ସନ୍ତାପ।
ଏ ସମୟେ ଦିବ୍ୟ ଧରାକୁ ଆସି,
ପାପର ଭାରକୁ ଦେଲେ ଉଶ୍ୱାସି।
ଦୀପାବଳୀ ସଜା ଆଲୋକ ମାଳା,
ଲିଭାଇ ଦେଲା ମା ଅନ୍ତର ଜ୍ୱାଳା।
ପୁରୁବରେ ଥିଲା ନରକ ସୁର,
କରୁଥିଲା ସିଏ ଅନ୍ୟାୟ ଘର।
ଧରମ ସ୍ଥାପନ କରିବା ପାଇଁ,
ବିଜେ କଲେ କାଳୀ ରୂପକୁ ନେଇ।
ଅଜ୍ଞାନ ତିମିର ଘୋଟିଚି ଖାଲି,
ଅନ୍ୟାୟ ର ନା ଦେଇଛି ମେଲି।
ତୁହି ମାଆ କାଳିକା ଶକ୍ତି ସାଲିନି,
ବତ୍ୟାୟିନି ଚଣ୍ଡୀ ମୁଣ୍ଡ ମାଳିନୀ।
ତୋ ପାଦେ କରୁଛି କୋଟି ଜୁହାର,
ପାରି କର ଦୁଃଖ ଭବ ସାଗର।

+ରେଢ଼ାଖୋଲ , ସମ୍ବଲପୁର, ଓଡ଼ିଶା

## ଆଜି ପରା ଶୁଭ ଦୀପାବଳି

ଲକ୍ଷ୍ମୀଧର ସିଂ

ମଣ୍ଡପରେ ମା କାଳୀ କାତ୍ୟାୟିନୀ
ଘରେ ପୁଣି ମା ଲକ୍ଷ୍ମୀ ଠାକୁରାଣୀ
ତିଥି ଅମାବାସ୍ୟା
ଆଜି ପୂଣ୍ୟ ପୟା
ଅଗଣାରେ ଦୀପ ଯାଏ ଜଳି
ଆଜି ପରା ଶୁଭ ଦୀପାବଳି ।
ବରଷକରେ ଆସିଛି
ଖୁସିର ପରବ ଏଇ
ଆଲୋକରେ ସାଜସଜା
ସୁନ୍ଦର ଦିଶୁଛି ମହୀ ।
ଖୁସି କରି ମନ
ପିଣ୍ଡ କରି ଦାନ
ପିତୃପୁରୁଷ ଦିଅ ତୋଷ କରି
ଆଜି ପରା ଶୁଭ ଦୀପାବଳ।
କାଉଁରିଆ କାଠି ଜାଳି
ଅଗଣାରେ ଡାକୁ ଥାଅ
ବଡ଼ବଡୁଆ ହୋ ଅନ୍ଧାରେ ଆସି
ଆଲୁଏ ଯାଅ ।
ପୂଣ୍ୟ ଆଜି ରାତି
କର ମା'ଙ୍କ ସ୍ତୁତି
ଜଗତରେ ଯାଉ ଖୁସି ଭରି
ଆଜି ପରା ଶୁଭ ଦୀପାବଳି।

+ଅଁଳାପାଳ, ଗରଡିହି, ବାଲେଶ୍ୱର
ମୋ-୬୩୭୦୦୨୬୮୦୫

## ଗରିବର ଦୀପାବଳି

ରାମ ଚନ୍ଦ୍ର ପ୍ରଧାନ

ଦୁଃଖକୁ ପାଶୋରି ଭାଗ୍ୟକୁ ଆଦରି
ଉଜାଗର ରହି ରାତି
ରାସ୍ତା କଡ଼େ ବସି ଗରିବ ବିଚାରୀ
ଜାଳୁଛି ମହମବତୀ ।
ଶୀତ କାକରରେ ଦହଗଞ୍ଜ ହୋଇ
ଖୋଜେ ବଞ୍ଚିବାର ରାହା
ଯାଯାବର ପରି ଜୀବନ ବିତାଏ
ଚାଦରକୁ କରି ସାହା।
ମାଗି ଯାଚି କରି ଜୀବନ ସେ କାଟେ
ଆଖିର ଲୁହକୁ ଢାଳି
ହାରି ନ ଯାଇ ସେ ଆଶାର ଆଲୋକେ
ପାଳୁଅଛି ଦୀପାବଳି ।
ବିନା ରଙ୍ଗୋଲିରେ ପାଳେ ଦୀପାବଳି
ଆଖିରେ ସପନ ଭରି
ଏ ଦୁନିଆ ଭିଡ଼େ ନିଜକୁ ବଞ୍ଚାଏ
କାଳିଆକୁ ଆଶ୍ରା କରି ।
ତଥାପି ଆନନ୍ଦେ ଚାହିଁ ରହିଥାଏ
ପାଳିବାକୁ ଦୀପାବଳି
କେତେ ଉନ୍ମାଦନା ମନେ ଭରିଯାଏ
ଭକତିରେ ହୋଇ ବୋଳି ।
କେବେ ସୁଧୁରିବ ତା' ଦୁଃଖି ଜୀବନ
ଦାରିଦ୍ର୍ୟତା ଯାଇ ଟଳି
ଅମା ଅନ୍ଧକାର ଅପସରି ଯିବ
ଆଲୋକର ଦୀପ ଜଳି ।

+ଶିକ୍ଷକ ସାନ୍ତରାପଲ୍ଲୀ, ଗଞ୍ଜାମ
ମୋ:୯୮୬୧୬୩୮୭୩୬

## ଏମିତି ଏ ଦୀପାବଳି

ନିରଞ୍ଜନ ସାହୁ



କାର୍ତ୍ତିକ ମାସର ଅମାବାସ୍ୟା ଦିନ
ପାଳୁ ଆମେ ଦୀପାବଳି
ସନ୍ଧ୍ୟାରେ ଦୀପାଳି ଉଠିଥାଏ ଜଳି
ବାଣ ଫୁଟେ ଭଳିଭଳି ।
ଏହି ଦିବସରେ ପ୍ରଭୁ ରାମଚନ୍ଦ୍ର
ପିତୃସତ୍ୟ ଧର୍ମ ପାଳି
ଅଯୋଧ୍ୟା ନଗର ଫେରି ଆସିଥିଲେ
ନାନା ଅସୁବିଧା ଟାଳି
ସ୍ୱାଗତ କରିଲେ ପୁରବାସୀ ଜନ
ଘରେଘରେ ଦୀପ ଜାଳି ।
ବିଜ୍ଞାନ ମତରେ ଏହି ସମୟରେ
କୀଟପତଙ୍ଗଙ୍କ ଭାଉ
ଫସଲ ଉଜାଡି ନଷ୍ଟ କରିଥାନ୍ତି
ସହି ହୁଏନାହିଁ ଦାଉ
ଦୀପାଳି ଜଳଇ କୀଟ ପୋଡିଯାଇ
ଚାଷୀ ନ ହୁଅଇ ଭାଳି ।
ପିତୃପୁରୁଷଙ୍କୁ ପିଣ୍ଡଦାନ ଦେଇ
ବିଦାୟ ଦେବାର କଥା
କାଉଁରିଆ ଜାଳି ବଡ଼ବଡୁଆଙ୍କୁ
ଡକା ହୋଇଥାଏ ଯଥା
ବଡ଼ବଡୁଆ ହୋ ଅନ୍ଧାରରେ ଆସି
ଆଲୁଅରେ ଯାଅ ଚଳି ।
ଶାସ୍ତ୍ର କହିଥାଏ ଅନ୍ଧାରରୁ ବାରେ
ଆଲୋକ ଆଡକୁ ଯାଅ
ଅସତରୁ ସତ , ମୃତ୍ୟୁରୁ ଅମୃତ
ସ୍ୱର୍ଗୀୟ ସନ୍ଧାନ ପାଅ
ଏହି ଦିବସରେ ପୂଜା ମଣ୍ଡପରେ
ବିଜେ ଦେବୀ ମହାକାଳୀ ।
ଆଲୋକ ଜଳିଲେ ଅନ୍ଧାର ନାଶଇ
ଜ୍ଞାନାଲୋକ ଜ୍ଞାନ ଦିଏ
ଆଲୋକର ପର୍ବ ଦୀପାବଳୀ ଆସି
ଖୁସି ଦେଇ ଦୁଃଖ ନିଏ
ଘରେଘରେ ପୁରେପୁରେ ଦୀପ ଜଳୁ
ଆନନ୍ଦ ହିଁ ଯାଉ ଖେଳି ।

+ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ-୭୫୯୦୧୬
ମୋ : ୯୯୩୮୭୪୧୫୮୩

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ଚୀନ୍‌ର କୂଟନୀତି...

ସମଗ୍ର ବିଶ୍ୱ ପାଇଁ ଆତଙ୍କବାଦ ସାମ୍ପ୍ରତିକ ସମୟର ଏକ ବଡ଼ ସମସ୍ୟା ହୋଇଥିବା ବେଳେ ପାକିସ୍ତାନ ଭଳି କେତେକ ରାଷ୍ଟ୍ର ଏହାକୁ ପ୍ରୋତ୍ସାହନ ଦେଇ ଆସୁଛନ୍ତି ଏବଂ ଚୀନ୍ ଭଳି କେତେକ ରାଷ୍ଟ୍ର ବନ୍ଧୁତ୍ ଖାତିରରେ ସେମାନଙ୍କୁ ସୁରକ୍ଷା ପ୍ରଦାନ କରୁଛନ୍ତି । ତେଣୁ ଏଥିରେ ବିସ୍ମିତ ହେବାର କଚିତ୍ କିଛି ଅଛି ଯେ ଭାରତ କି ଆମେରିକା ବା ଅନ୍ୟ ଯେ କୌଣସି ରାଷ୍ଟ୍ର ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସି)ର ଅଲ୍ କାଏଦା ଏବଂ ଆଇଏସ୍‌ଆଇଏସ୍ ଅନୁବନ୍ଧିତ ଆତଙ୍କବାଦୀଙ୍କ ୧୨୬୭ ତାଲିକାରେ କିଛି ନୂଆ ଆତଙ୍କବାଦୀଙ୍କ ନାମକୁ ସାମିଲ କରିବାକୁ ପ୍ରସ୍ତାବ ଦେଲେ, ତାହା ଏହାର ସ୍ଥାୟୀ ସଦସ୍ୟ ଥିବା ଚୀନ୍ ଦ୍ୱାରା ଅଗ୍ରାହ୍ୟ ହେବ । ସୂଚନାଯୋଗ୍ୟ ଯେ ୟୁଏନ୍‌ଏସିର ଉପରୋକ୍ତ ୧୨୬୭ କମିଟି ୧୯୯୯ ମସିହାରେ ସ୍ଥାପିତ ହୋଇଥିଲା, ଯାହାକୁ ୨୦୧୧ ଏବଂ ୨୦୧୫ରେ ଅଧିନାତନ କରାଯାଇଥିଲା । ଏହି କମିଟି ୟୁଏନ୍‌ଏସିର ଯେ କୌଣସି ସଦସ୍ୟ ରାଷ୍ଟ୍ରଙ୍କୁ ଏହାଦ୍ୱାରା ପ୍ରସ୍ତୁତ ଓ ରକ୍ଷା କରାଯାଉଥିବା ଏକ ସମେକିତ ତାଲିକାରେ ଯେ କୌଣସି ଆତଙ୍କବାଦୀ ବା ଆତଙ୍କବାଦୀ ଗୋଷ୍ଠୀର ନାମକୁ ସାମିଲ କରିବା ନିମନ୍ତେ ପ୍ରସ୍ତାବ ଦେବାକୁ ଅନୁମତି ପ୍ରଦାନ କରିଥାଏ । ବିଗତ ଦୁଇ ଦଶନ୍ଧି ମଧ୍ୟରେ ଭାରତ କମିଟି ଦ୍ୱାରା ତାଲିକାରେ ପାକିସ୍ତାନ-ଭିତ୍ତିକ ଆତଙ୍କବାଦୀ ସଂଗଠନ ଜୈସ-ଇ-ମହମ୍ମଦ (ଜେଇଏମ୍) ଏବଂ ଲସ୍କର-ଇ-ତାଇବା ସମେତ ଅନେକଗୁଡ଼ିଏ ଆତଙ୍କବାଦୀ ସଂଗଠନଙ୍କ ନାମ ଯୋଗ କରିବା ନିମନ୍ତେ ପ୍ରସ୍ତାବ ଦେଇ ଆସିଛି । ନିକଟ ଅତୀତରେ ବିଗତ ଚାରି । ମାସ ମଧ୍ୟରେ ଭାରତ ଏବଂ ଆମେରିକା ଲସ୍କର-ଇ-ତାଇବା (ଏଲଟି)ର କମାଣ୍ଡରମାନଙ୍କୁ ତାଲିକାଭୁକ୍ତ କରିବା ନିମନ୍ତେ ଏହିଭଳି ପାଞ୍ଚଗୋଟି ପ୍ରସ୍ତାବ ପ୍ରଦାନ କରି ଆସିଛନ୍ତି । କିନ୍ତୁ ଚୀନ୍ ପ୍ରତ୍ୟେକ ପ୍ରସ୍ତାବକୁ ଅଟକାଇ ଦେଇଛି । ଏହି ପ୍ରସ୍ତାବଗୁଡ଼ିକ ମଧ୍ୟରେ ରହିଛି ଜେଇଏମର ମୁଖ୍ୟ ମାସୁଦ ଆଝରର ଭାଇ ରୌଫ୍ୟ ଅଗର ଏବଂ ଏଲଇଟି ନେତା ଅବଦୁର ରହମାନ୍ ମକ୍କି, ୨୬/୧୧ ଆକ୍ରମଣର ପରିଚାଳକ ସାଜିଦ୍ ମୀର ଏବଂ ତଲହା ସୟିଦ୍ ଏବଂ ସାହିଦ୍ ମେହମୁଦଙ୍କ ନାମକୁ ତାଲିକାରେ ସାମିଲ କରିବା ଉଲ୍ଲେଖଯୋଗ୍ୟ ଯେ ଅବ୍ଦୁର ରହମାନ୍ ମକ୍କି ହାଫିଜ୍ ସୟିଦ୍‌ର ଶ୍ୱଶୁରାଳୟ ସମ୍ପର୍କୀୟ ହୋଇଥିବା ବେଳେ ତହା ସୟିଦ୍ ହେଉଛି ତା'ର ପୁଅ, ଆଉ ସାହିଦ୍ ମେହମୁଦ ବିରୋଧରେ ରହିଛି ଆତଙ୍କବାଦୀ ଗୋଷ୍ଠୀଙ୍କ ପାଇଁ ସଦସ୍ୟ ଚୟନ କରିବା ଓ ପାଣ୍ଠି ସଂଗ୍ରହ କରିବାର ଅଭିଯୋଗ । ଏସବୁ ଲୋକଙ୍କ ନାମକୁ ଆତଙ୍କବାଦୀ ଭାବରେ ଭାରତର ବେଆଇନ କାର୍ଯ୍ୟକଳାପ (ପ୍ରତିରୋଧ) ଆଇନ (ୟୁଏପିଏ)ରେ ତାଲିକାଭୁକ୍ତ କରାଯାଇଥିବା ବେଳେ ଆମେରିକାର ଟ୍ରେଜେରୀ ତାଲିକା ବା ଫେଡେରାଲ ବ୍ୟୁରୋ ଅଫ୍ ଇଭେଷ୍ଟିଗେସନ୍ (ଏଫବିଆଇ)ରେ ସାମିଲ କରାଯାଇଛି । ବିଗତ ଦୁଇ ଦଶନ୍ଧି ଭିତରେ ଏମାନେ ସମସ୍ତେ ଜାତିସଂଘ ଦ୍ୱାରା ପ୍ରତିବନ୍ଧିତ ଆତଙ୍କବାଦୀ ସଂଗଠନ ଏଲଇଟି ଏବଂ ଜେଇଏମ୍ ଦ୍ୱାରା ହୋଇଥିବା ଆକ୍ରମଣଗୁଡ଼ିକରେ ସମ୍ପୃକ୍ତ ଥିବାର ଅଭିଯୋଗ ହୋଇଛି, ବିଶେଷକରି ଭାରତକୁ ଲକ୍ଷ୍ୟଭୁକ୍ତ କରି ହୋଇଥିବା ଆକ୍ରମଣଗୁଡ଼ିକରେ । ଏଥି ମଧ୍ୟରେ ରହିଛି ଭାରତର ଆଇସି-୮୧୪ ବିମାନ ଅପହରଣ, ସଂସଦ ଭବନ ଉପରେ ଆକ୍ରମଣ ଏବଂ ୨୬/୧୧ ମୁମ୍ବାଇ ଆକ୍ରମଣଠୁ ଆରମ୍ଭ କରି ପଠାଣକୋଟ୍, ଉରି ଏବଂ ପୁମା ଆକ୍ରମଣ। ଏସବୁ ସତ୍ତ୍ୱେ ଗତ ବୁଧବାର ଦିନ ଏମାନଙ୍କ ନାମକୁ ତାଲିକାଭୁକ୍ତ କରିବା ନିମନ୍ତେ ଆବଶ୍ୟକ ଅନାପ' ବା ନୋ ଅବଜେସନ୍ ପଦ୍ଧତି ଦେଇ ଗତି କରିବା ସମୟରେ ଚୀନ୍ ପୂର୍ବ ଭଳି ଏଥର ମଧ୍ୟ ପ୍ରସ୍ତାବକୁ ଅଟକାଇଛି । ଭାରତ ଚୀନ୍‌ର ଏଭଳି କାର୍ଯ୍ୟକୁ ବାଧହୋଇ ପାକିସ୍ତାନ ପ୍ରତି ଏହାର ଅନୁକୂଳ ମନୋଭାବ ଯୋଗୁଁ ସମଗ୍ର ପ୍ରକ୍ରିୟାକୁ ସ୍ଥାଣୁ କରିଦେବା ନିମନ୍ତେ ରାଜନୀତିକ ପକ୍ଷପାତ' କହି ସମାଲୋଚନା କରିଛି । ଏଭଳି ପରିସ୍ଥିତିରେ ତଥାପି ଭାରତ ନିକଟରେ କରିବା ନିମନ୍ତେ ଯେଉଁସବୁ କାର୍ଯ୍ୟଗୁଡ଼ିକ ରହିଛି, ତାହା ହେଉଛି, ଚୀନକୁ ତା'ର ଜିରୁ ଓହରିବା ନିମନ୍ତେ ପ୍ରବର୍ତ୍ତା ନଯିବା ପର୍ଯ୍ୟନ୍ତ ଭାରତ ଏହି ଉଦ୍ୟମରୁ କ୍ଷାନ୍ତ ରହିବା, ପରନ୍ତୁ ଅନ୍ୟ ସଦସ୍ୟମାନଙ୍କୁ ଦର୍ଶାଇବାର ଉଦ୍ୟମ କରିବା ଯେ ଚୀନ୍ ସୁରକ୍ଷା ପରିଷଦର ସ୍ଥାୟୀ ସଦସ୍ୟ ହେବାରେ ତା'ର କ୍ଷମତାର ଅପବ୍ୟବହାର କରୁଛି । ତେବେ ଏହି ପନ୍ଥାଗୁଡ଼ିକ ଭାରତ ଓ ଆମେରିକାକୁ ସେମାନଙ୍କର ଲକ୍ଷ୍ୟ ହାସଲ କରିବାରେ କଚିତ୍ ସହାୟତା କରିବ । ଅତଏବ, ଭାରତ ଅନ୍ୟ ସବୁ ଦିପାକ୍ଷିକ ପ୍ରସଙ୍ଗକୁ ବାଦ୍ ଦେଇ ଆତଙ୍କବାଦ ଉପରେ ବୈଷୟିକ ସହଯୋଗ ଭଳି ପ୍ରସଙ୍ଗକୁ ନେଇ ଚୀନ୍ ସହିତ ଏକ କୂଟନୀତିକ ଆଲୋଚନା କରିବା ନିମନ୍ତେ ଦ୍ୱାର ଉନ୍ମୋଚନ କରିବାର ପଥ ଖୋଜିବା ଉଚିତ । ଏହି ଆଲୋଚନା କାଳରେ ଚୀକୁ ତା'ର ଅଟଳ ନୀତି ସମ୍ପର୍କରେ ପୁନର୍ବିଚାର କରିବା ନିମନ୍ତେ ପରିସ୍ଥିତି ସୃଷ୍ଟି କରାଯିବା ଆବଶ୍ୟକ । ଏହି କାର୍ଯ୍ୟ କଷ୍ଟକର ମନେ ହେଲେ ସୁଦ୍ଧା ଅସମ୍ଭବ ନୁହେଁ, କାରଣ ୨୦୧୨ରୁ ୨୦୧୫ ଏବଂ ୨୦୧୮ରୁ ଏଯାବତ୍ ଫାଇନାସିଆଲ ଆକ୍ସନ୍ ଟାସ୍କ ଫୋର୍ସ (ଏଏଟିଏଫ)ରେ ପାକିସ୍ତାନକୁ 'ଧୂସର ତାଲିକା'ଭୁକ୍ତ କରିବା ନିମନ୍ତେ ନିମନ୍ତେ ଚୀକୁ ପ୍ରବର୍ତ୍ତା ଯାଇ ପାରିଥିଲା । ସେହିପରି ୨୦୦୯ରୁ ଏହା ମାସୁଦ୍ ଆଝାରର ନାମକୁ ୟୁଏନ୍‌ଏସିର ଆତଙ୍କବାଦୀ ତାଲିକାରେ ସାମିଲ କରିବା କାର୍ଯ୍ୟକୁ ଅଟକାଇ ଆସୁଥିବା ବେଳେ ୨୦୧୯ରେ ତାକୁ ଅନୁମତି ଦେଇଥିଲା । ନିକଟରେ ପାକିସ୍ତାନ ଧୂସର ତାଲିକାରୁ ମୁକ୍ତି ପାଇବାକୁ ଯାଉଥିବା ସମ୍ପର୍କରେ ଜଣା ପଡ଼ିଥିବାରୁ ଭାରତ ଚୀକୁ ଉପରୋକ୍ତ ଆତଙ୍କବାଦୀମାନଙ୍କ ନାମକୁ ତାଲିକାରେ ସାମିଲ କରିବା ପାଇଁ ଅନୁମତି ଦେବା ଉଦ୍ଦେଶ୍ୟରେ ପ୍ରବର୍ତ୍ତାଇବାକୁ ସବୁ ପ୍ରକାରର ଉଦ୍ୟମ କରିବା ବିଧେୟ । ଏହା ହୋଇ ପାରିଲେ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ବ୍ୟକ୍ତିମାନଙ୍କୁ ନ୍ୟାୟ ମିଳିବ ବୋଲି କୁହାଯାଇପାରେ ।



## ବ୍ୟକ୍ତିତ୍ୱ ହିଁ ଶ୍ରେଷ୍ଠ ରଙ୍ଗ

**ଶ୍ରୁତକୀର୍ତ୍ତି ତ୍ରିପାଠୀ**

ଶରୀରର ରଙ୍ଗ ଦେଖଣାହାରୀ ଉପରେ କଣ ପ୍ରଭାବ ପକାଏ ? ମୁହଁରେ ମନା କଲେ ବି ମଣିଷ ସ୍ୱଭାବ ବଶବର୍ତ୍ତୀ ହୋଇ କଳା ଅପେକ୍ଷା ଗୋରା ବା ସଫା ଲୋକଙ୍କ ପ୍ରତି ଅଧିକ ଆକର୍ଷିତ ହୁଅନ୍ତି। ସତ କୁହନ୍ତୁ ତ, ଗହଳିରେ ବସିଥିବା ଅନେକ ଲୋକଙ୍କ ଭିତରେ ଆମ ଆଖି ଗୋରା ଲୋକଙ୍କ ଆଡକୁ ଚାଲିଯାଏ ନାହିଁ କି ? ଏହା ହୁଏ ଆମ ଅଜାଣତରେ, ମାତ୍ର ପର ମୁହୂର୍ତ୍ତରେ ଆମ ବିବେକ ଆମକୁ ନିର୍ଦ୍ଦେଶ ଦିଏ ଯେ ନା, କଳା, ଗୋରା ସବୁ ସମାନ । ସମସ୍ତେ ଭଗବାନଙ୍କ ସୃଷ୍ଟି, ତେଣୁ ସଭିଙ୍କ ପ୍ରତି ଆମର ସମ୍ମାନ ବା ଆଦର ସମଭାବରେ ରହିବା ଉଚିତ । ହେଲେ କେଉଁଠି ନା କେଉଁଠି, ଗୋରା ବର୍ଣ୍ଣ ପ୍ରତି ଏକ ଆକର୍ଷଣ, ଅପେକ୍ଷାକୃତ ଅଧିକ ଭଲ ପାଇବା ଆଉ ଟିକେ ଦୁର୍ବଳତା ସମସ୍ତଙ୍କ ମନରେ ଥାଏ ।

'ଗୋରା' ବା 'କଳା' ହେବା କାହା ଆୟତ୍ତର କଥା ନୁହେଁ, ତଥାପି ଏହା ଯୋଗୁଁ ସୃଷ୍ଟି ହେଉଥିବା ବୈଷମ୍ୟତା ଅନେକଙ୍କୁ ହଇରାଣ ହରକତରେ ପକାଏ । ଏଇ ଯେମିତି କଳା ଝିଅ ଟିଏ ଜନ୍ମ ହେଲା ମାତ୍ରେ, ବାପାମାଆଙ୍କ ସହ ପୁରା ପରିବାରର ଚିନ୍ତା ବଢ଼ିଯାଏ ଯେ ଝିଅଟିର ବାହାଘର ପାଇଁ ଭବିଷ୍ୟତରେ ଅନେକ ଅସୁବିଧା ହେବ । କଳା ହେବା ଯୋଗୁଁ ଝିଅକୁ ଅଧିକ ଯୌତୁକ ଦେବାର ଆବଶ୍ୟକତା ଠାରୁ ନେଇ ଶରୀରର ରଙ୍ଗକୁ ନେଇ କେତେ ଟାହି ଟାପରା ଶୁଣିବାକୁ ପଡିବ ବୋଲି ପରିବାରଜନ ଚିନ୍ତିତ ହୁଅନ୍ତି । ଏଇ କଳା ଗୋରା ରଙ୍ଗକୁ ନେଇ ସ୍ୱାମୀ ସ୍ତ୍ରୀକୁ ଘରୁ ବାହାର କରିଦେବା ଭଳି ଘଟଣା କିଛିଦିନ ତଳେ ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ଜଳେଶ୍ୱର ଅଞ୍ଚଳରେ ଘଟିଯାଇଥିଲା । ସ୍ତ୍ରୀ ଏବଂ ଝିଅର ରଙ୍ଗ କଳା ହୋଇଥିବାରୁ ସ୍ୱାମୀ ଦୁହିଁଙ୍କୁ ଘରୁ ବାହାର କରିଦେଇଥିଲେ । ସ୍ତ୍ରୀ ଜଣଙ୍କ ଝିଅ ଓ ନିଜ ଅଧିକାର ପାଇଁ ଗଣମାଧ୍ୟମ ପ୍ରତିନିଧିଙ୍କ ସାହାଯ୍ୟ ଲୋଡ଼ିଥିଲେ । ପ୍ରଗତି ପଥରେ ଆଗେଇ ଚାଲୁଥିବା ଆମ ସମାଜର ଏହି ଚିତ୍ର ସତରେ ଲଜ୍ୟାଜନକ ।

ବର୍ତ୍ତମାନ ଆଲୋଚ୍ୟ ବିଷୟ ଏହା ଯେ ଶରୀରର ରଙ୍ଗ ଲୋକଟିର ଯୋଗ୍ୟତା, ଦକ୍ଷତା, କାର୍ଯ୍ୟକ୍ଷମତାକୁ ପ୍ରଭାବିତ କରେ ନାହିଁ ମାତ୍ର ଶରୀରର ରଙ୍ଗ ଯୋଗୁଁ ଯଦି ସେ କେଉଁଠି ଅପମାନିତ ହେଲା କିମ୍ବା କିଛି ସୁବିଧା ପାଇବାରୁ ବଞ୍ଚିତ ହେଲା, ତେବେ ତାର ଆତ୍ମବିଶ୍ୱାସ ନିଶ୍ଚୟ ଦୋହଲିଯାଏ। ସେ ସମୟ ତକ ସେ ପରମେଶ୍ୱରଙ୍କୁ ଏବଂ ନିଜ ଭାଗ୍ୟକୁ ନିନ୍ଦେ । ଏକ ଏମିତି ଦୋଷ ପାଇଁ ସେ ଦଣ୍ଡିତ ହୁଏ, ଯାହା ତା ଜାଣତରେ ତ ସେ ଆଦୌ କରି ନ ଥାଏ କ୍ଷ ବିଡମ୍ବନା ଏହା ଯେ, ଏହାର ପ୍ରତିକାର ମଧ୍ୟ ତା ପାଖରେ ନ ଥାଏ ।

ଆମେ ବ୍ୟବହାର କରୁଥିବା ମୋବାଇଲ ଫୋନ କଥା ନିଆଯାଉ । ଏଥିରେ ଯାହା ଫୋଟୋ କିମ୍ବା ଭିଡିଓ ନିଆଯାଏ, ସେଥିରେ ଏପରି କିଛି ସୁବିଧା ଥାଏ ଯେ ସେଗୁଡ଼ିକର ଉଜ୍ଜ୍ୱଳତା ବଢ଼େଇ କିମ୍ବା କମେଇ ଦେବା ସମ୍ଭବ ହୋଇପାରେ । ଏବେ ତ ଭିନ୍ନ ପ୍ରକାରର ଫିଲଟର ବ୍ୟବହାର କରାଯାଇ ଏମିତି ଚିତ୍ର ଓ ଭିଡିଓ ସବୁ ପରଷା ଯାଉଛି ଯେ ଗୋରା କିଏ, କଳା କିଏ, ସଠିକ ଭାବରେ ଜଣା ବି ପଡୁନାହିଁ । କହିବା ବାହୁଲ୍ୟ ଯଦି ସେଇ ଶ୍ୟାମଳୀ ଝିଅର ଫୋଟୋ ଫିଲଟର ବ୍ୟବହାର ପରେ ସମସ୍ତଙ୍କର ପସନ୍ଦ ହେଉଛି, ଅସଲରେ ଯାହା ଲୋକଙ୍କ ଦୃଷ୍ଟିକଟୁ ହେଉଥିଲା, ତେବେ ସତ୍ୟକୁ ଗ୍ରହଣ କରିବା ଏବଂ ସାଧୁତା ଅବଲମ୍ବନ କରିବା ପାଇଁ ଲୋକଙ୍କ ମନୋବୃତ୍ତି ହିଁ ନାହିଁ କହିଲେ ଭୁଲ ହେବ ନାହିଁ ।

ଉପରୋକ୍ତ ସମସ୍ୟାର ସୁଯୋଗ ନିଅନ୍ତି ନାମୀ ଦାମୀ ବ୍ୟବସାୟୀ କମ୍ପାନୀ ସବୁ । ନିତ୍ୟ କେତେ ପ୍ରକାରର ପ୍ରସାଧାନ ସାମଗ୍ରୀ ଅତି ଉଚ୍ଚଦରରେ ବିକ୍ରିହେବାର ବିଜ୍ଞାପନ ଦେଖିବାକୁ ମିଳେ। ଉପଭୋକ୍ତା ମଧ୍ୟ ସେଥିରେ ଭଳି ଯାଇ ବୁଡ଼ିଲା ଲୋକକୁ କୁଟା ଖିଅର ଆଶ୍ରା ଭଳି ସେସବୁ ବସ୍ତୁ ବ୍ୟବହାର କରିବାର ପ୍ରତିଯୋଗିତାରେ ମାତି ଯାଆନ୍ତି । ଧନୀ ବ୍ୟବସାୟୀ ନିଜର ସ୍ୱାର୍ଥ ସାଧନ କରୁଥିବା ବେଳେ ଗ୍ରାହକ ବ୍ୟବହାର କରିଚାଲେ ଗୋଟିଏ ପରେ ଆଉ ଗୋଟିଏ ପ୍ରସାଧାନ ସାମଗ୍ରୀ ଟିକେ ଗୋରା ହେବା ଆଶାରେ । ଯାହାର ଲାଭ ବାସ୍ତବରେ ସେ ନ ପାଇଲେ ବି ଚୋରକୁ ମାନ କରି ଖପରାରେ ଖାଇଲା' ଭଳି ଚୁପ ହୋଇ ବସେ ।

ତେବେ ମନରେ ପ୍ରଶ୍ନ ଉଠେ ମୋବାଇଲରେ ଉଜ୍ଜ୍ୱଳତା ବଢେଇବାର ସୁବିଧା ବା ଫିଲଟର ବ୍ୟବହାର କରି କଳାକୁ ଗୋରାରେ ପରିଣତ କରିଦେବା ଭଳି କିଛି ଯନ୍ତ୍ର , କଣ ମଣିଷ ମାନଙ୍କ ହୃଦୟରେ ଖଞ୍ଜି ହୁଅନ୍ତା ନାହିଁ । ଯଦ୍ୱାରା ସେମାନଙ୍କୁ କଳା ବି ଗୋରା ପରି ଦେଖାଯାଆନ୍ତେ । ଆଉ ତା ପରେ ନ ରୁହନ୍ତା କିଛି ବାଛବିଚାର, ତାରତମ୍ୟ ଏବଂ ତଦଜନିତ ମନୋମାଳିନ୍ୟ । ମଣିଷକୁ ତଉଲିବାର ମାପକାଠି ହୁଅନ୍ତା ତାର ବ୍ୟବହାର, କଥାବାର୍ତ୍ତା, ଚାଲିଚଳଣ ଓ ଅନ୍ୟକୁ ଆପଣେଇ ନେବା ଭଳି କିଛି ଗୁଣ ।

ବ୍ୟକ୍ତିଟିଏ ଗୋରା ହଉ ବା କଳା, ବୟସ ବଢିବା ଅନୁସାରେ ଶରୀରର ଔଜଲ୍ୟ, ସୁନ୍ଦରତା, ଆକର୍ଷଣ ନିଶ୍ଚୟ କମିଯାଏ, ରହିଯାଏ କେବଳ ତାର ହୃଦୟ ଓ ମନ ; ଯାହା ଉପରୋକ୍ତ ଦୁଇ ରଙ୍ଗର ଆକଳନ ଠାରୁ କାହିଁ କେଉଁ ଉପରେ । ତେବେ କାହାର ହୃଦୟ ଓ ମନକୁ କଳିବା ପୂର୍ବରୁ ମଣିଷ ଯେ ଆଖି ଥାଇ ଅନ୍ଧ ଭଳି କେବଳ ବାହ୍ୟ ସୁନ୍ଦରତା ଅନୁସାରେ ସମସ୍ତଙ୍କୁ ତଉଲେ, ଏକଥା ମଧ୍ୟ ଅସ୍ୱୀକାର କରି ହେବ ନାହିଁ । ସାମ୍ନାରେ ଥିବା ବ୍ୟକ୍ତିର ଶରୀରର ରଙ୍ଗକୁ ମନ ଓ ହୃଦୟରୁ ଫିଲଟର କରିପାରିବା ଭଳି ଯନ୍ତ୍ରଟିଏର ଉଦ୍ଭାବନ ପାଇଁ ପରମେଶ୍ୱର ଏ ମନୁଷ୍ୟ ଜାତିକୁ ଯଥାଶୀଘ୍ର ରାସ୍ତା ଦେଖାନ୍ତୁ ବୋଲି କାମନା । ଇତିହାସ ସାକ୍ଷୀ ରହିଛି ଯେ, ମହାନ ବ୍ୟକ୍ତିତ୍ୱର ଅଧିକାରୀ ମହାମନୀଷୀଗଣଙ୍କ ମହାନତାକୁ ଶରୀରର ବାହ୍ୟ ରଙ୍ଗ ପ୍ରଭାବିତ କରିପାରି ନାହିଁ । ତେଣୁ ଗୋରା ବା କଳା ବୋଲି ବାଛବିଚାର ରଖୁଥିବା ଲୋକ, ଅନ୍ୟ ମାନଙ୍କୁ ତାଙ୍କର ବ୍ୟକ୍ତିତ୍ୱର ରଙ୍ଗରେ ଚିହ୍ନିବାକୁ ଚେଷ୍ଟା କରନ୍ତୁ ।


❤ମୋ: ୬୩୭୦୫୧୬୪୭୮
ଭୁବନେଶ୍ୱର



## ସୂର୍ଯ୍ୟ ପରାଗ ଓ ଠାକୁରଙ୍କ ନୀତିକାନ୍ତି

**ଦେବଦତ୍ତ ବିଶ୍ୱାଳ**

ଚଳିତ ଥର ଦୀପାବଳି ପାଳନରେ ରହିଛି କିଛି ସ୍ୱତନ୍ତ୍ରତା। ଏହି ଦିନ ସୂର୍ଯ୍ୟ ପରାଗ ପଡୁଥିବାରୁ ଦୀପାବଳିର ପୂର୍ବଦିନ ସମସ୍ତ ରୀତିନୀତି ପାଳନ କରାଯିବ। ତେବେ ସୂର୍ଯ୍ୟ ପରାଗରେ ବିଭିନ୍ନ ନୀତି ନିୟମ ପାଳନ କରାଯାଇଥାଏ ଯାହା ଏହି ଦିନକୁ ସ୍ୱତନ୍ତ୍ର କରିଥାଏ। ସୂର୍ଯ୍ୟ ପରାଗ ଲାଗୁଥିବା ସମୟରେ କେତେକ ନିୟମ ପାଳନ କରାଯାଇଥାଏ। ପରାଗ ଲାଗୁ ଥିବା ସମୟରେ ପାକ ତ୍ୟାଗର ବିଧି ରହିଛି, ଏହି ସମୟରେ ଖାଦ୍ୟ ଗ୍ରହଣରେ ନିଷେଧ ରହିଥାଏ। ସେହିଭଳି କୌଣସି ପୂଜା ବିଧି, ମାଙ୍ଗଳିକ କାର୍ଯ୍ୟର ମଧ ନିଷେଧ ରହିଛି। ପରାଗ ଛାଡ଼ିବା ପରେ ସ୍ନାନ କରିବା ସହ ଘରକୁ ଶୁଦ୍ଧି କରିବାର ନିୟମ ରହିଛି। ଏହାପରେ ଖାଦ୍ୟ ପ୍ରସ୍ତୁତି ସହ ଠାକୁର ପୂଜା କିମ୍ବା ଅନ୍ୟ କୌଣସି ଶୁଭ କାର୍ଯ୍ୟର କରାଯାଇପାରିବ। ତେବେ ପରାଗ କହିଲେ ଏହା ଏକ ମହାଜାଗତିକ ଦୃଶ୍ୟ, ଯେଉଁଥିରେ ସୂର୍ଯ୍ୟ ଓ ପୃଥିବୀର କକ୍ଷ ପଥ ମଝିରେ ଚନ୍ଦ୍ର ଆସିଥାଏ। ହେଲେ ପୌରାଣିକ ବ୍ୟାଖ୍ୟାନ ଏଥିରୁ ଭିନ୍ନ। ପୌରାଣିକ ବର୍ଣ୍ଣନା ଅନୁସାରେ ସ୍ୱର୍ଗରେ ଅମୃତ ବଣ୍ଟନ ସମୟରେ ରାହୁ ଛଦ୍ମ ବେଶରେ ଆସି ଅମୃତ ଖାଇଥିଲେ। ତେବେ ଏନେଇ ଚନ୍ଦ୍ର ଓ ସୂର୍ଯ୍ୟ ବିଷ୍ଣୁଙ୍କୁ ସୂଚିତ କରିଥିଲେ। ଯାହାର ପରିଣାମ ସ୍ୱରୂପ ବିଷ୍ଣୁ ନିଜର ଚକ୍ର ସାହାଯ୍ୟରେ ରାହୁକୁ କାଟି ଦି ଖଣ୍ଡ କରିଦେଇଥିଲେ। ଅନ୍ୟ ଖଣ୍ଡଟି କେତୁ ନାମରେ ପରିଚିତ। ତେଣୁ ସେମାନେ ରାମ ରଖି ପ୍ରତିବର୍ଷ ଚନ୍ଦ୍ର ଓ ସୂର୍ଯ୍ୟଙ୍କୁ ଗ୍ରାସ କରିଥାଆନ୍ତି, ଯାହାକୁ ଚନ୍ଦ୍ର ଗ୍ରହଣ ଓ ସୂର୍ଯ୍ୟ ପରାଗ ବୋଲି ବିବେଚନା କରାଯାଇଥାଏ।



ଏ ବର୍ଷ ଦୀପାବଳିରେ ସୂର୍ଯ୍ୟ ପରାଗ ପଡୁଥିବାରୁ ଏହି ସମୟରେ ପାକତ୍ୟାଗ ସହିତ ଦେବନୀତି ନିଷେଧ ରହିଛି। ଦୀପାବଳି ଦିନ ଅର୍ଥାତ୍ ଅକ୍ଟୋବର ୨୫ ତାରିଖରେ ପଡୁଛି କେତୁଗ୍ରସ୍ତ ଖଣ୍ଡ ଗ୍ରାସ ସୂର୍ଯ୍ୟପରାଗ। ଏହି ସମୟରେ ପାକତ୍ୟାଗ ଓ ଦେବ ନୀତି ନିଷେଧ ଥିବାରୁ ରାଜ୍ୟବାସୀ କିଭଳି ପାଳିବେ ତାକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଯେହେତୁ ସେ ଦିନ ଗ୍ରହଣ ସ୍ପର୍ଶ ଅପରାହ୍ନ ୪ଟା ୫୬ ମିନିଟ ୫୨ ସେକେଣ୍ଡରେ ଓ ସର୍ବମୋକ୍ଷ ହେବ ସନ୍ଧ୍ୟା ୬ଟା ୨୬ ମିନିଟ ୫୨ ସେକେଣ୍ଡରେ ସେଥିପାଇଁ ଦୀପାବଳି ଅମାବାସ୍ୟା ବିଧିରେ ବାଧା ସୃଷ୍ଟି ହେବାଟା ସ୍ୱାଭାବିକ। ସେଥିପାଇଁ ଶ୍ରୀମନ୍ଦିରରେ ଠାକୁରଙ୍କ ନୀତିକାନ୍ତି ସଅଳ କରିବାକୁ ନିଷ୍ପତ୍ତି ହୋଇଛି। ୨୪ ତାରିଖରେ ଦୀପଦାନ, ପୟାଶ୍ରାଦ୍ଧ, କାଳିପୂଜା ଓ ବଡ଼ବଡୁଆ ଡାକ ହେବ। ରାତି ୧୨ଟାରେ ଶ୍ରୀମନ୍ଦିରରେ ଦ୍ୱାରଫିଟା ସହ ସାଢ଼ ୨ଟାରୁ ୩ଟା ଭିତରେ ସକାଳଧୂପ, ଭୋର ୪ଟାରେ ବାଲଧୂପ, ୪ଟା ୫୫ରେ ଭୋଗ ମଣ୍ଡପ ଶେଷ ହୋଇ ନୀତି ବନ୍ଦ ରହିବ। ସୂର୍ଯ୍ୟୋପରାଗ ପାଇଁ ଶ୍ରୀମନ୍ଦିରରେ ଦୀପାବଳି ଅମାବାସ୍ୟା ବିଧିରେ ବାଧା ସୃଷ୍ଟି ହେବ। ସେଥିପାଇଁ ଶ୍ରୀମନ୍ଦିରରେ ଠାକୁରଙ୍କ ନୀତିକାନ୍ତି ସଅଳ କରିବାକୁ ନିଷ୍ପତ୍ତି ହୋଇଛି। ୨୨ ତାରିଖ ଛତିଶାନିଯୋଗ ଓ ଗତ ୨୧ ତାରିଖ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଏ ସଂପର୍କରେ ବିସ୍ତୃତ ଆଲୋଚନା ପରେ ସୂର୍ଯ୍ୟୋପରାଗ କେଉଁ ସମୟରେ ନୀତିକାନ୍ତି ଅନୁଷ୍ଠିତ ହେବ, ତାହାକୁ ଚୂଡ଼ାନ୍ତ ହୋଇଛି। ଅପରାହ୍ନ ୪ଟା ୫୬ରେ ଗ୍ରହଣ ସ୍ପର୍ଶ ପରେ ଗ୍ରହଣ ମହାସ୍ନାନ ଓ ଗ୍ରହଣ ଭୋଗ ନୀତି ବଢ଼ିବା ପରେ ଅନ୍ୟାନ୍ୟ ନୀତି ଚାଲିବାକୁ ଛତିଶାନିଯୋଗରେ ନିଷ୍ପତ୍ତି ହୋଇଛି। ମୋଟ ୧୬ମିନିଟ ୨୬ ସେକେଣ୍ଡ ପାଇଁ ପୁରୀକୁ ସୂର୍ଯ୍ୟୋପରାଗ ଦୃଶ୍ୟମାନ ହେଉଛି। ବୁଧବାର ସୂର୍ଯ୍ୟୋଦୟ ହେବା ପରେ ଯାଇ ଦେବନୀତି ଓ ପାକ କାର୍ଯ୍ୟ କରାଯାଇପାରିବ। ଯେଉଁମାନେ ଅମାବାସ୍ୟାରେ ମଙ୍ଗଳବାର ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦେବେ କେବଳ କଞ୍ଚା ପରିବା ଓ ଫଳରେ ଭୋଜ୍ୟ ଦିଆଯାଇପାରିବ। କେବଳ ବାଳକ, ବୃଦ୍ଧ, ରୋଗୀ ବ୍ୟକ୍ତିମାନଙ୍କ କ୍ଷେତ୍ରରେ ଖାଦ୍ୟ ଗ୍ରହଣ କୋହଳ କରାଯାଇପାରିବ।

❤ ରାମନିଗମେଶ୍ୱର ମନ୍ଦିର,
ଚହଟା, କଟକ,
ମୋ: ୯୮୬୧୯୪୪୫୯୪



## ଆମେ ତ ସବୁ ମିଡିଲକ୍ଲାସ୍

**ସୁବ୍ରତ କର**

ଆମେ ଦେଶରେ ପ୍ରାୟ ୧୩୦ ଲୋକ ସଂଖ୍ୟା । ବିଭିନ୍ନ ଜାତି ଧର୍ମ ନେଇ ଆମର ସମାଜ । ଏ ପର୍ଯ୍ୟନ୍ତ ସରକାର ଆର୍ଥିକ ଅବସ୍ଥାକୁ ଦେଖି ଶ୍ରେଣୀ ସୃଷ୍ଟି କରି ନାହାନ୍ତି । ମୁଁ ଚେଷ୍ଟା କରିଛି ଏହି କାମଟି କରିବା ପାଇଁ । ସୁପାର ସୁପାର କ୍ଲାସ୍, ସୁପାର କ୍ଲାସ, ସୁପାର ମିଡିଲ କ୍ଲାସ, ଅପର ମିଡିଲ କ୍ଲାସ୍, ମିଡିଲ କ୍ଲାସ, ଲୋୟାର ମିଡିଲ କ୍ଲାସ, ଲୋୟାର ଲୋୟାର ମିଡିଲ କ୍ଲାସ ଏବଂ ଶେଷରେ ଗରିବ ଶ୍ରେଣୀ ଯାହାକୁ ଆମେ କହୁ ବିପିଏଲ । ବିପିଏଲ ପାଇଁ ସରକାର ସଦାବେଳେ ଜଗିକରି ରହିଛନ୍ତି ଏବଂ ସବୁ ପ୍ରକାରର ସାହାଯ୍ୟ ଯୋଗାଇ ନେବା ପାଇଁ ପ୍ରସ୍ତୁତ । ସବୁ କିଛି ତାଙ୍କ ପାଇଁ ମାଗଣା । ଘରଠୁ ଆରମ୍ଭ କରି ସ୍ୱାସ୍ଥ୍ୟ, ପାଠପଢ଼ା, ଟଙ୍କିକିଆ ଚାଉଳ, ମାସିକିଆ ଭତ୍ତା । ସେମାନେ ଘରେ ବସି ଆରାମରେ ନ ହେଲେ ମଧ ଚଳି ପାରିବାର ବ୍ୟବସ୍ଥା କରିଛନ୍ତି । ଏବେ ଆସିବା ସୁପାର ସୁପାର ଶ୍ରେଣୀର ଲୋକଙ୍କ ପାଇଁ ସରକାର କଣ କରିଛନ୍ତି । ପ୍ରଥମ କଥା ହେଲା ଏହି ହାତ ଗଣତି ଲୋକମାନଙ୍କ ରୋଜଗାର ପ୍ରାୟ ୪୦ ଭାଗ ଏବଂ ଆଉ ୬୦ ଭାଗ ରୋଜଗାର ଅନ୍ୟ ସମସ୍ତଙ୍କର । ଏମାନଙ୍କ ପାଇଁ ମଧ ସରକାର ସଦାବେଳେ ତତ୍‌ପର । ଏମାନଙ୍କ ପଇସାରେ ଦେଶ ଚଳୁଛି । ବୈଦେଶିକ ମୁଦ୍ରା ଅର୍ଜନ ହୋଇପାରୁଛି ଏବଂ ସବୁଠୁ ବଡ଼ କଥା ହେଲା ଲକ୍ଷଲକ୍ଷ ଲୋକଙ୍କୁ କାମ ଯୋଗାଇ ପାରିଛନ୍ତି ଏବଂ ରୋଜଗାରକ୍ଷମ କରାଉଇ ପାରିଛନ୍ତି । ଏହାଠୁ ଆହୁରି ବଡ଼ କଥା ହେଲା ଏମାନଙ୍କ ଦାନରେ ସବୁ ରାଜନୈତିକ ଦଳ ଚଳୁଛନ୍ତି । ଏହି ଦାନ ଟଙ୍କା ଆମାପ ଏବଂ ଯେ ଯେତେ ବେଶି ଦେଇପାରିଲେ ସେ ସରକାରଙ୍କ ସବୁଠୁ ଗେହ୍ଲା ପୁଅ ।

ଏବେ ଆସିବା ସୁପର କ୍ଲାସର ଲୋକଙ୍କ ପାଖକୁ । ଏମାନେ ମଧ ସଂଖ୍ୟାରେ ଖୁବ୍ ବେଶି ନୁହନ୍ତି ଏବଂ ସାଧାରଣ ଭାବରେ ଏମାନେ ବଡ଼ ବଡ଼ ନେତା, ମନ୍ତ୍ରୀ, ବିଜନେସ କରୁଥିବା ଲୋକ ଏବଂ କିଛି ଦୁଇ ନମ୍ବରିଆ ଉଚ୍ଚ ପଦସ୍ଥ ଅଫିସରମାନେ । ଏମାନେ ଆଗ ନିଜ କଥା ଚିନ୍ତା କରନ୍ତି ପରେ ଦେଶ କଥା ବା ଅନ୍ୟ ଲୋକଙ୍କ କଥା । ସାଧାରଣ ଭାବରେ ଏହି ଉପରୋକ୍ତ ଶ୍ରେଣୀର ଲୋକଙ୍କ ଉପରେ ସରକାରଙ୍କ ଭାଗ ପ୍ରାୟ ନଥାଏ । ସରକାରଙ୍କ ବଳରେ ଥିବା ଭ୍ରଷ୍ଟାଚାରଙ୍କୁ କମାଇବା ପାଇଁ ବା ଡରାଇବା ପାଇଁ ସଂଖ୍ୟାମାନେ ଲୋକଙ୍କ ଛୁଇଁ ପାରନ୍ତି ନାହିଁ । ଏହି ସବୁ ବିଭାଗ ସବୁକୁ ସରକାରଙ୍କ ଆୟତ୍ତାଧିନ ଏବଂ ସରକାରଙ୍କ ନିର୍ଦ୍ଦେଶରେ ପରିଚାଳିତ ।

ଏବେ ଆସିବା ମିଡିଲ କ୍ଲାସ ଏବଂ ଲୋକଙ୍କ ମିଡିଲ କ୍ଲାସ। ଏହି ଶ୍ରେଣୀର ଲୋକଙ୍କ ପ୍ରଚୁର ଏବଂ ଏମାନଙ୍କ ମା ବାପା ନାହାନ୍ତି । କିନ୍ତୁ ଏମାନେ ସଚ୍ଚୋଟ ଏବଂ ଏମାନଙ୍କ ରୋଜଗାରରେ ସରକାର ଚଳୁଛନ୍ତି ଏବଂ ସରକାର ବଞ୍ଚା ହେଉଛନ୍ତି । ଏହି ବର୍ଗର ଲୋକଙ୍କ ପାଇଁ ବିଶେଷ କିଛି ସୁବିଧା ସୁଯୋଗର ବ୍ୟବସ୍ଥା ହୋଇ ପାରିନାହିଁ । ଏମାନଙ୍କ ସ୍ୱଳ୍ପ ରୋଜଗାରରେ ଘର କରିବ, ଘର ଚଳାଇବେ, ପିଲାମାନଙ୍କୁ ବିନା ସୁବିଧାରେ ପଢ଼େଇ ମଣିଷ କରିବେ । ସରକାରଙ୍କ ତରଫରୁ ବିଶେଷ କିଛି ଛାଡ଼ର ବ୍ୟବସ୍ଥା ନାହିଁ । ଖଟିକରି ପଇସା ରୋଜଗାର କଲେ, ତମେ ଚଳ ଏବଂ ସରକାରଙ୍କୁ ଚଳାଅ । ଦେଶର ଏବଂ ସରକାରଙ୍କ ସମ୍ପୂର୍ଣ୍ଣ ବୋଝ ଏମାନଙ୍କ କାନ୍ଧ ଉପରେ । ଏମାନେ ସାରା ଜୀବନ ଖଟିବେ, ରୋଜଗାର କରିବେ । ଧାର ଉଧାର କରିବେ, ଉପଭୋଗ କରିବାର ସମୟ ନଥାଏ ବା ସୁଯୋଗ ମଧ୍ୟ । ସମାଜରେ ଏମାନେ ସବୁଠୁ ଦାୟିତ୍ୱବାନ ଲୋକ, ନିଜ କଥା ଚିନ୍ତା କରି ଅନ୍ୟ ଲୋକଙ୍କ କଥା ଚିନ୍ତା କରନ୍ତି ଶେଷରେ ଦେଶ କଥା ଚିନ୍ତା କରି ଦେଶକୁ ଚଳାନ୍ତି । ଏହିମାନେ ହେଉଛନ୍ତି ଆମେ ତ ମିଡିଲ କ୍ଲାସ୍ ।






## ଭଲ ଲାଗେ ମୋତେ...

**ପ୍ରଭାତି ଭୂୟାଁ**

ଭଲ ଲାଗେ ମୋତେ ଆକାଶ ନୀଳିମା
ପକ୍ଷୀର କାକଳି ସ୍ୱର
ବନ ପରବତ ଝରଣାର ଗୀତ
ଲାଗଇ ଭାରି ମଧୁର

ବେଳାଭୂଇଁ ପରେ ଛିଡାହୋଇ ଯେବେ
ଦେଖଇ ନୀଳ ସାଗର
ଭାରି ଭଲ ଲାଗେ ଲହଡି କେମିତି
ଛୁଇଁବା ପାଇଁ ଅଧୀର ....

ମନ୍ଦିର ଭିତରେ ଭକତଙ୍କ ଭିଡ
ଦେଖିବାକୁ ଲାଗେ ଭଲ
ଭକତି ବିଶ୍ୱାସ ସମର୍ପଣ ବଳେ
ଝରେ ଆଶୀର୍ବାଦ ଫୁଲ....

ରାସ୍ତା କଡରେ ଛିଡା ହୋଇଥିବା
ଦୁଃଖୀର ଦୁଃଖ କାହାଣୀ
ଶୁଣିବାକୁ ଇଚ୍ଛା ହୁଏ ମୋ ମନରେ
ଲୁହ ପୋଛି ଦେବି ଜାଣି.....

ଭଲ ଲାଗେ ମତେ ଦେବତା ତୁଲ୍ୟ
ବାପା ମା'ଙ୍କର କଥା
ସାଦା କାଗଜରେ ଲେଖି ଦେବା ପାଇଁ
ତାଙ୍କର ଅକୁହା ବ୍ୟଥା.....

ଭଲ ଲାଗେ ମୋତେ ବିବେକ ସହିତ
ମନେ ମନେ କଥା ହେବା ପାଇଁ
କଥା ପ୍ରସଂଗରେ ଇଚ୍ଛା ହେଉଥାଏ
ପର ଦୁଃଖେ ସଦା ମିଶିବା ପାଇଁ....

ଫିଟାଇ ଦେବାକୁ ଯେତେ ଚେଷ୍ଟାକଲେ
ଛଳନାର ନାଗଫାଶ
ଛଦ୍ମ ବେଶଧାରୀ ପ୍ରତାରଣାକାରୀ
କରିଥାନ୍ତି ସର୍ବନାଶ......

ଭଲ ଲାଗୁଥିବା ଦୁନିଆର ଛବି
ଯାଉଛି ଯେବେ ବଦଳି
ଦୂରେଇ ରହିବା ସବୁଠାରୁ ଭଲ
ନଥିବ ହିଂସା କଳି.....

ଦୁନିଆର ଯେତେ ଭଲ
ବେଳେବେଳେ
ପାଲଟି ଯାଆନ୍ତି ଭେଳ
ଛଳନାର କେଉଁ କାଚ ଡାଙ୍କୁଣୀରେ
ଲୁଚିଥାଏ ମାୟା ଜାଲ

ମିଥ୍ୟା ପ୍ରତାରଣା ସନ୍ଦେହ ଘୃଣା
ଯେଉଁଠି ସାଜନ୍ତି ମିତ
ମାୟାଜାଲ କାଟି ଡାଙ୍କୁଣୀକୁ ଭାଂଗି
ସତ୍ୟକୁ ମାରନ୍ତି ନାତ...

ନୀତି ଓ ଆଦର୍ଶ ପଥେ କେ ଚାଲୁଛି
ପୋକଖିଆ ବାଇଗଣ
ଯେତେ ଭଲ କଥା କହିଲେ କିଲାଭ
ବାଜଇ ଓଲଟା ବାଣ......

ମନ ମଣିଷର ପ୍ରତି କଥା ଭାଷା
ଶୁଣିବାକୁ ଲାଗେ ଭଲ
ତା ଠାରୁ ନିଜର କିଏ ହେବ ଆଉ
ମନ ବଗିଚାରେ
ହସୁଥାଏ ହୋଇ ଫୁଲ ।

❤ ମାର୍ଫତ : କୈଳାଶ ଚନ୍ଦ୍ର ଭୂୟାଁ
ମୋ: ୯୮୬୧୦୯୪୩୨୦

## ଆଲୋକର ପର୍ବ

**କୁନା ସେଠୀ**

ଆତସ ବାଜିରେ କମ୍ପୁଛି ଗଗନ
ଆଲୋକ ହୁଅଇ ଧରା
ମନରେ ଆନନ୍ଦ ହୋଇ ଗଦ ଗଦ
ପରବ ପାଳୁଛୁ ପରା ।
ଗାଆଁଠୁ ସହର ଖୁସିର ମାହୋଲ
ଖୁସିରେ ହସଇ ଧରା
ଦୀପାବଳି ପର୍ବ ପାଳନ୍ତି ସଭିଏଁ
ବନ୍ଧୁ ବାନ୍ଧବ ଙ୍କ ଦ୍ୱାରା ।
ପୂରୁବ ପୁରୁଷ ଉଦ୍ଧାର ନିମନ୍ତେ
ବଡ ବଡିଏ ର ଡାକ
ଆଲୋକ ଜଳାଇ ମୁକତି ଦିଅନ୍ତି
ହିନ୍ଦୁ ଧରମ ର ଲୋକ ।
ଭଲ ପାଇବାର ଏକ ପରିଚୟ
ଏଇ ପରା ଦୀପାବଳି
ଦୀପ ଜାଳି ଦେଇ ଶୁଭ ମନାସନ୍ତି
ପରମ୍ପରା ପ୍ରଥା ଭଳି ।
ପୁରାଣ ପୃଷ୍ଠାରୁ ତୋଳି କାହାଣୀକୁ
ବାଖ୍ୟା କରନ୍ତି ବସି
ଦେବ ଦୀପାବଳି ନାମ ଯେ ଏହାର
କହନ୍ତି ଜ୍ଞାନିଏ ହସି ।

❤ଭୁତସରସିଙ୍ଗି,
ପୁରୁଷୋତ୍ତମପୁର, ଗଂଜାମ

## ଶୁଭଦୀପ ପାଖେ ଦୀନର ଅର୍ଦ୍ଧଳି

**ଭାଗୀରଥି ସାଗର**

ହେ ବିତ୍ତ !
ପ୍ରାଚୁର୍ଯ୍ୟପତି
ଦେଖ
ତମ ପଛେ ମୁଁ
ହେଇଛି ଠିଆ
ଗୋଟାଏ ପ୍ରଶ୍ୱାସ
ନେଉଥିବା
ଜୀବନ୍ତ ପୁତୁଳି ।
ପେଟେ ମୋ
ଦାନା ଜୁଟିନି
ଛିଣ୍ଡାମଳି କନା
ପିନ୍ଧି ଦେଖୁଛି
ଖାଲି ତମକୁ ।
ତମେ ଖାଲି
ଏ ଅନ୍ଧାର ସନ୍ଧ୍ୟାକୁ
କରୁଛ ଦିନ ।
ମୋ ମୁଣ୍ଡ ମାସ
ମାସ ତେଲକୁ
କରେ ପ୍ରତୀକ୍ଷା,
ଅଥଚ ତେଲ ଟୋପାଟିଏ
ମିଳେନା,ତମେ କିନ୍ତୁ
ଢାଳି ଦେଉଛ
ଲିଟର ଲିଟର ।
ଘଣ୍ଟା ଘଣ୍ଟା କ'ଣସବୁ
ଫୁଟାଇ ଚାଲିଛ ଯେ
ମୋ କାନ ଫାଟିଲାଣି ।
ହଁ,
ଏତ ଶହ ଶହ
ଟଙ୍କାବିଡାକୁ ପୋଡ଼ି
ନଷ୍ଟ କରିବା ସଦୃଶ୍ୟ ।
ତା ଛଡ଼ା
ଆଉ କିଛି ନୁହଁ ।
ପାରୁଛ ଯଦି
ଦିଅ ହେ ବିତ୍ତ,
ମୋ ପେଟେ
ଅନ୍ନ,ଦେହେ ଟିକେ
କନା ।ତେବେ ସିନା
ତମେ ଅରଜିବ ପୁଣ୍ୟ ।

❤ଡାଳଗୁମା,
କୋକସରା, କଳାହାଣ୍ଡି
ମୋ - ୯୩୩୭୬୨୪୮୯୯

## ଦୀପାବଳୀ

**ସୁଶାନ୍ତ ରଣା**

ଦୀପାବଳି ଦୀପ
ଆଲୁଅରେ ଦେଖ
ଦୁନିଆଁ ଉଜ୍ଜଳ ମୟ
ଆସୁରୀ ପ୍ରକୃତି
ଦୂର କରି ଦେଇ
ଜ୍ଞାନର ହେଉ ଉଦୟ,
ଦୁନିଆଁ ମଙ୍ଗଳ ମୟ !
ଦୀପ ଟିଏ ହୋଇ
ସୁ-ପଥେ ଚାଲ ହେ
ନ ଥିବ ଅନ୍ଧାର ଭୟ ।
ଚାଇନା ଦରବ
କରିବା ବର୍ଜନ
ସ୍ୱଦେଶୀୟ ବ୍ୟବହାର
ମାଟି ବଇଠାରେ
ଦୀପ ଜଳେଇବା
ତିଆରିଛି କୁମ୍ଭକାର,
ପରବ ଏ ଆଲୋକର !!
ନିଜ ମାଟି ନିଜ ପରମ୍ପରା ରହିଲେ
ଗାଁ ହେବ ଅଯୋଧ୍ୟା ଧାମ ।

❤ତେରେସିଂହା, ଜି. କଳାହାଣ୍ଡି
ମୋ-୭୮୯୪୬୫୮୨୭୪



# ତମସୋ ମା ଜ୍ୟୋତିର୍ଗମୟ



ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
ସୋମବାର, ଅକ୍ଟୋବର ୨୪, ୨୦୨୨

## ଦୀପାବଳୀ

### ପ୍ରଦୀପ୍ତ କୁମାର ଦାସ

ଆସ ଆମେ ଖୁସି ମନେ
ଦୀପାବଳୀ ପାଳିବା -
ବଡ଼ବଡୁଆଙ୍କ ପାଇଁ
କାଉଁରିଆ ଜାଳିବା,
ଖଇ ତାଳଗଜା ଗୁଡ଼
ଦହି ଛେନା କଦଳୀ -
ବାଢ଼ି ଦେଇ ପୁରୋହିତ
ଜାଳି ଦେବେ ଦୀପାଳୀ,
ପିତୃ ପୁରୁଷଙ୍କୁ ଆମେ
ଭକତିରେ ଡାକିବା -
ଢ଼ାଳିବାକୁ ଶୁଭଦୃଷ୍ଟି
ଅଳି ତାଙ୍କୁ କରିବା,
ଆଲୋକରେ ସଜାଇବା
ଆମେ ପରିବେଶକୁ -
ନଭୁଲିବା ଅତୀତର
ଗଉରବ ଯଶକୁ,
ବିପଦ ଜନକ ବାଣ
ଠାରୁ ଦୂରେ ରହିବା -
ଆଲୋକ ପରିକା ହସି
ସଭିଙ୍କୁ ତ ମୋହିବା,
ମାଆ କାଳୀଙ୍କ ଚରଣେ
ପଶିବାତ ଶରଣ -
କରିବେ ସେ ଜୀବନରୁ
ପାପ ତାପ ହରଣ,
ଆସ ଆମେ ପ୍ରତି ହୃଦେ
ଜାଳି ପ୍ରୀତି ପ୍ରଦୀପ -
ଟାଳି ଦେବା ଦୁନିଆରୁ
ସବୁ ଦୁଃଖ ସନ୍ତାପ ।

+କଣ୍ଟାବଣିଆ, ଛତ୍ରପଡ଼ା,
ପ୍ରୀତିପୁର, ଯାଜପୁର
ପିନ୍ - ୭୫୫୦୧୩
ମୋ: ୮୫୯୪୮୮୫୮୯୮

## ଆଲୋକର ପର୍ବ ଦୀପାବଳି

### ଜଗଦୀଶ ସାହୁ

ବିଦାୟ ଶରତ ପ୍ରବେଶ ହେମନ୍ତ
ରାତିରେ ପଡଇ ଶିଶିର
ହବିଷ ପାଳିବା ପୂଣ୍ୟ ଅରଜିବା
କାର୍ତ୍ତିକରେ ପୂଜି ଶଙ୍କର !
ଦୀପ ଜଳେଇବା ବାଣ ଫୁଟେଇବା
ଆଲୋକର ପର୍ବ ଦୀପାଳି
ଛୋଟ ପିଲାଙ୍କର ଆନଂଦ ଅପାର
ଫୁଟୁଥିଲେ ବାଣ ହାବେଳୀ !
ଶ୍ୟାମାକାଳୀ ପୂଜା ଲାଗେ ଭାରି ମଜା
ମାଆଙ୍କୁ ଦର୍ଶନ କରିବା
ମାଆ ଆଶିଷରେ ବଂଚିବା ସୁଖରେ
ବିପଦ ପଡିଲେ ସ୍ମରିବା !
ବଡ଼ ବଡୁଆଙ୍କୁ ପୂଜା କରିବାକୁ
ଆଗ୍ରହ ରଖିବା ମନରେ
କେଡେ ଖୁସିହେବେ ଆଶୀର୍ବାଦ ଦେବେ
ଅଶରୀରେ ଥାଇ ଶୂନ୍ୟରେ !
ପଢି ଭାଗବତ ଗାଇ ନାମାବୃତ
ରାଇ ଦାମୋଦର ପୂଜିବା
ଧର୍ମ ହେଲେ ନାଶ ପୃଥ୍ୱୀ ହେବ ଧ୍ୱଂସ
ଏଇ କଥା ଭୁଲି ନ ଯିବା !

+ସଞ୍ଚପଡା, ହିନ୍ଦୋଳ
ଢେଙ୍କାନାଳ- ୭୫୯୧୨୮
ମୋ :-୯୦୭୮୧୮୫୬୧୬

# ଆଲୋକର ପର୍ବ ଦୀପାବଳି

**ଡକ୍ଟର ଲକ୍ଷ୍ମଣ ସାହୁ**

ଦୀପାବଳି ଭାରତୀୟମାନଙ୍କର ଏକ ଆଲୋକର ପର୍ବ । ଏହି ପର୍ବ ଅକ୍ଟୋବରର ଅଧାରୁ ନଭେମ୍ବର ଅଧା ଭିତରେ ପଡ଼ିଥାଏ । ହିନ୍ଦୁମାନଙ୍କ ପାଇଁ ଦୀପାବଳି ଏକ ମୁଖ୍ୟ ପର୍ବ ହୋଇ ଥିବାରୁ ଘରକୁ ରଙ୍ଗିନ୍ ସାଜସଜ୍ଜା ସହ ମାଟି ନିର୍ମିତ ଦୀପ ଜାଳି କରି ଏହି ପର୍ବକୁ ପାଳନ କରାଯାଏ । ଏହି ପର୍ବକୁ ଅନେକ ଶ୍ରଦ୍ଧାରେ ଆଲୋକର ଉତ୍ସବ, ଆଲୋକର ପର୍ବ , ଦିଓ୍ୱାଲି ବୋଲି କହିଥାନ୍ତି । ବିଶେଷ କରି ହିନ୍ଦୁ, ବୌଦ୍ଧ, ଜୈନ ଓ ଶିଖ ଧର୍ମାବଲମ୍ବୀ ଏହାକୁ ପାଳନ କରନ୍ତି । ଘରକୁ ବିଭିନ୍ନ ଅଲୋକମାଳାରେ ସଜାଇବା, ବାଣ ଫୁଟାଇବା, ମିଠା ଓ ଉପହାର ବାଣ୍ଟି ଆନନ୍ଦ ସହିତ ଏହି ପର୍ବ ପାଳନ କରାଯାଏ ।

କିମ୍ବଦନ୍ତୀ ଅନୁସାରେ କାର୍ତ୍ତିକ ଅମାବାସ୍ୟାରେ ଦୀପାବଳୀ ଉତ୍ସବ ପାଳନ କରାଯାଏ । ଲୋକୋକ୍ତିରେ ପୟାଅମାବାସ୍ୟା ବା ପୟାଶ୍ରାଦ୍ଧ ଦିବସ କୁହାଯାଏ । ଅନେକ ଶ୍ରୀକ୍ଷେତ୍ରର ବାଇଶି ପାହାଚରେ ପିଣ୍ଡଦାନ କରି ପିତୃଗଣଙ୍କ ଆଶୀର୍ବାଦ ଭିକ୍ଷା କରନ୍ତି । 'ପିତୃ ଲୋକଂ ପରିତାଜ୍ୟ / ଆଗତା ଯେ ମହାଳୟେ / ଇଜ୍ଜ୍ୱଳେ ଜ୍ୟୋତିଷାଂ ମାର୍ଗେ / ପ୍ରପଦ୍ୟନ୍ତୋ ବ୍ରଜନ୍ତୁତେ ।' ପିତୃ ପୁରୁଷଙ୍କୁ ଆଲୋକ ଦେଖାଇ ସ୍ୱର୍ଗ ଲୋକକୁ ଫେରିଯିବା ପାଇଁ ପ୍ରାର୍ଥନା କରନ୍ତି । କାଉଁରିଆ କାଠି ଜାଳି ବଡବଡୁଆଙ୍କୁ ଡାକନ୍ତି- ' ବଡ଼ବଡୁଆ ହୋ /ଅନ୍ଧାରରେ ଆସ ଆଲୁଅରେ ଯା'/ ପୁରୁଷୋତ୍ତମରେ ମହାପ୍ରସାଦ ଖାଇ / ବାଇଶି ପାବଛେ ଗଡ଼ଗଡାଉ ଥା' ।'

ପୌରାଣିକ ମତବାଦ ଓ ଧର୍ମୀୟ ବିଶ୍ୱାସରେ ବାନ୍ଧି ହୋଇ ରହିଥିବା ଏହି ପର୍ବକୁ ବୈଜ୍ଞାନିକ ଦୃଷ୍ଟିକୋଣରୁ ଏହା ଏକ କୃଷିଭିତ୍ତିକ ବିଧି । ପ୍ରାଚୀନ କଳିଙ୍ଗର ତାର କୃଷିକ୍ଷେତ୍ର ଓ ତତସହିତ ପୁରପଲ୍ଲୀରେ ଫସଲର ପୋକ ନିୟନ୍ତ୍ରଣ ପାଇଁ ପାଳନ ହେଉଥିଲା । ଓଡ଼ିଶା ଧାନ ଚାଷରେ ସମୃଦ୍ଧ ଥିଲା । ଏହାର ଚାଷ ପ୍ରଣାଳୀ ମଧ୍ୟ ବିଜ୍ଞାନ ସମ୍ମତ । ଗବେଷକମାନେ ରୋଗପୋକ ଦମନ ପାଇଁ ଓଡ଼ିଆମାନେ ଯେ ନିମ୍ବ ପତ୍ର ଓ ଆଲୋକ ଦିହୁଡ଼ୀର ବହୁଳ ଉପଯୋଗ କରୁଥିବାର ମତ ଦିଅନ୍ତି । 'ଅନଳ ଦେଖିଣ ପତଙ୍ଗ ଧାବନ୍ତି ହୋଇ ଉଦବେଗ ।' କାର୍ତ୍ତିକ ମାସର ଅମାବାସ୍ୟା ଆଡକୁ ପୋକ ଏତେ ପ୍ରବଳ ହୁଏ ଯେ ଘନ ରାତ୍ରୀରେ ଜୀବନ ଅସ୍ତବ୍ୟସ୍ତ ହୋଇପଡ଼େ । ଅମାବାସ୍ୟା ପୂର୍ବ ପରକୁ ମିଶାଇ ପାଞ୍ଚ ଦିନ ମଶାଲ, ଦିହୁଡ଼ୀ, ଦୀପ, ଲଣ୍ଠନ ଆଦି ଜଳାଇ ପୋକଙ୍କୁ ଆଲୋକ ପ୍ରତି ଆକୃଷ୍ଟ କରି ଦମନ କରାଯାଏ ।

ଦୀପାବଳୀରେ ସମଗ୍ର ଭାରତରେ ଦିବ୍ୟ ଜନନୀଙ୍କର ନାନା ରୂପରେ ପୂଜା କରାଯାଏ । ବଙ୍ଗଳା, ଆସାମ, ଓଡ଼ିଶା ଓ ବିହାରରେ ଦୀପାବଳୀ ମା' କାଳୀଙ୍କ ପୂଜା କରାଯାଏ । କାର୍ତ୍ତିକ କୃଷ୍ଣ ତ୍ରୟୋଦଶୀ ମଧ୍ୟ ରାତ୍ରୀରୁ ତାନ୍ତ୍ରିକ ଓ ଶାକ୍ତ ମତରେ ଦେବୀଙ୍କର ପୂଜା ହୁଏ । ମାଟିରେ ତିଆରି ମୂର୍ତ୍ତି ସହ ବିଭିନ୍ନ ଶକ୍ତି ପୀଠରେ ଏହା ପାଳିତ ହୁଏ । ସେହିପରି ଭାରତର ଅନ୍ୟାନ୍ୟ ଅଂଶରେ ଦୀପାବଳୀ ଲକ୍ଷ୍ମୀ ପୂଜାର ସମୟ । ବିଶେଷ କରି, ଉତ୍ତର ଭାରତରେ ମହାଲକ୍ଷ୍ମୀଙ୍କ ରୂପରେ ଦେବୀଙ୍କ ଆରାଧନା କରାଯାଏ । ସେହି ସବୁ ଅଞ୍ଚଳରେ ଏହା ଏକ ମୁଖ୍ୟ ପର୍ବ ରୂପେ ପାଳିତ ହୋଇଥାଏ । ମିଥିଳା ଓ ନେପାଳରେ ଏହି ପର୍ବରେ ମହାନିଶାଙ୍କ ପୂଜାର୍ଚ୍ଚନା କରାଯାଏ ।

ତ୍ରେତୟା ଯୁଗରେ ପ୍ରଭୁ ରାମଚନ୍ଦ୍ର ରାବଣକୁ ବଧକରିବା ପରେ ମା' ସୀତାଙ୍କୁ ଧରି ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କଲେ । ଅଯୋଧ୍ୟାର ପ୍ରଜାମାନେ ଶ୍ରୀରାମଙ୍କ ଅସତ୍ୟ ଉପରେ ସତ୍ୟର ବିଜୟ ନିମନ୍ତେ ଆନନ୍ଦରେ ନାନା ପ୍ରକାର ଆଲୋକ ଜଳେଇଥିଲେ । ସେହି ଦିନରୁ ଏହି ଉତ୍ସବ ପାଳନ ହୋଇ ଆସୁଛି । ଉତ୍ତର ଭାରତରେ ପୁରୁଷୋତ୍ତମ ରାମଚନ୍ଦ୍ରଙ୍କର ଭକ୍ତମାନେ ଏହି ଦିନକୁ ବହୁ ଯାକଜମକରେ ପାଳନ କରନ୍ତି । 'ଉତ୍ସବ ତତ୍ତ୍ୱାଭିଧାନ' ଅନୁଯାୟୀ ଏକଦା କାର୍ତ୍ତିକ(ତୁଳା)ମାସ-ଘନଅନ୍ଧକାର କୃଷ୍ଣପକ୍ଷରେ ଜଣେ ଭବିଷ୍ୟଦ୍ରଷ୍ଟା ଜ୍ୟୋତିଷ ପ୍ରଭୁ ଶ୍ରୀରାମଙ୍କୁ ବିପର୍ଯ୍ୟସ୍ତ ଦୁର୍ଭାଗ୍ୟ କାଳସର୍ପ ରୂପେ ଅମାରାତିରେ ଦଂଶନକରିବା ପାଇଁ ଲୁଚିଛପି ଆସିବାର ଭବିଷ୍ୟବାଣୀ କରିଥିଲେ । ସତର୍କତା ପୂର୍ବକ ଅଯୋଧ୍ୟା ରାଜନଗରୀର କୃଷ୍ଣପକ୍ଷ ସାରା ଉଜ୍ଜଳ ଆଲୋକ ପ୍ରଜ୍ଜଳନ କରାଯାଇ ସେହି କାଳସର୍ପ ଦଂଶନର ଚକ୍ରାନ୍ତକୁ ପଣ୍ଡ କରାଯାଇଥିଲା ।

ପୁରାଣରେ ଉଲ୍ଲେଖ ଅଛି ଦୈତ୍ୟରାଜ ବଳିଙ୍କର ଦାନ ଧର୍ମ ଦେଖି ସ୍ୱର୍ଗର ଦେବତାମାନଙ୍କ ଭାଳେଣି ପଡ଼ିଗଲା । ବଳି ପୂଣ୍ୟ ଫଳରେ ସ୍ୱର୍ଗପୁରର ଅଧିକାରୀ ହେଇପାରନ୍ତି । ତେଣୁ ଦେବତାମାନଙ୍କ ପ୍ରାର୍ଥନାରେ ବିଷ୍ଣୁ ବାମନ ଅବତାର ନେଇ ବଳିଙ୍କ ପାଖରେ ପହଞ୍ଚି ତାଙ୍କୁ ତିନିପାଦ ଭୂମି ମାଗିଥିଲେ । ଗୋଟିଏ ପାଦରେ ପୃଥିବୀ, ଅନ୍ୟ ଗୋଟିଏ ପାଦରେ ସ୍ୱର୍ଗ ଓ ତୃତୀୟ ପାଦରେ ବଳିଙ୍କୁ ପାତାଳକୁ ଚାପି ଦେଲେ । ତା' ପରେ ବଳିଙ୍କ ପ୍ରାର୍ଥନା କରିବାରୁ ବର୍ଷକରେ ଥରେ ମର୍ତ୍ତ୍ୟପୁରକୁ ଆସି ପ୍ରଜାମାନଙ୍କୁ ଦର୍ଶନ କରିବାକୁ ବିଷ୍ଣୁ ଏଥିରେ ସମ୍ମତି ଜଣାଇ କାର୍ତ୍ତିକ ଶୁକ୍ଳ ପ୍ରତିପଦା ଦିନ ବଳି ମର୍ତ୍ତ୍ୟକୁ ଆସିବାକୁ ବରଦାନ କରିଥିଲେ । ସେହି ଦିନଠାରୁ ମର୍ତ୍ତ୍ୟବାସୀ ଆନନ୍ଦରେ ଦୀପ ଜାଳି ଆଲୋକିତ କରନ୍ତି । ପୌରାଣିକ ତଥ୍ୟାନୁସାରେ ଦ୍ୱାପରଯୁଗରେ ଶ୍ରୀକୃଷ୍ଣ ରାକ୍ଷସ ନରକାସୁରକୁ ମାରି ଚଉଷଠି ସହସ୍ର ରାଜକନ୍ୟାଙ୍କୁ ଉଦ୍ଧାରକଲା ପରେ ଇନ୍ଦ୍ରମାତାଙ୍କୁ ନରକାଦ୍ୱାରା ଅପହୃତ ମଣିକୁଣ୍ଡଳକୁ ଫେରାଇବାକୁ ସତ୍ୟଭାମାଙ୍କୁ ନେଇ ସ୍ୱର୍ଗକୁ ଯାଇଥିଲେ । ସତ୍ୟଭାମାଙ୍କ ଅନୁରୋଧରେ ପାରିଜାତ ବୃକ୍ଷର ଚାରା ଆଣିବାକୁ ଯାଇ ଇନ୍ଦ୍ର ଓ ଦେବତାମାନେ ବାଧାଦେବାରୁ ଏକାକି ଶ୍ରୀକୃଷ୍ଣ ସମସ୍ତଙ୍କୁ ପରାସ୍ତ କରି ପାରିଜାତ ବୃକ୍ଷ ସହ ବହୁ ଧନରତ୍ନ ଧରି ଏହି ଦିବସରେ ଦ୍ୱାରକା ଫେରିଥିଲେ । ତେଣୁ ଦ୍ୱାରକାବାସୀ ପ୍ରଭୁଙ୍କୁ ସ୍ୱାଗତ ଜଣାଇ ସମଗ୍ରନଗରୀକୁ ଦୀପ ଆଲୋକରେ ଆଲୋକିତ କରି ବିଜୟ ଉତ୍ସବ ପାଳନ କରିଥିଲେ । ଅପରପକ୍ଷେ ଋକ୍ ବେଦରୁ ସୂଚନା ମିଳେ ଯେ, ପୃଥିବୀ ଏକଦା ଘୋର ଅନ୍ଧକାର ଭିତରେ ବୁଡି ରହିଥିଲା । କାଳ କ୍ରମେ ସୂର୍ଯ୍ୟଙ୍କର କିରଣ ପାଇ ପୃଥିବୀ ଦିନେ ଆଲୋକିତ ହେଲା । ଏହାକୁ ମନେ ରଖିବା ପାଇଁ ଦୀପାବଳି ଉତ୍ସବ ପାଳନ ହେଉଛି ।



ଜୈନ ଧର୍ମରେ ଦୀକ୍ଷିତ ବ୍ୟକ୍ତିମାନେ ୨୪ତୀର୍ଥଙ୍କର ମହାବୀରଙ୍କର ନିର୍ବାଣ ଦିବସ ରୂପେ ଏହି ଦିବସକୁ ପାଳନ କରିଥା'ନ୍ତି । ଏ ସମ୍ପର୍କରେ ଗୋଟିଏ କାହାଣୀ ରହିଛି । ମହାବୀରଙ୍କର ଯେତେବେଳେ ମହାପ୍ରୟାଣ ଘଟିଲା, ସେତେବେଳେ ତାଙ୍କ ପାଖରେ ବହୁ ଜୈନ ଧର୍ମାବଲମ୍ବୀ ସନ୍ନ୍ୟାସୀ ଭକ୍ତ ଉପସ୍ଥିତ ଥିଲେ । ମହାପ୍ରୟାଣ ପରେ ଏ ପୃଥିବୀ ପାଇଁ କି'ଏ ଆଉ ଜ୍ଞାନାଲୋକ ଦେବେ, ଏହା ହିଁ ସେମାନେ ଚିନ୍ତାକଲେ । ଶେଷରେ ସେମାନେ ଏକତ୍ରିତ ହୋଇ ଦୀପାବଳି ଦିନ ମଶାଲ ଜଳାଇ ଦିବ୍ୟଜ୍ଞାନ ସନ୍ଧାନରେ ଯାଇଥିଲେ । ସେବେ ଠାରୁ ଦୀପାବଳି ଦିନ ଆଲୋକ ଜଳେଇବାର ପ୍ରଥା ଚାଲିଆସୁଛି । ଖ୍ରୀଷ୍ଟପୂର୍ବ ୫୨୭ରେ ମହାବୀରଙ୍କୁ ଏହି ଦିନରେ ନିର୍ବାଣ ପ୍ରାପ୍ତି ହୋଇଥିଲା । ସେହିଦିନକୁ ସ୍ମରଣ ରଖିବା ପାଇଁ ଜୈନମାନେ ଦୀପାବଳି ପାଳନ କରନ୍ତି । ଜୈନ ବ୍ୟବସାୟୀମାନେ ହିସାବ ଖାତା ଏବଂ ମୁଦ୍ରା ପୂଜା କରନ୍ତି । ସେହିବର୍ଷ ପାଇଁ ହିସାବଖାତା ବନ୍ଦ କରାଯାଏ । ପରବର୍ତ୍ତୀ ଆଠଦିନ କୌଣସି ବ୍ୟବସାୟ କରନ୍ତି ନାହିଁ । ସେମାନେ ଉପବାସ କରନ୍ତି; ଜପତପ କରନ୍ତି । ନବମଦିନରେ ଜୈନ ନବବର୍ଷ ପାଳିତ ହୁଏ । ଇତିହାସରୁ ଜଣାଯାଏ ଏକଦଶଦର୍ଶୀ ମୋଗଲ ସମ୍ରାଟ ଔରଙ୍ଗଦେବଙ୍କ ଦ୍ୱାରା ଶିଖ ? ଧର୍ମର ଷଷ୍ଠ ଗୁରୁ ହରଗୋବିନ୍ଦ ସିଂହ ବନ୍ଦୀହୋଇ କାରାକୋଠରୀରେ ଆବଦ୍ଧ ହୋଇଥିଲେ । ଅଗଣିତ ଶିଖ ଧର୍ମାବଲମ୍ବୀଙ୍କ ଦୃଢ ବିରୋଧ ଯୋଗୁଁ ଶେଷରେ ତାଙ୍କୁ କାରାମୁକ୍ତ କରାଗଲା । ତାଙ୍କୁ ସ୍ୱାଗତ କରିବା ନିମନ୍ତେ ସେତେବେଳେ ସ୍ୱର୍ଣ୍ଣ ମନ୍ଦିରକୁ ଦୀପରେ ସଜାଯାଇଥିଲା । ସେ ଏହି ଦୀପାବଳିଦିନ କାରାମୁକ୍ତ ହୋଇ ଥିବାରୁ, ଏହି ଦିନଟିକୁ ଅନ୍ଧାରରୁ ଆଲୋକସନ୍ଧାନ ପ୍ରାପ୍ତିର ଦିବସ ରୂପେ ଶିଖ ସମ୍ପ୍ରଦାୟ ପାଳନ କରି ଆସୁଛନ୍ତି ।

ଐତିହାସିକ ଆବୁଲ ଫଜୀଲ ତାଙ୍କର ଆଇନ ଆକବରୀରେ ମୋଗଲ ଶାସନକାଳୀନ ବଣିକ, ଆଲୋକ ଜ୍ୱଳନ୍ତ ଓ ଅକ୍ଷକ୍ରୀଡା ନାମକ ଦୀପାବଳି ଆଧାରିତ ମନୋଜ୍ଞ ଉପକଥାର ଉଲ୍ଲେଖ କରିଛନ୍ତି । ଆଲବରୁଣୀରେ ମୋଗଲ ସମ୍ରାଟଙ୍କ ଲମ୍ବା ବାଉଁଶ ପୋତି ତା'ର ଅଗରେ ଶିକାରେ ଆକାଶ ପ୍ରଦୀପ ଜାଳିବା କଥା ବରୋଦା ସଂଗ୍ରହାଳୟରେ ରଖାଯାଇଥିବା ପ୍ରାଚୀନ ଆକାଶପ୍ରଦୀପ ଅତୀତରେ ଦୀପାବଳି ପାଳନ କରାଯାଉଥିବାର ପ୍ରମାଣ ଦିଏ । ଚାଣକ୍ୟ ଓ ଚୋଳବଂଶକାଳୀନ ଉତ୍ସବ ପରମ୍ପରାରେ ଦୀପାବଳି ପାଳନ ହେଉଥିବାର କନୌଜବଂଶୀୟ ରାଜା ହର୍ଷବର୍ଦ୍ଧନଙ୍କ କାଳଜୟୀ ଅମରକୃତି ନାଟକ ନାଗାନନ୍ଦରୁ ସ୍ପଷ୍ଟ ହୁଏ । ଗୁପ୍ତବଂଶୀୟ ସମ୍ରାଟ ଦ୍ୱିତୀୟ ଚନ୍ଦ୍ରଗୁପ୍ତ ବିକ୍ରମାଦିତ୍ୟ ଦୀପାବଳି ତିଥିରେ ସିଂହାସନ ଆରୋହଣ କରିଥିବାରୁ ତା'ର ସ୍ମାରକୀ ରୂପେ ସେହି ଦିନଠାରୁ ଗୁପ୍ତାବ୍ଦର ପ୍ରଚଳନ ହୋଇଥିଲା ।ଦୀପାବଳି ପର୍ବ କେବଳ ଭାରତରେ ନୁହେଁ ନେପାଳ, ଶ୍ରୀଲଙ୍କା, ମିଆଁମାର, ମରିସସ, ଗୁଏନା, ତ୍ରିନିଦାଦ ଓ ଟବାଗୋ, ସୁରିନେମ, ମାଲେସିଆ, ସିଙ୍ଗାପୁର, ଓ ଫିଜିରେ ମହାଯାକଯମକ ସହକାରେ ପାଳନ କରାଯାଇ ଆସୁଛି । ଯାହା ଫଳରେ ଏହା ହିନ୍ଦୁମାନଙ୍କ ଗଭୀର ଧର୍ମ ବିଶ୍ୱାସକୁ ଜାଗ୍ରତ କରି ରଖିଛି..!!!

+ଅଧକ୍ଷ, ମହାନଦୀବିହାର ମହିଳା ସ୍ନାତକ
ମହାବିଦ୍ୟାଳୟ , କଟକ -୪
ମୋ: ୯୦୪୦ ୧୫୧୪ ୭୫

## ଆଲୋକର ପର୍ବ

## ଦୀପାବଳୀ

### ଶିବ ପ୍ରସାଦ ବାହିନୀପତି

ଆଲୋକର ପର୍ବ ଏଇ ଦୀପାବଳୀ
ଚାରିଆଡ଼େ ଆଲୋକିତ ଏଇ ଧରା
ଚନ୍ଦ୍ରମା ନାହିଁ ସିନା ନଭମଣ୍ଡଳେ
ହେଲେ ଝଲସି ଉଠେ ଆଲୋକମାଳା ।
ପ୍ରତି ଗ୍ରାମେ ପ୍ରତି ନଗ୍ରେ ପ୍ରତି ଦ୍ୱାରେ
ସଜ୍ଜିତ ହୋଇ ରହିଥାଏ ଦୀପାଳୀ
ମିଞ୍ଜି ମିଞ୍ଜି ହୋଇ ଜଳୁଥାଏ ଦୀପ
ଖେଳାଇ ଦିଏ ଆଲୋକର ଲହରୀ ।
ଫୁଲଝରି ଧପଧପି ବାଣ ସବୁ
ରାତିକୁ କରଇ ଆହୁରି ସୁନ୍ଦର
ପ୍ରତ୍ୟେକ ଦ୍ୱାରେ ସଜ୍ଜିତ ହୋଇଥିବା
ମହମ ସବୁ ଅତିବ ମନୋହର ।
ଚାଉଁକା ଆତସବାଜିର ଆଲୋକେ
ଏଇ ଧରାରେ ଖେଳିଯାଏ ଆଲୋକ
ଅମାବାସ୍ୟାର ଏଇ ଘନ ଅନ୍ଧକାରେ
ଆଲୋକରାଶି ହୁଏ ପ୍ରତିଫଳିତ ।
ସବୁ ଜନ ସବୁ ମନ ସବୁ ପ୍ରାଣ
ଏଇ ଦୀପାବଳିରେ ସର୍ବେ ଏକତ୍ର
ସୃଷ୍ଟି ହୁଏ ଭାଇଚାରାର ସମ୍ପର୍କ
ତମସାପୂର୍ଣ୍ଣ ଜୀବନେ ପୁଣି ଥରେ
ଝଲସି ଉଠେ ଆଲୋକର ସମ୍ଭାର ।
ସ୍ୱାଗତ କରୁଛି ଏଇ ଦୀପାବଳୀକୁ
ଦୀପାବଳୀ ତୁମେ ଆସ ପ୍ରତିବର୍ଷ
ଆନନ୍ଦ ପସରା ନେଇ ଆସୁଥାଅ
ଏମିତି ସର୍ବଦା ହସୁଥାଉ ବିଶ୍ୱ ।

+ଭାଟପଡ଼ା, ନିରାକାରପୁର,
କଣାସ , ପୁରୀ
ମୋ: ୮୯୧୭୪୮୦୫୩୬

## ଅନ୍ଧାରକୁ ହଟିବାକୁ ହୁଏ

### ପୁଷ୍ପାଞ୍ଜଳି ପଣ୍ଡା

ଦୀପ ଆଉ ଦୀପାବଳୀକୁ ନେଇ
କାହିଁ କେତେ ରୂପକଳ୍ପ,
କେତେ କଥା କେତେ ଗାଥା
ଆଧ୍ୟାତ୍ମିକ, ବିଜ୍ଞାନର ବାର୍ତ୍ତା ।
ବିସ୍ମିତ ହୁଏ, ଯେତେବେଳେ ଦେଖେ
ସହରର କେଉଁ ଏକ ଭିଡନ୍ତ ଛକରେ
ଅସହାୟ ବୁଢ଼ୀଟିଏ
ବିକୁଥାଏ ପୁଞ୍ଜାପୁଞ୍ଜା ମାଟି ଦୀପ ,
ଆଉ ତା ର ଥୁରୁ ଥୁରୁ ହାତରେ
ତିଆରି ପୁଳାଏ ସଳିତା!!!
ଘଡ଼ିଏ ଚାହିଁ ଦେଖିଲି
ଚକ୍ ମକ ଚାଇନା ଦୀପର
ଚାହିଦାର, ଆଦରର,
ପଟୁଆର ସବୁଆଡେ ।
ଅଥଚ ବୁଢ଼ୀ ହସୁଛି ଖିଲିଖିଲି
ଦଶ ଟଙ୍କା ଦୀପ ବିକ୍ରି ପରେ ।
ଭାବୁଥିଲି,
କେଉଁଠୁ ପାଉଛି ଏତେ ଶକ୍ତି ତା'ର
ଚାରିଖଣ୍ଡ ହାତ ଆଉ ଗୋଡ଼ !
କେଉଁଠୁ ତୋଳିଛି ଧଳା ସଫା କପାଫୁଲ
ବଳିଅଛି ସୁଖର ସଳିତା ।
ସହରର କଂକ୍ରିଟ ଜଙ୍ଗଲରୁ
କେମିତି ଉଠାଏ ମାଟି !
ଗଢ଼ିବାକୁ ସୁନ୍ଦର ଦୀପଟିଏ
ଯାହା ଲାଗି ଅନ୍ଧାରକୁ ହଟିବାକୁ ହୁଏ ।

+ କେନ୍ଦ୍ରାପଡ଼ା

**ବିଶ୍ୱବିଜୟୀ ଦାଶ**

# ଆଲୋକର୍ ପର୍ବ ଦୀପାବଳୀ

ଓଁ ଅସତୋ ମା ସଦ୍‌ଗମୟ ।
ତମସୋ ମା ଜ୍ୟୋତିର୍ଗମୟ ।
ମୃତ୍ୟୋର୍ମା ଅମୃତଂ ଗମୟ ।।
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।।

ବୃହଦାରଣ୍ୟକ ଉପନିଷଦର ଏହି ଶ୍ଳୋକଟିକୁ ଆମେ ସଭିଁଏ ପିଲାଟିଦିନରୁ ଶୁଣିଆସିଛେ । ଏହାର ଅର୍ଥ ହେଉଛି - ହେ ! ସର୍ବଶକ୍ତିମାନ, ଆମକୁ ଅସତ୍ୟରୁ ସତ୍ୟ ଆଡ଼କୁ ନେଇଚାଲ । ଅନ୍ଧକାରରୁ ଆଲୋକ ଆଡ଼କୁ ନେଇଚାଲ । ମୃତ୍ୟୁରୁ ଅମରତ୍ୱ ଆଡ଼କୁ ନେଇଚାଲ ।

ଆଲୋକର ପର୍ବ ହେଉଛି ଦୀପାବଳି । ଅନ୍ଧକାର ଉପରେ ଆଲୋକ ଏବଂ ଅଜ୍ଞାନ ଉପରେ ଜ୍ଞାନର ବିଜୟର ପ୍ରତୀକ । ଏଣୁ ଏହି ଅବସରରେ ଉପରୋକ୍ତ ଚିର ସବୁଜ ଶ୍ଳୋକର ଯଥେଷ୍ଟ ପ୍ରାସଙ୍ଗିକତା ରହିଛି । ଚାରିଆଡ଼େ ଦୀପ, ବାଣ ଓ ମିଠାର ଆସର । ଦୀପାବଳି ପାଇଁ ସମଗ୍ର ଭାରତବର୍ଷ ହୁଏ ଉତ୍ସବମୁଖର । ହିନ୍ଦୁମାନଙ୍କ ପାଇଁ ଦୀପାବଳି ଏକ ମୁଖ୍ୟ ପର୍ବ, ଯାହାକୁ ନାନାଦି ପାରମ୍ପରିକ ଢଙ୍ଗରେ ପାଳନ କରାଯାଇଥାଏ । ଘରେ ଘରେ ଆନନ୍ଦ ଉଲ୍ଲାସର ସୁଅ ଛୁଟିବା ସହ ବିଭିନ୍ନ ରଙ୍ଗ ବେରଙ୍ଗର ରଙ୍ଗୋଲି ଦ୍ୱାରା ଘରକୁ ସଜାବାରେ ଲାଗିପଡ଼ିଛନ୍ତି ଲୋକେ । ଦୀପାବଳିରେ ସମଗ୍ର ଭାରତରେ ଦିବ୍ୟ ଜନନୀଙ୍କର ନାନା ରୂପରେ ପୂଜା କରାଯାଏ । ବଙ୍ଗଳା, ଆସାମ, ଓଡ଼ିଶା ଓ ବିହାରରେ ଦୀପାବଳିରେ ମା' କାଳୀଙ୍କ ପୂଜା କରାଯାଏ । କାର୍ତ୍ତିକ କୃଷ୍ଣ ତ୍ରୟୋଦଶୀ ମଧ୍ୟରାତ୍ରିରୁ ତାନ୍ତ୍ରିକ ଓ ଶାକ୍ତ ମତରେ ଦେବୀଙ୍କର ପୂଜା ହୁଏ । ବିଭିନ୍ନ ଶକ୍ତି ପୀଠ ସମେତ ମୃଣ୍ମୟୀ ମୂର୍ତ୍ତିଙ୍କ ଆରାଧନା କରାଯାଏ । ସେହିପରି ଭାରତର ଅନ୍ୟାନ୍ୟ ଅଞ୍ଚଳରେ ଦୀପାବଳି ଅବସରରେ ଗଣେଶ ଓ ଲକ୍ଷ୍ମୀଙ୍କୁ ପୂଜା କରାଯାଏ । ବିଶେଷକରି, ଉତ୍ତର ଭାରତରେ ଏହା ବହୁଳ ଭାବେ ପାଳିତ ହୁଏ । ସେହିପରି ମିଥିଳା ଓ ନେପାଳରେ ଏହି ପର୍ବରେ ମହାନିଶା ଦେବୀଙ୍କ ପୂଜା କରାଯାଏ ।

ଓଡ଼ିଶାରେ ଏହି ଦିନ ବଡ଼ବଡୁଆଙ୍କ ଉଦ୍ଦେଶ୍ୟରେ ପିଣ୍ଡ ଦେଇସାରି କାଉଁରିଆ କାଠି ଜାଳାଯାଏ । ମହାଳୟା ତିଥିରେ ପିତୃପୁରୁଷଙ୍କୁ ଆବାହନ କରି ପିଣ୍ଡଦାନ କରାଯାଉଥିବା ବେଳେ ଦୀପାବଳି ତିଥିରେ ଆଲୋକ ଦେଖାଇ ସେମାନଙ୍କୁ ବିଦାୟ ଦିଆଯାଇଥାଏ । 'ପିତୃ ଲୋକଂ ପରିତାଜ୍ୟ, ଆଗତା ଯେ ମହାଳୟେ, ଉଜ୍ଜ୍ୱଳେ ଜ୍ୟୋତିଷାଂ ମାର୍ଗେ, ପ୍ରପଦ୍ୟନ୍ତୋ ବ୍ରଜନ୍ତୁତେ', ଅର୍ଥାତ ପିତୃପୁରୁଷଙ୍କୁ ଆଲୋକ ଦେଖାଇ ସ୍ୱର୍ଗ ଲୋକକୁ ଫେରିଯିବା ପାଇଁ ପ୍ରାର୍ଥନା କରାଯାଏ । ଅସଂଖ୍ୟ ଭକ୍ତ ସେଦିନ ବାଇଶି ପାହାଚରେ ପିଣ୍ଡଦାନ କରି କାଉଁରିଆ କାଠି ବି ଜାଳନ୍ତି । ପିତୃଗଣଙ୍କ ଆଶୀର୍ବାଦ କାମନା କରନ୍ତି । କାଉଁରିଆ କାଠି ଜାଳିବାବେଳେ ଉଚ୍ଚାରଣ କରନ୍ତି 'ବଡ଼ବଡୁଆ ହୋ ଅନ୍ଧାରରେ ଆସି ଆଲୁଅରେ ଯାଅ, ପୁରୁଷୋତ୍ତମ କ୍ଷେତ୍ରରେ ମହାପ୍ରସାଦ ଖାଇ, ବାଇଶି ପାହାଚ଼ରେ ଗଡ଼ଗଡାଉ ଥାଅ ।'

ପୁରାଣ ଅନୁଯାୟୀ, ୧୪ ବର୍ଷ ପରେ ରାମ, ରାବଣଙ୍କୁ ବଧ କରି ଦୀପାବଳିରେ ଅଯୋଧ୍ୟା ଫେରିଥିଲେ । ଅଯୋଧ୍ୟାବାସୀ ଘୃତ-ଦୀପ ଜାଳି ଏହି ଦିନ ରାମଙ୍କୁ ସ୍ୱାଗତ କରିଥିଲେ । ସେହିପରି ଦ୍ୱାପର ଯୁଗରେ ଶ୍ରୀକୃଷ୍ଣ ନାରକାସୁରକୁ ବଧ କଲା ପରେ ତା' ପରଦିନ ବ୍ରଜବାସୀ ଦୀପ ଜାଳି ଉତ୍ସବ ପାଳନ କରିଥିଲେ । ସେହି ଦିନ ମଧ ଥିଲା ଦୀପାବଳି ।

ମାଟିର ଦୀପ ହେଲା ପଞ୍ଚତତ୍ତ୍ୱରେ ଗଢ଼ା ଆମ ଶରୀରର ପ୍ରତୀକ ଏବଂ ତା' ମଧ୍ୟରେ ଜଳୁଥିବା ଦୀପଶିଖା ଅଜର, ଅମର, ଅବିନାଶୀ ଆତ୍ମାର ପ୍ରତୀକ । ତେଣୁ ଅଜ୍ଞାନ ଅନ୍ଧକାରକୁ ଦୂର କରିବାକୁ ହେଲେ ଆତ୍ମଜ୍ୟୋତିକୁ ଜାଗ୍ରତ କରିବା ନିତାନ୍ତ ଆବଶ୍ୟକ । ଏହି ଅଜ୍ଞାନରୂପୀ ଅନ୍ଧାର ହେଲା ମନୁଷ୍ୟ ଭିତରେ ଛପି ରହିଥିବା କାମ, କ୍ରୋଧ, ଲୋଭ, ମୋହ, ଅହଙ୍କାର, ଈର୍ଷା, ଆଳସ୍ୟ ଇତ୍ୟାଦି ବିକାରଗୁଡ଼ିକ । ଏ ଗୁଡ଼ିକ ଦୂର କରିବାକୁ ହେଲେ ପରମଜ୍ୟୋତିରେ ଆତ୍ମଜ୍ୟୋତିକୁ ଉଦ୍ଭାସିତ କରିବାକୁ ହୁଏ । ଜ୍ଞାନର ଆଲୋକ ହିଁ ଏ ସୃଷ୍ଟିର ଶ୍ରେଷ୍ଠ ଆଲୋକ । ଜ୍ଞାନ ମାଧ୍ୟମରେ ଜଣେ 'ନିଜ'ର ପରିଚୟ ପାଇ ପରମାତ୍ମାଙ୍କର ପରିଚୟ ପାଇବାକୁ ସମର୍ଥ ହୋଇପାରିଥାଏ । ଦୀପାବଳୀର ମୁଖ୍ୟ ଆର୍କଷଣ ହେଉଛି ବାଣ ଫୁଟା । ସନ୍ଧ୍ୟା ହେଉ ହେଉ ଚ଼ାରିଆଡ଼େ ବାଣ ଫୁଟା ର ଆସର ଜମିଯାଇଥାଏ ।ବାଣ ରୁ ନିର୍ଗତ ଧୂଆଁ ବାୟୁ ମଣ୍ଡଳକୁ ପ୍ରଦୂଷଣ କରିଥାଏ,ଯାହା ଫଳରେ ସବୁଜ ପରିବେଶ ନଷ୍ଟ ହୁଏ । ଅଧିକ ଶବ୍ଦ କରୁଥିବା ବାଣ ଫୁଟେଇବା ଦ୍ୱାରା ଶ୍ରବଣ ଶକ୍ତିକୁ ଗଭୀର ଆଘାତ ଦେଇଥାଏ ।ବାଣ ରୁ ନିର୍ଗତ ଧୂଆଁରେ ସଲଫର ଡ଼ାଇଅକ୍ସାଇଡ଼, କାର୍ବନ ଡ଼ାଇଅକ୍ସାଇଡ଼ ଓ କାର୍ବନ ମନୋକ୍ସାଇଡ଼ ଭଳି ମାରାତ୍ମକ ଗ୍ୟାସ ଶ୍ୱାସ ଭଳି ମାରାତ୍ମକ ରୋଗ ସୃଷ୍ଟି କରେ । ଛୋଟ ପିଲାଙ୍କୁ ଆଦୌ ବାଣ ଫୁଟାଇବାକୁ ଦିଅନ୍ତୁ ନାହିଁ, ଯଦି ଦେବେ ତାଙ୍କ ପାଖେ ପାଖେ ରୁହନ୍ତୁ ।ବାଣ ଫୁଟାଇବା ର ମାହୋଲ ମନକୁ କ୍ଷଣିକ ଆନନ୍ଦ ଦିଏ, ହେଲେ ତାହାର କୁପ୍ରଭାବ ପରିବେଶ ଓ ସମାଜ ଉପରେ ପଡ଼ିଥାଏ । ତେଣୁ ସମସ୍ତ ଜନସାଧାରଣଙ୍କୁ ମୋର ବିନମ୍ର ନିବେଦନ,ମାଟି ଦୀପ ଜାଳି ଓ ଗୃହକୁ ଆଲୋକ ରେ ସଜାଇ ଦୀପାବଳୀ ହସ ଖୁସିରେ ମନାନ୍ତୁ । ଯେତେ କମ୍ ଧୂଆଁ,କମ୍ ଶବ୍ଦ ହେଉଥିବା ବାଣ ବ୍ୟବହାର କରନ୍ତୁ । ଆଲୋକର ପର୍ବ ଦୀପାବଳୀ ଉପଲକ୍ଷେ ସମସ୍ତ ଯୁବ, ଛାତ୍ର ବନ୍ଧୁ ଓ ଗୁରୁଜନ ମାନଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ । ଏହି ପର୍ବ ସମସ୍ତଙ୍କ ଜୀବନକୁ ଆଲୋକିତ କରୁ,ଏହାହିଁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।

+ଯୁବ ସ୍ତମ୍ଭକାର
ବି.ଏସସି,ବି.ଇଡ଼୍(ସ୍ୱତନ୍ତ୍ର ଶିକ୍ଷା)
ଗମ୍ଭାରିମୁଣ୍ଡା,ବାଣପୁର,ଖୋର୍ଦ୍ଧା
ପିନ୍- ୭୫୨୦୩୫
ମୋ: ୬୩୭୦୨୦୮୪୨୮

## ଆସିଛି ଦୀପାବଳି

### ଦିନେଶ ମେହେର

ପୁଣି ଆସିଛି ଦୀପାବଳି
ରାଇଜେ ରାଇଜେ ଏବେ
ହୁରି ପଡ଼ିବ,
ରାମ ରାଇଜ ପୁଣି
ଆସିଛି ବୋଲି ।
ହେଲେ ରାମ ରାଇଜେ
ରାମ କେଉଁଠି ?
ଅଛି ଖାଲି ରାବଣ ।
କିନ୍ତୁ ଆଜିର ରାବଣ
ସେଇ ତ୍ରେତୟା ଯୁଗର
ରାବଣଠୁ ବି ନୀଚ,
ନିଜ ଦେହର ଭୋକ ମିଣ୍ଟେଇବା ପାଇଁ
ଲକ୍ଷେ ସୀତାର ଜୀବନ ନେଇ ଯାଉଛି,
ନିର୍ଯାତନା ଅତ୍ୟାଚାର କରି
ନିଜ ଆତ୍ମସମ୍ମାନ ହରେଇ ଦେଲାଣି,
ସୀତା !
ହଁ ସତୀତ୍ୱ ର ପରିଚୟ,
ଆଜି ସେଇ ସୀତା ଆଉ ନାହିଁ
ବିଡ଼ାଏ ନୋଟ୍ ରେ ବିକି ଦେଇଛି ନିଜ ଇଜ୍ଜତ
ରାଜନୀତିଆ, ନେତା ମନ୍ତ୍ରୀଙ୍କ ରକ୍ଷିତା ସାଜି
ଲୁଟି ଦେଇଛି ତାଙ୍କ ସବୁ ଧନ ସଂପତ୍ତି ।
ଇଏ ପରା କଳିଯୁଗ
ଏଠି ଦୀପାବଳିରେ ଦୀପ ନୁହେଁ
ଲିଚୁ ଲାଇଟ୍ ଜଳେ,
କୁମ୍ଭାର ପେଟରେ ଓଦା କନା ଦିଏ
ହେଲେ ବଡ଼ ବଡ଼ିଆ ବେପାରୀ
ପିଜ୍ଜା ବର୍ଗର୍ ଖାଇ
ଦୀପାବଳି ମନାଏ,
ସତରେ କଳିଯୁଗ ଆସିଛି
ପୁଣି ଆସିଛି ଦୀପାବଳି ।

+ପଳାସ, କଳାହାଣ୍ଡି

## ଦୀପାବଳି

### କସ୍ତୁରୀ ଚରଣ ରାଉତ

ରାବଣକୁ ମାରି ସୀତାଙ୍କୁ ଉଦ୍ଧରି
ଅଯୋଧ୍ୟାକୁ ରାମ ଫେରି
ଅସତ୍ୟ ଉପରେ ସତ୍ୟର ବିଜୟ
ପାଳିଥିଲେ ନରନାରୀ ।
ସେଦିନୁ ଉତ୍ସବ ପାଳନ କରନ୍ତି
ବିଭିନ୍ନ ଆଲୋକ ଜାଳି
ଦୀପର ପ୍ରାଧାନ୍ୟ ରହିଥିବା ହେତୁ
ନାମ ତା'ର ଦୀପାବଳି ।
ପିତୃପୁରୁଷଙ୍କୁ ପିଣ୍ଡ ଦେଇସାରି
କାଉଁରିଆ କାଠି ଜାଳି
ବଡ଼ବଡୁଆ ହୋ ଡାକ ଦେଇଥାନ୍ତି
ଥୋଇ ପୁଣି ପିଠା ଥାଳି ।
କେତେ ପରକାରେ ପିଠାପଣା ହୁଏ
ଫୁଟାଯାଏ ପୁଣି ବାଣ
ଆତସବାଜୀରେ ଝଲସେ ଆକାଶ
ଶବଦ ବି ହୁଏ ଟାଣ ।
ବାୟୁ ପ୍ରଦୂଷଣ ଶବ୍ଦ ପ୍ରଦୂଷଣ
ହୋଇଥାଏ ଚାରିଆଡ଼େ
ଅସାବଧାନତା ଆଣେ ଦୁର୍ଘଟଣା
ସେଥିପାଇଁ ଡରମାଡ଼େ ।
ଭାବିଛ କି ଥରେ ଫୁଟାଇଲେ ବାଣ
ହେଉଥାଏ କେତେ କ୍ଷତି
ଦେଶର ସଂପତ୍ତି ଅକାରଣେ ପୋଡ଼େ
ଆସେ ଅକାଳ ବିପତ୍ତି ।
ବିନା ଶବଦରେ ମାଟି ଦୀପ ଜାଳି
ପାଳିବା ଆଲୋକ ପର୍ବ
ସଚେତନ ହେଲେ ସୁରକ୍ଷିତ ହେବା
ମନରେ ନ ବହି ଗର୍ବ ।

+ସତ୍ୟବାଦୀ ହାଇସ୍କୁଲ,ଧଣ୍ଡାମାଳ
ବଲାଙ୍ଗିର,
ମୋ.୮୯୧୭୩୯୭୩୪୮

# ମା'କାଳୀ-କରାଳବଦନା

ଉମେଶ ଚନ୍ଦ୍ର ପାତ୍ର

ଆମ୍ଭେମାନେ ସାଧାରଣତଃ ମା'କାଳୀଙ୍କର ଯେଉଁ ରୂପ ପୂଜା କରୁ ତାହା ଭୀତିପ୍ରଦକ। ଦେବଦେବ ମହାଦେବଙ୍କ ବକ୍ଷ ଉପରେ ଜିଭ ବାହାରକୁ ରଖି ଦଣ୍ଡାୟମାନ, ଗଳାରେ ନରମୁଣ୍ଡ, ସେ ନରହସ୍ତ ନିର୍ମିତ ମେଖଳା ପରିହିତା, ଭୀମଦମନା ଓ ଶିବାପରିବେଷ୍ଟିତା। ତାଙ୍କର ଚାରିଟି ହାତରେ ଖଡ୍ଗ, ନରମୁଣ୍ଡ ଓ ବରାଭୟ। ମା'କାଳୀ ହେଉଛନ୍ତି ଚିର ରହସ୍ୟାବୃତା। ଘୋର ଅମାବାସ୍ୟାର ଗଭୀର ରାତ୍ରିରେ ତାଙ୍କର ପୂଜା ହୁଏ। ନିସ୍ତବ୍ଧ ନିଶୀଥିନୀର ଜଡ଼ନିଦ୍ରାର ଆବରଣ ଭେଦ କରି ଧ୍ୱନିତ ହୁଏ- ''କାଳୀ କରାଳବଦନା, ବିନିଷ୍କ୍ରା ତ୍ତାସିପାଶୀନି''। ଏଇ କାଳୀ କିଏ? କଥିତ ଅଛି ମା'ଦୁର୍ଗା ଦେବୀଙ୍କର ଲଲାଟରୁ ଆବିର୍ଭୂତା ଦେବୀ ବିଶେଷ। ଚଣ୍ଡ ନାମକ ଅସୁରକୁ ବଧ କରିବା ସମୟରେ ମା'ଙ୍କର ମୁଖ କ୍ରୋଧରେ କୃଷ୍ଣବର୍ଣ୍ଣ ହୋଇ ଉଠିଥିଲା। ତାଙ୍କର ଲଲାଟ ଦେଶରୁ କରାଳବଦନା ଅସିପାଶଯୁକ୍ତା ଏଇ ମା'କାଳୀଙ୍କର ଆବିର୍ଭାବ, ଅସତ୍ ବିନାଶାର୍ଥେ ଜିହ୍ୱା ଲଳନ ଭୀଷଣା ଭୟଙ୍କାରୀ ଶ୍ୟାମା। ଦୃପ୍ତ ଦାନବଗଣ ଯେତେବେଳେ ପୃଥିବୀରେ ପ୍ରବଳ ହୋଇ ଉଠନ୍ତି, ସତ୍ ଓ ସାଧୁ ବ୍ୟକ୍ତିଗଣ ଯେତେବେଳେ ନିର୍ଯାତିତ ହୁଅନ୍ତି, ଧରଣୀର ସ୍ୱସ୍ତି ଯେତେବେଳେ ବିଢ଼ମ୍ବିତ ଓ ବିଧ୍ୱସ୍ତ ହୁଏ, ସେତେବେଳେ ଜୀବ ଅସ୍ତିତ୍ୱ ରକ୍ଷାର୍ଥେ ଆବିର୍ଭୂତା ହୁଅନ୍ତି ମହାକାଳୀ। ଜୀବନର ଜୀବନଗତି ଯେତେବେଳେ ସ୍ତବ୍ଧ ହୋଇଆସେ, ପ୍ରବୃତ୍ତିର ପାଷାଣ ଚାପରେ ମନମରା ହୋଇ ମନୁଷ୍ୟ ଯେତେବେଳେ ଦିନ କାଟେ, ଆଳସ୍ୟ, ଅବିଶ୍ୱାସ, ଅକୃତଜ୍ଞତା ଓ ଆତ୍ମମ୍ଭରିତାରେ ବୁଡି ଯାଇ ନିଜକୁ ସଙ୍କୁଚିତ କରି ଉଠାଏ, ତାର ଚକ୍ଷୁ ସମ୍ମୁଖରୁ ପଥ ହରିଯାଏ, ସେତେବେଳେ ମା'କାଳୀଙ୍କର ଆରାଧନାର ପ୍ରୟୋଜନ ହୁଏ। କାରଣ ମା'କାଳୀଙ୍କର ବୈଶିଷ୍ଟ୍ୟ ମଧ୍ୟରେ ଅଛି ସକଳ ପ୍ରକାର ନିଥରତା ଅପସାରଣ କରି ଜୀବନରେ ସାତ୍ୱତ ଗତିବେଗ ସଞ୍ଚାରିତ କରିବା।

ମା'କାଳୀଙ୍କୁ ଶକ୍ତି ରୂପେ ପୂଜା କରାଯାଏ। ଯେଉଁମାନେ ଶକ୍ତିର ଉପାସନା କରନ୍ତି, ସେମାନେ ଶାକ୍ତ ଭାବରେ ପରିଚିତ। ଏହି ଶକ୍ତି ହେଲା ଜୀବନୀ ଶକ୍ତି। ମନୁଷ୍ୟ ଯେତେବେଳେ ନିର୍ବୀର୍ଯ୍ୟ, କ୍ଳୀବ ଓ ନିଷ୍କର୍ମା ହୋଇପଡେ, ସେତେବେଳେ ଶକ୍ତିଙ୍କୁ ଉପାସନା କଲେ ସେ ଜୀବନର ଗତିବେଗ, କର୍ମକ୍ଷମତା, ସାହସ, ଶକ୍ତି ଓ ଶୌର୍ଯ୍ୟ ଫେରିପାଏ। ଶକ୍ତି ପୂଜାକୁ କେହି କେହି ଅସତ୍ ଉଦ୍ଦେଶ୍ୟରେ ମଧ୍ୟ ବ୍ୟବହାର କରନ୍ତି। ପୂର୍ବକାଳରେ ଦସ୍ୟୁ ଓ ଡକାୟତ ମାନେ କାଳୀପୂଜା କରି ଡକାୟତି କର୍ମରେ ଅଗ୍ରସର ହେଉଥିଲେ। ବର୍ତ୍ତମାନ ମା'କାଳୀଙ୍କୁ ସମ୍ମୁଖରେ ରଖି ସମାଜର ଆମପରି କିଛି ଯୁବକ ନାଚ, ମଦ୍ୟପାନ ଓ ଅର୍କେଷ୍ଟ୍ରାରେ ବ୍ୟସ୍ତ ରହୁଛନ୍ତି - ତାହା କିନ୍ତୁ ଶକ୍ତିପୂଜାର ମହିମା ନୁହେଁ। ବରଂ ତାହା ଅନ୍ତଃସ୍ଥ ଅନିୟନ୍ତ୍ରିତ ନୀଚ ପ୍ରବୃତ୍ତିରାଜିର ବହିଃ ପ୍ରକାଶ ମାତ୍ର। ତେଣୁ ଶକ୍ତି ବୃଦ୍ଧି ନହୋଇ ଶକ୍ତିହୀନ ହେଉଛୁ ଆମ୍ଭେମାନେ। ଅସତ୍ ବିରୁଦ୍ଧରେ ଯୁଦ୍ଧ କରିବାର ଶକ୍ତି ଆଜି ଆମ୍ଭମାନଙ୍କର ନାହିଁ। ବଂଶମର୍ଯ୍ୟାଦା, ଆଭିଜାତ୍ୟ ଓ ଦାୟିତ୍ୱବୋଧ ସମ୍ବନ୍ଧରେ ଆମ୍ଭେମାନେ ସଚେତନ ହୋଇଉଠି ପାରୁନାହୁଁ। ମା'ଭଉଣୀଙ୍କୁ ସମ୍ମାନ ଦେଉନାହୁଁ, ଅନ୍ୟର କ୍ଷତି କରିବା ଏପରିକି ଜୀବନନାଶ କରିବା ପାଇଁ ମଧ୍ୟ ଆମେ ପଛାଉନାହୁଁ। ଏହାକି ଶକ୍ତି ପୂଜାର ଫଳ? ଯିଏ ବିଶ୍ୱ ପ୍ରସବିନୀ କଲ୍ୟାଣମୟୀ ମା', ତାଙ୍କର ପୂଜା କରି ଚରିତ୍ରରେ ଅଧଃପତନ ହେବା ତାଙ୍କର ପୂଜା ନୁହେଁ। ପୂଜା ମଣ୍ଡପରେ ମାଇକ୍‌ରେ ବିଭିନ୍ନ କୁରୁଚିପୂର୍ଣ୍ଣ ଯୌନଉଦ୍ଦୀପକ ସଙ୍ଗୀତ ବଜାଇ ସମସ୍ତେ ମସ୍‌ଗୁଲ ରହନ୍ତି।

ଆମେ ଯେଉଁ କାଳୀମୂର୍ତ୍ତି ଦେଖୁ ତାହା ଭୟଉତ୍ପାଦକ ସଂହାରମୂର୍ତ୍ତି। ସେ ମୁଣ୍ଡମାଳା ବିଭୂଷିତା, ଚତୁର୍ଭୁଜା, ମୁକ୍ତକେଶୀ, ଶ୍ୟାମା ଓ ମହାରବା। ଏହା ହେଉଛି ମା'କାଳୀଙ୍କର ଏକ ରୂପ। ଅନ୍ୟ ଏକ ରୂପ ହେଉଛି ସେ ପ୍ରସନ୍ନା ଓ ହାସ୍ୟମୁଖୀ। ତାଙ୍କର ଦୁଇ ହାତରେ ଖଡ୍ଗ ଓ ନରମୁଣ୍ଡ - ଧ୍ୱଂସର ପ୍ରତୀକ ଏବଂ ଅନ୍ୟ ଦୁଇ ହାତରେ ବର ଓ ଅଭୟ - ସନ୍ତାନ ମାନଙ୍କ ପାଇଁ। ମା'ଙ୍କ ପାଖରେ ଅଛନ୍ତି ଆଠଟି ଯୋଗିନୀ - ଯଥା ଭୀଷଣା, ଚଣ୍ଡୀ, କରାଳା, ଶୂଳିନୀ, ହନ୍ତ୍ରୀ ଓ ତ୍ରିପୁରା। ଏହି ପ୍ରଥମ ଛଅଟି ହେଉଛି ଅସତ୍ ନିରୋଧୀ ଶକ୍ତି ଓ ଶେଷ ଦୁଇଟି ହେଉଛି କର୍ତ୍ତ୍ରୀ ଓ ବିଧାତୃକା - ଏହି ଦୁଇଟି ହେଉଛି ସୃଜନାତ୍ମକ ଓ ବାତ୍ସଲ୍ୟପରାୟଣା। ସେ ହେଉଛନ୍ତି ଭୟଦା ଓ ଭୟନାଶିନୀ। ପରମପୁରୁଷ ଶ୍ରୀ ଶ୍ରୀ ରାମକୃଷ୍ଣଦେବଙ୍କ ପାଖରେ ମୃଣ୍ମୟୀ ମା'ଚିନ୍ମୟୀ ହୋଇ ଉଠିଥିଲେ। ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ମା'ମୋର ଦୀପାନ୍ୱିତା। ମା'କାଳୀଙ୍କ ମଧ୍ୟରେ ସେ ନିଜର ଜନ୍ମଦାତ୍ରୀ ମା'ଙ୍କୁ ହିଁ



ପ୍ରତ୍ୟକ୍ଷ କରିଛନ୍ତି। ଥରେ ଛାତ୍ରାବସ୍ଥାରେ ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଜଣେ ସାଙ୍ଗ ସହିତ ଦକ୍ଷିଣେଶ୍ୱର ଭବତାରିଣୀ ମନ୍ଦିରକୁ ଯାଇଥିଲେ। ସେତେବେଳେ ଦ୍ୱିପ୍ରହର ପୂଜା ସରିଛି ମାତ୍ର। ଉପସ୍ଥିତ ସମସ୍ତଙ୍କୁ ପ୍ରସାଦ ବିତରଣ କରାହେଉଛି। ବାଳକ ଅନୁକୂଳଚନ୍ଦ୍ରଙ୍କୁ ପ୍ରସାଦ ଦେବା ପୂର୍ବରୁ ମନ୍ଦିରର ଦରଜା ବନ୍ଦ ହୋଇଗଲା ଓ ପ୍ରସାଦ ବିତରଣ ମଧ୍ୟ ବନ୍ଦ ହେଲା। କିନ୍ତୁ ବାଳକ ଅନୁକୂଳ ସେତେବେଳେ କ୍ଷୁଧାର୍ତ୍ତ, ପ୍ରସାଦ ନପାଇ କ୍ଷୁଧାର୍ତ୍ତ ଅବସ୍ଥାରେ ଅଭିମାନରେ ମନ୍ଦିର ବାରଣ୍ଡାର ଏକ ଗଛଛାଇରେ ଶୋଇ ପଡ଼ିଲେ। ନିଦ୍ରାବସ୍ଥାରେ ବାଳକ ଅନୁକୂଳଚନ୍ଦ୍ର ସ୍ୱପ୍ନ ଦେଖିଲେ - ମା'ଶ୍ୟାମା, ମୁକ୍ତକେଶୀ, ସୀମନ୍ତରେ ସିନ୍ଦୂର, ଲାଲପାହାଡ ଶାଢ଼ୀ ପିନ୍ଧି ଆସିଛନ୍ତି। ଗୋଟିଏ ହାତରେ ଏକ ଗ୍ଲାସପାଣି, ଆଉ ଗୋଟିଏ ହାତରେ ବରଫି ସନ୍ଦେଶ ମିଷ୍ଟି। ଏଇ ରୂପ ବର୍ଣ୍ଣନା କରୁ କରୁ ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ବହୁବାର କହିଛନ୍ତି - ଦେଖିବାକୁ ଠିକ୍ ମୋ ମା'ପରି। ମା ଆସ୍ତେ ଆସ୍ତେ ଆସି ବାଳକ ଅନୁକୂଳର ମୁଣ୍ଡକୁ ଉଠାଇ ନେଇ କୋଳରେ ରଖି ମୁଖ ପାଖରେ ସନ୍ଦେଶ ଧରି ଆଦରରେ କହିଲେ - ଖା। ବାଳକ ଅନୁକୂଳ ଅଭିମାନ ଭରେ କହିଲେ - ନା, ମୁଁ ଖାଇବି ନାହିଁ। ମୋତେ ସେତେବେଳେ ଭୋକ ଲାଗୁଥିଲା, କିନ୍ତୁ ପ୍ରସାଦ ଦିଆ ହେଲାନାହିଁ କାହିଁକି? ମୁଁ ବର୍ତ୍ତମାନ ଖାଇବି ନାହିଁ। ସେତେବେଳେ ମା'ସସ୍ନେହେ ହସି ହସି କହିଲେ - ଏତେ ପିଲାମାନଙ୍କ ସାମ୍ନାରେ ମୁଁ କି ତୁମ ପାଖକୁ ଆସିପାରିବି? ଏହାପରେ ମା'ବସି ପରମ ଆଦରରେ ମୋତେ ସନ୍ଦେଶ ଓ ପାଣି ପିଆଇଲେ। ନିଦରୁ ଭାଙ୍ଗି ବାଳକ ଅନୁକୂଳ ବୋଧ କଲେ ତାଙ୍କ କ୍ଷୁଧା ବା ତୃଷ୍ଣା କିଛି ନାହିଁ। ଦକ୍ଷିଣେଶ୍ୱରରୁ ଚାଲି ଚାଲି କଲିକତା ପହଞ୍ଚିଲେ ମଧ ତାଙ୍କୁ ଭୋକ ବା ଶୋଷ କିଛି ଲାଗି ନଥିଲା। ତେଣୁ ମା' ରହସ୍ୟାବୃତା ଶିଳାମୂର୍ତ୍ତି ନୁହେଁ, ସନ୍ତାନ ପାଖରେ ସେ ଚିରସ୍ନେହମୟୀ ସନ୍ତାନମଙ୍ଗଳ ବିଧାୟିନୀ ଜନନୀ। ତେଣୁ ୧୯୫୬ ମସିହାର ୨ୟ ନଭେମ୍ବର ଦୀପାବଳୀ ଦିନ ପରମପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଏକ ଅନବଦ୍ୟ ଛନ୍ଦରେ ପ୍ରଦାନ କଲେ ମହାବାଣୀ - ଆଜି ଦ୍ୱୀପାଳି, ମା'ମୋର ଦୀପାନ୍ୱିତା, ଜୀବନ ଆଲୋକ, ମା'ଙ୍କର ଏକ ହସ୍ତରେ ଅସତ୍ ନିରୋଧୀ ଅସ୍ତ୍ର, ଅନ୍ୟ ହାତରେ ବର ଓ ଅଭୟ, ବାତ୍ସଲ୍ୟର ପରମ ଆଶ୍ରୟ, ତେଣୁ ମା'ଶିବାନୀ, ଶୁଭାନୀ, କଲ୍ୟାଣୀ କାଳୀ, ସଞ୍ଚାର ସାତ୍ୱତ ସମ୍ବେଗ, ଅସ୍ତିତ୍ୱର ଅମୃତ ଉତ୍ସ, ଜୀବନ ଯୋଗ ନର୍ତ୍ତନା, ମୋର ମା'।


+ସହ-ପ୍ରତିରତ୍ୱିକ,
ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋ : ୯୪୩୭୦୫୧୯୫୭


## ଦୀପାବଳି

ତାରାପ୍ରସାଦ ଜେନା

ଆଲୋକର ପର୍ବ ଦୀପାବଳି ଆଜି
ଆସିଛି ବରଷେ ଥରେ
ଅଜ୍ଞାନର ଯେତେ ଅନ୍ଧକାର ଅଛି
ନାଶିବା ଇଚ୍ଛାକୁ ସ୍ମରେ !

ବାମନରେ ପ୍ରଭୁ ପାତାଳେ ଚାପିଲେ
ବଳିର ଗରବ ନାଶି
ଏଇ ଦିନ ବଳି କଥା ରଖିଥିଲେ
ମର୍ତ୍ତ୍ୟକୁ ବୁଲିବା ଖୁସି !

ପିତୃପକ୍ଷ ଲୋକ ଆଶ୍ୱିନରେ ଆସି
ଫେରନ୍ତା ଶ୍ରାଦ୍ଧରେ ଆଜି
ବଡ଼ ବଡ଼ିଆଙ୍କୁ ଦୀପ ଟେକା ହୁଏ
ଖୁସିର ଆତସବାଜି !

ବନବାସ ଶେଷେ ରାମ ଫେରିଥିଲେ
ଲକ୍ଷ୍ମଣ ସୀତାଙ୍କୁ ଘେନି
ଅଯୋଧ୍ୟାର ପ୍ରଜା ସ୍ୱାଗତରେ ଥିଲେ
ଆଲୋକ ପରବ ମାନି !


ଭୃଗୁ ଋଷିଙ୍କର ଝିଅ ପଣେ ଉଭା
ଲକ୍ଷ୍ମୀ ମାତ ଆଜି ତିଥି,
ନରକାସୁରକୁ କୃଷ୍ଣ ବଧ କଲେ,
ଦ୍ୱାରକା ଉତ୍ସବ ସାଥି !

ଜୈନ ମହାବୀର ନିର୍ବାଣ ଦିବସ
ମୁକ୍ତିର ଆଲୋକ ବୋଲି,
ଶିଖମାନଙ୍କର 'ବନ୍ଦୀ ଛୋଡ଼' ପର୍ବ
ପାଳନ୍ତି ହୃଦୟ ଖୋଲି !

ଚତୁର୍ମାସ ବର୍ଷା କୀଟ ପତଙ୍ଗରେ
ପ୍ରକୃତି ଆକ୍ରାନ୍ତ କେତେ
ଦୀପ, ବାଣ ଜଳି ମରିଯାନ୍ତି ସିନା
ମଣିଷ ଶାନ୍ତିକୁ ସତେ !

କିଏ ଖୁସିବାସି କେମିତି ପାଳୁଛି
ମିଠେଇ ଦେଉଛି ମଜା
ନୂଆ ଖାତା କା'ର, ପୋଷାକରେ ନୂଆ,
କରୁଛି କାଳୀଙ୍କ ପୂଜା !


ରାଜ ରଣପୁର, ଜିଲ୍ଲା-ନୟାଗଡ଼,
ପିନ୍-୭୫୨୦୨୬,
ଦୂରଭାଷ-୯୩୪୮୦୫୪୩୦୦

## ଦୀପାବଳି ପାଳିବାଞ୍ଚ

ଜୟନ୍ତ କୁମାର ମଲ୍ଲିକ୍

ପବିତ୍ର ମନରେ ଆସ ଦୀପାବଳୀ ପାଳିବା
ଶୁଦ୍ଧ ଗୋମାତା ଘୃତରେ ମାଟିଦୀପ ଜାଳିବା,
ନକଲିଠୁ ଦୂରେ ରହି ପୂଜାପାଠ କରିବା
କାଉଁରିଆ ଜାଳି ବଡ଼ବଡୁଆଙ୍କୁ ସ୍ମରିବା,
ଦୀପରେତ ସଜାଇବା ଆମେ ଘର ଦୁଆର
ଛାତ ଉପରେ ଖେଳିବ ଆଲୋକର ଜୁଆର,
ବିଷାକ୍ତ ପୋକ ଯେ କେତେ ଆତ୍ମହତ୍ୟା କରିବେ
ଆଲୋକକୁ ଭଲପାଇ ସଂସାରରୁ ତରିବେ,
ବିଜେ ହୋଇ ମାଆ କାଳୀ ଦୁଷ୍ଟଙ୍କୁତ ଦଳିବେ
ଧରାରେ ଆଲୋକ ଭରି ସରଗକୁ ଚଳିବେ,
ହେମନ୍ତ ଓଠରେ ଦିବ୍ୟ ହସ ଯିବ ମହକି
ପ୍ରତି ହୃଦେ ସତ୍ୟ ଶାନ୍ତି ଯିବ ନିଶ୍ଚେ ବହକି।


+ଶୁରଡିହ, ନନ୍ଦିପୁର, ଦଶରଥପୁର,ଯାଜପୁର
ମୋ: ୯୪୩୭୮୬୫୭୨୭


## ଆସ ଆସ ମା' ମହାକାଳୀ

ପୁଷ୍ପାଞ୍ଜଳି ମିଶ୍ର

ଆସ ଆସ ମା ମହାକାଳୀ
କରାଳ ବଦାନୀ
ଶ୍ୟାମାକାଳୀ ନାମେ ଖ୍ୟାତ
ଜଗତର ପାପ ବିନାଶିନୀ
ଦୟାମୟୀ ନାମେ ତୁମେ
ବିପୁଳା ଦଶନୀ
ଚଉଦ ଭୁବନେ ପୂଜ୍ୟା
ଜଗତ ଜନନୀ
ଦୁର୍ଗତୀ ନାଶିନୀ
ଲହ ଲହ ଜିହ୍ୱା ତୋର
ସିନ୍ଦୁରେ ଶୋଭିତା
ନୃମଣ୍ଡ ମାଳିନୀ ମାତା
ହସ୍ତେ ଛିନ୍ନ ମୁଣ୍ଡ
ପାପି ନାଶ କରି ମା ଗୋ
ଶ୍ରୀ ଅଙ୍ଗେ ଶୋଭିତା
ଶ୍ମଶାନ ବାସିନୀ ପାପଘ୍ନନୀ
ଭୟଙ୍କରି ମା ତା
କରୁଣା ମୟୀ ମା ଲୋ
ସନ୍ତାନ ବତ୍ସଳା
ଖଡ୍ଗ ଖରପର ହସ୍ତରେ
ତିନି ନେତ୍ରେ ଜ୍ୟୋତି
ଭୟ ପ୍ରଦ ଦେବୀ ପାପି ଜନେ
ଦ୍ୟନ୍ତେ ଭୀତି
ଦକ୍ଷିଣ କାଳିକା ନାମେ
ରୂପରେ ଶୋଭିତା
ମହୀ ପ୍ରକମ୍ପିତ ହେବ
କିଳି କିଳା ରାବେ
ଚଣ୍ଡୀ ଚାମୁଣ୍ଡାଙ୍କୁ ଧରି
ବୁଲୁଥାଉ ତୁହି
ଚ ଉଦ ବ୍ରହ୍ମାଣ୍ଡେ ତାର
ଜୀବଙ୍କର ମୁକ୍ତି
ଦୁଷ୍ଟା ସଂହାର ଶେ ଦେବୀ
ନାମେ ତୁହି ଖ୍ୟାତ
ଗଳେ ତୋର ଲମ୍ବିଥାଏ
ନର ମୁଣ୍ଡ ମାଳ ସବୁ
କାର୍ତ୍ତିକ ଅମାବାସ୍ୟାରେ
ତୋର ଦିବ୍ୟ ପୂଜା
ସିଦ୍ଧି ପ୍ରଦାୟିନୀ ପଦେ
କରୁଛି ଦୟାନୀ
ଦୟା ରଖ ମା ଗୋ
ତୋର ପାଦେ ମୋର କୋଟି
ପ୍ରଣିପାତ।


+ସୁକିନ୍ଦା କ୍ରୋମାଇଟ୍ ମାଇନ୍ସ
ଯାଜପୁର
ମୋ: ୯୫୫୬୬୪୩୯୨୧


# ଆଲୋକର ପର୍ବ ଦୀପାବଳି

ରଶ୍ମୀ ସାମଲ

କର୍ମ ଜଞ୍ଜାଳଗ୍ରସ୍ତ ମଣିଷ ଜୀବନରେ ସାମୟିକ ଚିତ୍ତବିନୋଦନ ପାଇଁ ପର୍ବପର୍ବାଣୀର ବିଶେଷ ଭୂମିକା, ଯାହା ଆମ ସାଂସ୍କୃତିକ ଜୀବନ ବୋଧର ପରିଚୟ। ଏହି ପର୍ବ ଜନତାର ଜୀବନରେ ପ୍ରଦାନ କରେ ନବସ୍ଫୁର୍ତ୍ତୀ, ଜାଗୃତି, ଚେତନା ଓ ଅମିତ ଉତ୍ସାହ। ଏହା ଆଲୋକର ପର୍ବ ରୂପେ ପାଳନ କରାଯାଏ। ଦୀପ ବା ପ୍ରଦୀପ ଶୁଭର ପ୍ରତୀକ। ହିନ୍ଦୁର ମାଙ୍ଗଳିକ କାର୍ଯ୍ୟରେ ଦୀପର ଆବଶ୍ୟକତା ଥାଏ। ଅତଏବ ଦୀପମାନଙ୍କର ସମୂହକୁ ଦୀପାବଳି କୁହାଯାଏ। ଅମାରାତ୍ରିର ଘନ ଘୋର ଅନ୍ଧାରକୁ ଦୀପାଲୋକ ଦୂର କରେ। ଭାରତର ବିଭିନ୍ନ ଅଂଚଳରେ ଯଥା ବଙ୍ଗଳା, ଆସାମ, ବିହାର ଆଦି ବିଭିନ୍ନ ରାଜ୍ୟରେ ଦୀପାବଳୀରେ ଦେବୀ କାଳୀଙ୍କୁ ପୂଜାର୍ଚ୍ଚନା କରାଯାଇଥାଏ।

ଏତଦ୍ ବ୍ୟତୀତ ଦୀପାବଳି ପାଳନର ମୂଳରେ କିଛି ପୌରାଣିକ,ଐତିହାସିକ ଓ ସ୍ୱାସ୍ଥ୍ୟାଭିତ୍ତିକ କାରଣ ମଧ୍ୟ ନିହିତ ରହିଛି। ସେହି ପରି କାର୍ତ୍ତିକ ମାସ ସମ୍ବନ୍ଧରେ କୁହାଯାଇଛି

' ଏ ମହା କାର୍ତ୍ତିକ ମାସ
ଭଣିଲେ ଶଙ୍କର ଦାସ
ସୀତା ସଂଗେ ଘେନି ରଘୁ କୁଳପତି
ଭୋଗ କଲେ ବାରମାସ ଲୋ
କୋଇଲି ଶୁଣ ଲୋ।'

କବି ଶଙ୍କର ଦାସ ଏହି ପଦରେ କାର୍ତ୍ତିକ ମାସର ଶ୍ରେଷ୍ଠତା ପ୍ରତିପାଦନ କରିଛନ୍ତି। ଭାରତୀୟ ସଂସ୍କୃତିରେ କାର୍ତ୍ତିକ ମାସକୁ ପୁଣ୍ୟ ମାସ ରୂପେ ଗ୍ରହଣ କରାଯାଇଛି। ସେଥି ପାଇଁ ଗାଁ ମାନଙ୍କରେ କଥାରେ କୁହନ୍ତି ଗଙ୍ଗା ପରି ତୀର୍ଥ ବେଦ ପରି ଶାସ୍ତ୍ର ସତ୍ୟ ଯୁଗ ପରି ଯୁଗ ନାହିଁ। ଆଉ କାର୍ତ୍ତିକ ମାସ ପରି ମାସ ବି ନାହିଁ। ହଜାରେ ତୀର୍ଥରେ ସ୍ନାନ କଲେ ମିଳେ ଯେଉଁ ପୁଣ୍ୟ କାର୍ତ୍ତିକରେ ବୁଡ଼ ପକେଇଲେ ମିଳେ ସେହି ପୁଣ୍ୟ। ଏହି ମାସର ଅମାବାସ୍ୟା ଦୀପାବଳି ଅମାବାସ୍ୟା ରୂପେ ସର୍ବ ଭାରତେ ବିଦିତ। ଓଡ଼ିଆଙ୍କ ନିଆରା ଏହି ଦୀପାବଳି। ହିନ୍ଦୁଙ୍କ ପ୍ରଧାନ ଓ ଜାତୀୟ ପର୍ବ। କୃଷ୍ଣଙ୍କ ଦ୍ୱାରା ନାରକା ସୁରର ବିନାଶ ଓ ବନ୍ଦିନୀ ଷୋଳସହସ୍ର କନ୍ୟାଙ୍କ ମୁକ୍ତି ଜନ ମାନସରେ ଆନନ୍ଦର ଢେଉ ଖେଳାଇ ଦେଇଥିଲା। ସେହି ସ୍ମୃତିର ସ୍ମାରକୀ ରୂପେ ଦୀପାବଳି ପର୍ବର ସୃଷ୍ଟି ବୋଲି ମଧ୍ୟ କୁହାଯାଏ। ଭାରତର ବିଭିନ୍ନ ଅଂଚଳରେ ଦେବୀଙ୍କୁ ପୂଜା କରାଯାଇଥାଏ। କେତେକ ରାଜ୍ୟରେ ଲକ୍ଷ୍ମୀପୂଜା ଏହି ପର୍ବର ଅନ୍ୟତମ ଆକର୍ଷଣ। ବଳିରାଜାକର୍ତ୍ତୃକ ଜଗତ ଜନନୀ ଲକ୍ଷ୍ମୀ ଏହି ଦିବସରେ ପାତାଳରୁ ମୁକ୍ତି ଲାଭ କରିଥିଲେ, ତାଙ୍କର ନିରାଜନା ପାଇଁ ଦୀପାବଳୀର ଆୟୋଜନ ମଧ୍ୟ କରାଯାଇ ଥାଏ। ଦୀପାବଳି ପର୍ବ ସହିତ ଅନ୍ୟ ଏକ ପୌରାଣିକ କାହାଣୀ ଅଛି। ବାମନ କର୍ତ୍ତୃକ ପାତାଳ ଆବଦ୍ଧ ବଳି ବିଷ୍ଣୁ ଙ୍କ ନିର୍ଦ୍ଦେଶ ମତେ ବରଷକେ ଥରେ ଏହି କାର୍ତ୍ତିକ ଅମାବାସ୍ୟା ତିଥିରେ ରାତ୍ରିରେ ପୃଥିବୀ ଭ୍ରମଣ କରନ୍ତି। ବିଷର୍ଣ୍ଣ ପ୍ରଜାଗଣ ପ୍ରସନ୍ନ ହୋଇ ଆଲୋକ ମାଳାରେ ବଳୀଙ୍କୁ ସମ୍ବର୍ଦ୍ଧନା ଜଣାଇ ଥାନ୍ତି। ଦୀପାବଳି ଉତ୍ସବର ଅନ୍ୟନାମ ବଳି ରାଜ୍ୟ ଉତ୍ସବ। ଦିପାବଳୀ ସହ ଲଙ୍କା ବିଜେତା ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ ସ୍ମୃତି ଜଡିତ ଥିବା ପୁରାଣ ମାନଙ୍କରୁ ଜଣାଯାଏ। ତ୍ରେତୟା ଯୁଗରେ ପ୍ରଭୁ ରାମଚନ୍ଦ୍ର ରାବଣଙ୍କୁ ମାରି ଅଯୋଧ୍ୟା ଫେରିଥିଲେ। ଅଯୋଧ୍ୟା ବାସୀ ଅସତ୍ୟ ଉପରେ ସତ୍ୟର ବିଜୟ ପାଇଁ ବିଭିନ୍ନ ପ୍ରକାର ଆଲୋକ ଜଳାଇଥିଲେ। ଅଯୋଧ୍ୟାବାସୀ ଅଯୋଧ୍ୟାର ରାଜପ୍ରାସାଦ ଓ ଗୃହ ଗୁଡିକ ଦୀପାଲୋକରେ ବିଭୂଷିତ କରି ରାମ ସୀତାଙ୍କ ପ୍ରତ୍ୟାବର୍ତ୍ତନ କୁ ସ୍ୱାଗତ ଜଣାଇ ଥିଲେ। ଉତ୍ତର ଭାରତରେ ମା ଲକ୍ଷ୍ମୀଙ୍କ ପୂଜା ଆରାଧନା କରାଯାଏ। ସେ ଅଂଚଳର ଏହା ମୁଖ୍ୟ ପର୍ବ। ସତେ ଯେପରି ମାଙ୍କ ପୂଜା କରି ସବୁ ସୁଖ ଶାନ୍ତି ଫେରିଆସେ ଘରେ। ମା ଲକ୍ଷ୍ମୀ ଧନର ଦେବୀ। ସେ ସୁଦୟା ହେଲେ ଦୁଃଖ କଷ୍ଟ ଯନ୍ତ୍ରଣା ସବୁ ଉଭେଇଯିବ। ଆଉ ଧନର ହେବ ବର୍ଷା ହେବ ବୋଲି କୁହାଯାଏ।

'ସର୍ବଜ୍ଞେ
ସ୍ୱ ବରଦେ
ସର୍ବ ଦୁଷ୍ଟ ଭୟଂକରି
ସର୍ବଦୁଃଖ ହରେ ଦେବୀ
ମହାଲକ୍ଷ୍ମୀ ନମସ୍ତୁତେ।'

ଦୀପାବଳି ର ଅନ୍ୟ ଏକ ଆକର୍ଷଣ ମା କାଳୀଙ୍କ ପୂଜା। କାର୍ତ୍ତିକ କୃଷ୍ଣ ପକ୍ଷ ମଧ୍ୟ ରାତ୍ରରୁ ଦେବୀଙ୍କ ପୂଜା ହୁଏ। ଏହି ଦିନ ପୂର୍ବ ପୁରୁଷଙ୍କ ଉଦେ୍ୟଶରେ ଦୀପଦାନ ଓ ପୟା ଶ୍ରାଦ୍ଧ ଓଡ଼ିଶାର ଗାଁ ଗହଳି ଆଦି



ସବୁଆଡେ ଦିଆଯାଇଥାଏ। ପିତୃଲୋକଙ୍କ ଉଦ୍ଧାର ସହ ଶାରୀରିକ ତଥା ଆଧ୍ୟାତ୍ମିକ ଉନ୍ନତି ନିମିତ୍ତ ଦୀପଦାନ କରଣୀୟ ବୋଲି ଶାସ୍ତ୍ରରେ ଉଲ୍ଲେଖ ଅଛି। ଏଣୁ ଦୀପାବଳି ଅମାବାସ୍ୟାକୁ ପୟା ଅମାବାସ୍ୟା ବୋଲି ମଧ କହନ୍ତି। ଦୀପାବଳୀରେ ଘର ସବୁ ଆଲୋକରେ ସଜିତ ହୋଇ ଦୂରକୁ ଅତି ସୁନ୍ଦର ଦେଖାଯାଏ। ଘର ବାରଣ୍ଡାରେ, ମୁଖ୍ୟ ଫାଟକରେ ଆଲୋକର ସଜା ଦୀପାବଳୀକୁ ଆନନ୍ଦ ମୁଖର କରେ। ସତେ ମା ଦେବୀ କାଳୀ ଏହି ମର୍ତ୍ତ୍ୟକୁ ଓହ୍ଲେଇ ଆସି ପୂଜା ମଣ୍ଡପରେ ବିଜେ ହୋଇ ଆଶ୍ରିବାଦ କରନ୍ତି। ହିଂସା ଅହଂକାର କ୍ରୋଧ ଯେପରି ମା ଦମନ କରନ୍ତି। ପିତୃ ପୁରୁଷଙ୍କ ଉଦ୍ଦେଶ୍ୟରେ ଘିଅ ବଳିତା ଓ କାଉଁରିଆ କାଠିରେ ନିଆଁ ଜାଳି ବଡ଼ବଡୁଆଙ୍କୁ ଡକାଯାଏ। ବଡ ବଡୁଆ ଡାକିଲା ବେଳେ ଲୋକମାନେ ଉଚ୍ଚ ସ୍ୱରରେ କହନ୍ତି 'ବଡ଼ ବଡୁଆ ହୋ ଅନ୍ଧାର ରେ ଆସି ଆଲୁଅରେ ଯାଅ, ପୁରୁଷୋତ୍ତମରେ ମହାପ୍ରସାଦ ଖାଇ ବାଇଶି ପାହାଚରେ ଗଡଗଡ଼ଉ ଥାଅ। ଏହି ପର୍ବରେ ବାଣ ଆଉ ଦୀପ ଦାନ ମୂଳରେ ସ୍ୱାସ୍ଥ୍ୟ ବିଜ୍ଞାନ ଦୃଷ୍ଟିରୁ କୀଟ ପତଙ୍ଗ ଓ ଜୀବାଣୁ ନାଶ ଉଦେସ୍ୟ ନିହିତ। ଏହା ଆଲୋକ ଆନନ୍ଦର ପର୍ବ। କେବଳ ମଉଜ ମଜଲିସ କରିବା ଏହି ଉତ୍ସବର ଲକ୍ଷ ନୁହେଁ ଏହାର ପ୍ରକୃତ ଉଦେ୍ୟଶ୍ୟ ହେଉଛି ଆଲୋକ ଅନ୍ଧକାର ଦୂର କରିବା ପରି ବିବେକାଲୋକରେ ହୃଦୟର ଅଂଜ୍ଞାନ ଅନ୍ଧକାର ଦୂର କରିବା। ବନ୍ଧୁତା, ଭାତୃତ୍ୱ ଓ ସଂହତି ରକ୍ଷା କରିବାରେ ଦୀପାବଳୀର ଯଥେଷ୍ଟ ଗୁରୁତ୍ୱ ରହିଛି। ପୂର୍ବ ପୁରୁଷଙ୍କ ପ୍ରତି ଶ୍ରଦ୍ଧା ଓ ଭକ୍ତି ନିବେଦନ କରିବାକୁ ଦୀପାବଳି ଶିକ୍ଷାଦିଏ।

ସବୁ ନର ନାରୀଙ୍କ ହୃଦୟରେ ଜାତୀୟ ଏକତା, ସାମାଜିକ ମିଳନ, ଧର୍ମ ଭାବନା ଓ ପବିତ୍ର ଭାବ ଏହି ପର୍ବ ସୃଷ୍ଟି କରୁ ଏହା ହିଁ କାମ୍ୟ।


+ଭୁବନେଶ୍ୱର
ମୋ: ୯୪୩୭୧୧୫୮୬୫


## ଦୀପାବଳୀ

ଅକ୍ଷୟ କୁମାର ରାଉତ

ପ୍ରାଚୀନ କାଳରୁ ଆମର କଳା, ସାହିତ୍ୟ, ସଂସ୍କୃତି, ବୀରତ୍ୱ, ସାହସିକତା ଓ ଆଧ୍ୟାତ୍ମିକତା କ୍ଷେତ୍ରରେ ସାରା ବିଶ୍ୱରେ ନିଜର ସ୍ୱତନ୍ତ୍ରତା ପ୍ରଦର୍ଶନ କରି ଆସିଛି। ଏହି ସ୍ୱତନ୍ତ୍ରତା ମଧ୍ୟରେ ପରିଲକ୍ଷିତ ହୁଏ ଆମର ପର୍ବପର୍ବାଣି, ପର୍ବ ପର୍ବାଣୀକୁ ଛାଡିଦେଇ ଆମର ସାଂସ୍କୃତିକ, ସାମାଜିକ ଓ ଆଧ୍ୟାତ୍ମିକତାର ବୈଭବକୁ ମାପିବା ଅସମ୍ଭବ। ସୁସ୍ଥ ସମାଜର ସ୍ୱପ୍ନକୁ ସାକାର କରିବା ପାଇଁ ଆମର ମୁନି ଋଷିମାନେ ବୋଧହୁଏ ସୃଷ୍ଟି କରିଥିଲେ ଅନେକ ପର୍ବପର୍ବାଣୀ। ତାହା ମଧ୍ୟରୁ ଦୀପ ବା ପ୍ରଦୀପ ପ୍ରଜ୍ୱଳନ ଶୁଭର ପ୍ରତୀକ ଦୀପାବଳୀ। ଦୀପମାନଙ୍କର ସମୂହ ପଂକ୍ତି ଜାଳି ଯେଉଁ ଉତ୍ସବ କାର୍ତ୍ତିକ ଅମାବାସ୍ୟାରେ ପାଳିତ ହୁଏ ତାହା 'ଦୀପାବଳୀ'। ହିନ୍ଦୁ ମାନଙ୍କର ସବୁ ପର୍ବ ସହିତ ରହିଛି ପୌରାଣିକ, ଆଧ୍ୟାତ୍ମିକ, ସାମାଜିକ, ଐତିହାସିକ ଓ ସାଂସ୍କୃତିକ ଜନଶ୍ରୁତି।

ଶ୍ରୀରାମଚନ୍ଦ୍ର ରାବଣକୁ ବଧ କରିବା ପରେ ଅଯୋଧ୍ୟାକୁ ପ୍ରତ୍ୟାବର୍ତ୍ତନ ଘଟଣା ସହିତ ଦୀପାବଳୀ ଉତ୍ସବ ସଂଶ୍ଳିଷ୍ଟ। ଅଯୋଧ୍ୟାବାସୀ ନିଜର ରାଜ୍ୟକୁ ସୁସଜ୍ଜିତ କରି ଦୀପଜାଳି ରାମ-ଲକ୍ଷ୍ମଣ-ସୀତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହି ଭବ୍ୟ ସମ୍ବର୍ଦ୍ଧନାର ସ୍ମାରକୀ ହେଉଛି ଦୀପାବଳୀ। ଏହିଦିନ ନୃସିଂହ ରୂପେ ନାରାୟଣ ହିରଣ୍ୟ କଶ୍ୟପକୁ ବଧ କରି ଭକ୍ତ ପ୍ରହ୍ଲାଦକୁ ରକ୍ଷା କରିଥିଲେ। ସମୁଦ୍ର, ମନ୍ଥନରୁ ଲକ୍ଷ୍ମୀ ଦୀପାବଳୀ ଦିନ ସମ୍ଭୂତା ହୋଇଥିଲେ। ସେଥିପାଇଁ ଏହି ଦିନ ଲକ୍ଷ୍ମୀପୂଜା ମଧ୍ୟ କରାଯାଏ। କାର୍ତ୍ତିକ ଅମାବାସ୍ୟାରେ ଦୀପାବଳୀ ସହ କାଳୀପୂଜାର ପ୍ରଚଳନ ବହୁ ପ୍ରାଚୀନ କାଳରୁ ହୋଇଆସୁଛି। ଦୁର୍ଗତିନାଶିନୀ ମହାମାୟା ମହାଚଣ୍ଡୀଙ୍କର ଦଶ ରୂପ ହେଉଛି କାଳୀ, ତାରା, ଭୁବନେଶ୍ୱରୀ, ଷୋଡ଼ଶୀ, ଭୈରବୀ, ଛିନ୍ନମସ୍ତା, ଧୂମାବତୀ, ବଗଳାମୁଖୀ, ମାତଙ୍ଗୀ ଓ କମଳା। ନୃମୁଣ୍ଡମାଳିନୀ, କରାଳ ବଦନା କାଳୀ ସମସ୍ତ ଦାନବୀୟ ଗୁଣକୁ ନାଶ କରି କାଳରାତ୍ରୀ ରୂପେ ଅନ୍ଧାରକୁ ଦୂରେଇ ଆଲୋକ ପ୍ରଦାନ କରି ଥାଆନ୍ତି। ସେଥିପାଇଁ ଆମେ କାଳି ପୂଜା କରିଥାଉ। ଦୀପାବଳୀ ଦିନ ବାମନଙ୍କ ଦୟାରୁ ସପ୍ତ ପାତାଳରେ ବଳିରାଜା ଦ୍ୱାରା ବନ୍ଦିନୀ ଲକ୍ଷ୍ମୀ ଅନ୍ୟ ଦେବତା ମାନଙ୍କ ସହିତ ମୁକ୍ତି ଲାଭ କରିଥିଲେ। ରାଜାବଳୀ କାର୍ତ୍ତିକ ଅମାବାସ୍ୟା ତିଥିରେ ଅର୍ଦ୍ଧ ରାତ୍ରିରେ ପୃଥିବୀ ଭ୍ରମଣ କରିବାକୁ ବାମନଙ୍କଠାରୁ ଅନୁମତି ପାଇଥିଲେ। ବଳିଙ୍କ ସୁଶାସନରୁ ବଂଚିତ ପ୍ରଜାଗଣ ବର୍ଷରେ ଥରେ ବଳିଙ୍କୁ ପାଇ ଖୁସିରେ ଦୀପ ଜାଳି ସ୍ୱାଗତ କରିଥାଆନ୍ତି। ଦୀପାବଳୀରେ ଶ୍ରୀକୃଷ୍ଣ ନରକାସୁରକୁ ବିନାଶ କରି ଷୋଳ ହଜାର କନ୍ୟାଙ୍କୁ ମୁକ୍ତି ପ୍ରଦାନ କରିଥିଲେ। ଏଥିପାଇଁ ଜନସାଧାରଣ ଖୁସିରେ ନରକୋତ୍ସବ ପାଳନ କରିଥାଆନ୍ତି। ଦୀପାବଳୀକୁ ଜୈନମାନେ "ଯକ୍ଷ ରାତ୍ର ଉତ୍ସବ" ଭାବେ ପାଳନ କରିଥାନ୍ତି। ରାଜା ବିକ୍ରମାଦିତ୍ୟ ଏହି ଦିନ ସିଂହାସନ ଆରୋହଣ କରି ଗୁପ୍ତାବ୍ଦ ପ୍ରଚଳନ କରିଥିଲେ। ହର୍ଷ ବର୍ଦ୍ଧନ ମଧ୍ୟ ଦୀପାବଳୀ ପାଳନ କରୁଥିବାର ପ୍ରମାଣ ମିଳେ। ଜୈନ ତୀର୍ଥଙ୍କର ମହାବୀର ବର୍ଦ୍ଧମାନ ଏହି ଦିନ ନିର୍ବାଣ ଲାଭ କରିଥିଲେ। ଶିଖ୍ ଗୁରୁ ହର ଗୋବିନ୍ଦ ସିଂହକୁ ଆଉରଙ୍ଗଜେବ ଏହିଦିନ କାରାଗାରରୁ ମୁକ୍ତ କରିଥିଲେ। ଦୀପାବଳୀ ଦିନ ରାତ୍ରିରେ ପ୍ରତି ଘରେ ପିତୃ ପୁରୁଷଙ୍କ ଉଦ୍ଦେଶ୍ୟରେ ଦୀପଦାନ ଉତ୍ସବ ପାଳନ ହୁଏ। ଶ୍ରାଦ୍ଧ ସହିତ ଜ୍ୱଳନ୍ତ ବଳିତା, କାଉଁରିଆ କାଠିରେ ଆଲୋକ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପ୍ରଦର୍ଶନ କରାଯାଏ। ସେହି ସମୟରେ ଲୋକମାନେ ଉଚ୍ଚ ସ୍ୱରରେ ଗାଆନ୍ତି "ବଡ ବଡୁଆ ହୋ, ଅନ୍ଧାରରେ ଆସି ଆଲୁଅରେ ଯାଅ"। ଗଙ୍ଗା ଯାଅ ଗୟା ଯାଅ, କାଶୀ ଯାଅ, ପୁରୁଷୋତମରେ ମହା ପ୍ରସାଦ ଖାଇ ବାଇଶି ପାହାଚରେ ଗଡ ଗଡଉ ଥାଅ"। ଦୀପାବଳୀ ଦିନ ମହାକାଳୀଙ୍କ ପୂଜା ସହିତ ଲକ୍ଷ୍ମୀ-ଗଣେଶଙ୍କ ପୂଜା କରାଯାଇଥାଏ। ଏହି ଦିନଲୋକମାନେ ନୂଆ ପୋଷାକ ପରିଧାନ କରିଥାଆନ୍ତି। ରାତ୍ରରେ ଆଲୋକ ସଜ୍ଜା ସହିତ ବାଣ ଫୁଟାଯାଏ। ଏପରିକି ଲୋକମାନଙ୍କ ମଧ୍ୟରେ ବାଣ ପ୍ରତିଯୋଗୀତା ଆରମ୍ଭ ହୋଇଯାଏ। ଆଜିକାଲି ପରିବେଶ ସୁରକ୍ଷା ଓ ଶବ୍ଦ ପ୍ରଦ୍ୟୂଷଣ ରକ୍ଷା ପାଇଁ ବାଣ ଫୁଟାଇବା ଉଚିତ୍ ନୁହେଁ। ବର୍ଷା ଋତୁରେ ଜନ୍ମିତ କୀଟ ପତଙ୍ଗ ଦୀପାଲୋକରେ ନଷ୍ଟ ହୋଇଯାଆନ୍ତି। ଦୀପାବଳୀ ଦିନ ପଶୁ ବଳୀ, ଜୁଆ ଓ ନିଶା ସେବନରୁ ଆମେ ଦୂରେଇ ରହି ଭକ୍ତି ଓ ଶ୍ରଦ୍ଧାରେ ପୂର୍ବ ପୁରୁଷଙ୍କୁ ଦୀପ ଜାଳି ଆଶୀର୍ବାଦ ଭୀକ୍ଷା କରିବା ଉଚିତ୍। ଦୀପାବଳୀ ଏକ ଜାତୀୟ ପର୍ବ। ଏହି ଆଲୋକର ଉତ୍ସବ ତ୍ୟାଗ, ସଂଗଠନ ଓ ପବିତ୍ର ଭାବର ସନ୍ଦେଶ ପ୍ରଦାନ କରେ। ଆଲୋକ ଅନ୍ଧକାର ଦୂର କରିବା ପରି ଆମ ହୃଦୟରୁ ଅଜ୍ଞାନ ଅନ୍ଧକାର ଦୂର କରିବା ଏହି ପର୍ବର ଲକ୍ଷ୍ୟ। ସାମାଜିକ ଜୀବନକୁ ସୁଦୃଢ଼ ଓ ମଧୁମୟ କରିବା ପାଇଁ ଦୀପାବଳୀର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଦୀପାବଳୀ କହେ-

"ଦୀପ ପରି ଜଳି ନର କର ବିଶ୍ୱ ଉପକାର
ହୃଦୟ ତିମିର ନାଶ କରି ହୁଅ ଅଗ୍ରସର।"


+ପାରାଦ୍ୱୀପଗଡ଼, କୁଜଙ୍ଗ, ଜଗତ୍‌ସିଂହପୁର
ମୋ.-୯୯୩୭୬୯୧୪୭୫

# କବି ଭରତ ଚନ୍ଦ୍ର ଦାଶ ସୁଲେଖା କବି ସମ୍ମାନରେ ସମ୍ମାନିତ




ବାଲେଶ୍ୱର,୨୩/୧୦(ନି.ପ୍ର): ଓଡିଶା ସାହିତ୍ୟ ଏକାଡେମୀର ବାଲେଶ୍ୱର ଜିଲ୍ଲା ସଦସ୍ୟ ତଥା ବିଶିଷ୍ଟ ରୋମାଣ୍ଟିକ କବି ଭରତ ଚନ୍ଦ୍ର ଦାଶ ପୁରୀର ପ୍ରତିଷ୍ଠିତ ସୁଲେଖା ସାହିତ୍ୟ ସଂସ୍କୃତି ପରିଷଦ ପକ୍ଷରୁ ପ୍ରଦତ୍ତ ସୁଲେଖା କବି ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଗତ ୨୨ ତାରିଖରେ ପୁରୀର ସଂସ୍କୃତି ଭବନରେ ଅନୁଷ୍ଠିତ ପରିଷଦର ୪୨ ତମ ବାର୍ଷିକ ଉତ୍ସବରେ କବି ଶ୍ରୀ ଦାଶଙ୍କୁ ପ୍ରଶସ୍ତି ପତ୍ର, ଉତ୍ତରୀୟ ଓ ଶ୍ରୀ ଜଗନ୍ନାଥଙ୍କ ପଟଚିତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଛି । ପରିଷଦର ସଭାପତି ସଦାଶିବ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ପୁରୀର ବିଧାୟକ ଜୟନ୍ତ କୁମାର ଷଡଙ୍ଗୀ , ପ୍ରଫେସର ଡକ୍ଟର ପ୍ରଫୁଲ କୁମାର ମହାନ୍ତି , ସାହିତ୍ୟିକ କୃଷ୍ଣ ଚନ୍ଦ୍ର ରଥ , ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ ବାହାଦୁର ପାଠସାହାଣୀ, କବି ଶିବ ସୁନ୍ଦର ମିଶ୍ର ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ । ଦୀର୍ଘ ୪ ଦଶନ୍ଧି ଧରି ସାହିତ୍ୟ ସାଧନାରେ ବ୍ରତୀଥିବା କବି ଭରତ ଚନ୍ଦ୍ର ଦାଶ ଶିଳାପ୍ରତ୍ୟୟ, ପ୍ରୀତିପର୍ଣ୍ଣା, ପ୍ରୀତିପୁଷ୍ପ, ପ୍ରୀତିଶସ୍ୟ, ପ୍ରୀତି ସୁଧା, ପ୍ରୀତିଲଗ୍ନା , ପ୍ରୀତିରୂପା ପ୍ରୀତିପ୍ରଜ୍ଞା, ପ୍ରୀତିଛନ୍ଦା, ପ୍ରୀତିକଳା, ପ୍ରୀତିଲତା, ପ୍ରୀତିଲେଖା, ପ୍ରୀତିଗନ୍ଧା ଆଦି କବିତା ସଂକଳନ ରଚନା କରିଛନ୍ତି। ଜଣେ ରୋମାଣ୍ଟିକ ଚେତନାର ଅନନ୍ୟ ରୂପକାର ଭାବେ ୧୭ ଶହ ଏକପଦୀ କବିତା ରଚନା କରି ପ୍ରେମ ଓ ପ୍ରଣୟର କବିଭାବେ ପ୍ରତିଷ୍ଠା ଅର୍ଜନ କରିଛନ୍ତି । ସୃଜନ ଶ୍ରୀକ୍ଷେତ୍ର, ମଦର ଟେରେସା ଫିଲାନଥ୍ରୋପିକ ଆସୋସିଏସନ, ଓଡିଆ ଭାଷା ସାହିତ୍ୟ ଶିକ୍ଷଣ ସଂସ୍ଥାନ, ଓଡିଆ ଶ୍ରୀ ଆଦି ବହୁ ଅନୁଷ୍ଠାନର ପ୍ରତିଷ୍ଠାତା ଭାବେ ଓଡିଆ ଭାଷା ସାହିତ୍ୟର ବିକାଶ, ପ୍ରଚାର ଓ ପ୍ରସାର ପାଇଁ କବି ଶ୍ରୀ ଦାଶ କାର୍ଯ୍ୟ କରୁଛନ୍ତି। ସୁଲେଖା କବି ସମ୍ମାନ ଲାଭ କରିବା ପରେ କବି ଶ୍ରୀ ଦାଶଙ୍କୁ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଅଭିନନ୍ଦନ ଜଣାଇଛନ୍ତି ।

# ଉତ୍ତର ଓଡ଼ିଶା ମିଡ଼ିଆ କ୍ଲବ ଖୋଲିଲା : ଅମୀୟ ମହାନ୍ତି ହେଲେ ଚେୟାରମ୍ୟାନ



ବାଲେଶ୍ୱର : ୨୧ ତାରିଖ ସନ୍ଧ୍ୟାରେ ଷ୍ଟେସନ ନିକଟବର୍ତ୍ତୀ ଶ୍ରୀହରି ଇନ୍ ହୋଟେଲ୍ ପରିସରସ୍ଥିତ ସମ୍ମିଳନୀ କକ୍ଷରେ ଉତର ଓଡ଼ିଶା ମିଡ଼ିଆ କ୍ଲବ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଡକାଯାଇଥିଲା। ଏହି ସମ୍ମିଳନୀରେ ଏହି କ୍ଲବ ଗଠନର ମୁଖ୍ୟ ଲକ୍ଷ୍ୟ କ'ଣ ଥିଲା ଏ ସମ୍ପର୍କରେ ସୂଚନା ଦେଇଥିଲେ ଉତର ଓଡ଼ିଶା ମିଡ଼ିଆ କ୍ଲବର ଚେୟାରମ୍ୟାନ ଅମୀୟ ମହାନ୍ତି। ଜନସେବା ଏକମାତ୍ର ଲକ୍ଷ୍ୟ ହୋଇଥିବା ବେଳେ ସାଧାରଣ ଲୋକେ ଏହି କ୍ଲବରେ ମେମ୍ବର ହୋଇପାରିବେ। କ୍ଲବ ପକ୍ଷରୁ ଆଗାମୀ ଦିନରେ ଯାହାକିଛି ଜନହିତକର କାର୍ଯ୍ୟକ୍ରମ ହେବ ସହାୟତା ରାଶି କେବଳ କ୍ଲବର ମେମ୍ବରମାନେ ହିଁ ଦେବେ। ସରକାରୀ କିମ୍ବା ବେସରକାରୀ ସହାୟତା ରାଶି ଗ୍ରହଣ କରାଯିବନି ବୋଲି ଶ୍ରୀ ମହାନ୍ତି ସ୍ପଷ୍ଟ ସୂଚନା ଦେଇଛନ୍ତି। ଯେଉଁଭଳି ଭାବରେ ଭୁବନେଶ୍ୱରରେ ମିଡ଼ିଆ କ୍ଲବ ରହିଛି ଏବଂ ସେଥିରେ ସାଧାରଣ ଲୋକେ ମେମ୍ବର ହୋଇପାରିଛନ୍ତି। ଅନୁରୂପ ଭାବେ ବାଲେଶ୍ୱର ସମେତ ୪ଟି ଜିଲ୍ଲାକୁ ନେଇ ଏହି ଉତରଓଡ଼ିଶା ମିଡ଼ିଆ କ୍ଲବ ଗଠନ କରାଯାଇଛି। ଉତର ଓଡ଼ିଶା ମିଡ଼ିଆ କ୍ଲବରେ ଅଦ୍ୟାବଧି ପାଖାପାଖି ୧୯୦ରୁ ଉର୍ଦ୍ଧ୍ୱ ସଦସ୍ୟ ସଦସ୍ୟା ରହିଥିଲା ବେଳେ ଆପାତତଃ ଏବେ ଏକ କର୍ମକର୍ତା ଘୋଷଣା କରାଯାଇଛି। ଖୁବଶୀଘ୍ର ଏକ ବୈଠକରେ ସମ୍ପୁର୍ଣ୍ଣ ବିବରଣୀ ଯାହାକି ଉତରଓଡ଼ିଶା ମିଡ଼ିଆ କ୍ଲବର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦିଆଯିବ। ଏହି ଅବସରରେ ଅମୀୟ ମହାନ୍ତିଙ୍କ ସମେତ ଉକ୍ତ କ୍ଲବର ସଭାପତି ବାଲେଶ୍ୱର ପୌରପାଳିକା ଅଧ୍ୟକ୍ଷା ସବିତା ସାହୁଙ୍କୁ ମନୋନିତ କରାଯାଇଛି। ସାଧାରଣ ସମ୍ପାଦିକା ଭାବେ ଛବିରାଣୀ ମନ୍ତ୍ରୀଙ୍କୁ ମାନୋନୀତ କରାଯାଇଥିବା ବେଳେ ୱାର୍କିଂ ପ୍ରେସିଡେଂଟ ଭାବେ ଆଶ୍ରିତା ତରେଇ, ବାଚୁ ବବିତା ଓ ସଂଜୟ ସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ କୋଷାଧ୍ୟକ୍ଷ ଭାବେ ଅଶୋକ ପରିଡ଼ାଙ୍କୁ ମଧ୍ୟ ମନୋନୀତ କରାଯାଇଛି। ମାତ୍ର ସଭାପତି ପଦବୀରେ କେବଳ ମ୍ୟୁନିସିପାଲିଟିର ଅଧ୍ୟକ୍ଷା ହିଁ ରହିବେ।

# ଆମ୍ବଳିଅଠା କ୍ଲଷ୍ଟରର ସୁରଭି କାର୍ଯ୍ୟକ୍ରମ




ଜଳେଶ୍ୱର, ୨୩/୧୦(ନି.ପ୍ର): ଜଳେଶ୍ୱର ବ୍ଲକର ବିଭିନ୍ନ କ୍ଲଷ୍ଟରରେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ଆମ୍ବଳିଅଠା କ୍ଲଷ୍ଟରେ ମଧ୍ୟ ଏହା ଅନୁଷ୍ଠିତ ହୋଇ ଯାଇଛି। ନହଞ୍ଚରା ଗୟାସୁର ସରକାରୀ ଉ.ପ୍ରା. ବିଦ୍ୟାଳୟରେ ଅନୁଷ୍ଠିତ ସୁରଭି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆରତୀବାଳା କର ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥିଭାବେ ଶାଳିକୋଠା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହରେକୃଷ୍ଣ ଜେନା ଯୋଗ ଦେଇ ସୁରଭି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପାଠପଢା ବ୍ୟତିତ ଅନ୍ୟାନ୍ୟ ପ୍ରତିଭା ଅନ୍ୱେଷଣ କରିବା ଏହାର ଲକ୍ଷ୍ୟ ବୋଲି କହିଥିଲେ। କ୍ଲଷ୍ଟର ଅଧିନରେ ଥିବା ୧୫ଟି ବିଦ୍ୟାଳୟରୁ ୧୩୦ଜଣ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୨୦ଜଣ କୃତି ଛାତ୍ରଛାତ୍ରୀଙ୍କୁ ବ୍ଲକ ସ୍ତରୀୟ ପ୍ରତିଯୋଗୀତା ଲାଗି ବଛାଯିବା ସହିତ ସେମାନଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ସିଆର୍‌ସିସି ମାଖନଲାଲ ବେରା ପରିଚାଳନା କରିଥିଲେ । ବିଭିନ୍ନ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟତ୍ରୀ ସହଯୋଗ କରିଥିଲେ।

# ୨୫ ତାରିଖ ପାଇଁ ଶ୍ରୀମନ୍ଦିର ନୀତିକାନ୍ତିରେ ପରିବର୍ତ୍ତନ



ଭୁବନେଶ୍ୱର ୨୩/୧୦(ନି.ପ୍ର): କାର୍ତ୍ତିକ ମାସ ପାଇଁ ପୁରୀରେ ଏବେ ହବିଷ୍ୟାଳିଙ୍କ ଭିଡ ଜମିଛି । ଆଉ ଆସନ୍ତା ୨୫ତାରିଖରେ ସୂର୍ଯ୍ୟୋପରାଗ ପଡୁଥିବାରୁ ଶ୍ରୀମନ୍ଦିର ନୀତିକାନ୍ତିରେ ପରିବର୍ତ୍ତନ କରାଯାଇଛି । ୨୫ ତାରିଖ ପାଇଁ ଆସନ୍ତାକାଲି ରାତିରୁ ଆରମ୍ଭ ହେବ ନୀତିକାନ୍ତି । ସେହିପରି ପରାଗ ଯୋଗୁଁ ପୟୋଶ୍ରାଦ୍ଧ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଖଣ୍ଡଗ୍ରାସ ପାଇଁ ଶ୍ରୀମନ୍ଦିରର ନୀତିକାନ୍ତିରେ ପରିବର୍ତ୍ତନ ଯୋଗୁ ସୂର୍ଯ୍ୟପରାଗରେ ଭକ୍ତ କରିପାରିବେନି ମଙ୍ଗଳଆଳତୀ ଦର୍ଶନ କାର୍ତ୍ତିକ ମାସ ପାଇଁ ପୁରୀରେ ଏବେ ହବିଷ୍ୟାଳିଙ୍କ ଭିଡ । ଆଉ ୨୫ ତାରିଖରେ ସୂର୍ଯ୍ୟୋପରାଗ ପଡୁଥିବାରୁ ଶ୍ରୀମନ୍ଦିର ନୀତିକାନ୍ତିରେ ପରିବର୍ତ୍ତନ କରାଯାଇଛି । ୨୫ ତାରିଖର ନୀତିକାନ୍ତି ସୋମବାର ରାତିରୁ ଆରମ୍ଭ ହେବ । ରାତି ୧୨ଟାରେ ଦ୍ୱାରଫିଟା ନୀତି ହେବ, ୪ଟା ୫୫ ମିନିଟ ସୁଦ୍ଧା ପ୍ରଥମ ଭୋଗମଣ୍ଡପ ବଢ଼ି ନୀତି ଶେଷ ହେବ, ଅବଢ଼ା ରୋଷେଇ ବି ସରିବ ଏବଂ ପ୍ରଥମ ଭୋଗମଣ୍ଡପ ବଢ଼ିବା ପରେ ନୀତିକାନ୍ତି ବନ୍ଦ ରହିବ । ପୁଣି ଅପରାହ୍ନ ୪ଟା୫୬ ମିନିଟ ୫୨ ସେକେଣ୍ଡରେ ଯେତେବେଳେ ଗ୍ରହଣ ସ୍ପର୍ଶ କରିବ ସେହି ସମୟରୁ ପୁଣି ମହାପ୍ରଭୁଙ୍କ ନୀତିକାନ୍ତି ଚାଲିବ । ମହାପ୍ରଭୁଙ୍କ ଗ୍ରହଣ ମହାସ୍ନାନ ଓ ଅନ୍ୟାନ୍ୟ ନୀତି ସରିବା ପରେ ଦ୍ୱିତୀୟ ଭୋଗମଣ୍ଡପ ପାଇଁ ପ୍ରସ୍ତୁତି ଆରମ୍ଭ ହେବ । ପୟାଶ୍ରାଦ୍ଧ ପାଇଁ ୫ଟି ସ୍ଥାନରେ ବଡବଡୁଆ ଡାକ ହେବ । ସୋମବାର ଦୀପାବଳି ପଡୁଥିବାରୁ ପୟାଶ୍ରାଦ୍ଧ ପାଳନ କରିବା ପାଇଁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ବଡବଡୁଆ ଡାକିବା ଓ କାଉଁରିଆ କାଠି ଜାଳିବା ପାଇଁ କାକୁଡିଖାଇ ଓ ମଙ୍ଗୁମଠ ନିକଟରେ ୫ଟି ସ୍ଥାନ ଚିହ୍ନଟ କରାଯାଇଛି । ଲୋକେ ଯେପରି ଶୃଙ୍ଖଳିତ ଓ ସୁରକ୍ଷିତ କାଉଁରିଆ ଜାଳିପାରିବେ ସେଥିପାଇଁ ସବୁପ୍ରକାରର ବ୍ୟବସ୍ଥା ହୋଇଛି । ତେବେ ଗ୍ରହଣ ସ୍ପର୍ଶ ପରେ ମହାପ୍ରଭୁଙ୍କ ଗ୍ରହଣ ମହାସ୍ନାନ ଆରମ୍ଭ ହେବ । ଗ୍ରହଣ ଭୋଗ ନୀତି ହୋଇ ଅନ୍ୟାନ୍ୟ ନୀତି ବଢ଼ିବ ।

# ଏଲଭିଏମ ୩ର ସଫଳ ଉତକ୍ଷେପଣ ପାଇଁ ଏନଏସଆଇଏଲ, ଇନ- ସ୍ପେଶ ଓ ଇସ୍ରୋକୁ ପ୍ରଧାନମନ୍ତ୍ରୀଙ୍କ ଶୁଭେଚ୍ଛା

ନୂଆଦିଲ୍ଲୀ, ୨୩ /୧୦ : (ହି.ସ.)- ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଏନଏସଆଇଏଲ, ଇନ- ସ୍ପେଶ ଓ ଇସ୍ରୋ ଭଳି ଭାରତୀୟ ମହାକାଶ ଗବେଷଣା ସଂସ୍ଥାକୁ ସବୁଠାରୁ ଓଜନିଆ ଯାନ ଏଲଭିଏମ ୩ର ସଫଳ ଉତକ୍ଷେପଣ ପାଇଁ ଶୁଭେଚ୍ଛା ଜଣାଇଛନ୍ତି । ପ୍ରଧାନମନ୍ତ୍ରୀ ଟ୍ୱିଟ କରିଛନ୍ତି; "ବୈଶ୍ୱିକ ସମ୍ପର୍କ ପାଇଁ ଉଦ୍ଦିଷ୍ଟ ଆମର ସବୁଠାରୁ ଓଜନିଆ ପ୍ରକ୍ଷେପଣ ଯାନ ଏଲଭିଏମ୩ ସହ ୩୬ ୱାନୱେବ ଉପଗ୍ରହର ସଫଳ ଉତକ୍ଷେପଣ ପାଇଁ ନଏସଆଇଏଲ, ଇନ- ସ୍ପେଶ ଓ ଇସ୍ରୋ କୁ ଅଭିନନ୍ଦନ। ଏଲଭିଏମ ୩ ଆତ୍ମନିର୍ଭରତାକୁ ଦର୍ଶାଇବା ସହ ବିଶ୍ୱ ବାଣିଜ୍ୟିକ ଉତକ୍ଷେପଣ ସେବା ବଜାରରେ ଭାରତର ପ୍ରତିଯୋଗିତା ସ୍ତର ବୃଦ୍ଧି କରିବ ।"

## ଗାଡ଼ି ସହ ମଦ ଜବତ, ଜଣେ ଗିରଫ

ଭଦ୍ରକ,୨୩/୧୦(ନି.ପ୍ର): ଭଦ୍ରକ ଜିଲ୍ଲା ଭ୍ରାମ୍ୟମାଣ ସ୍କ୍ୱାର୍ଡ଼ ଓ ଧାମନଗର ଅବକାରୀ ଥାନା ଦ୍ୱାରା ଚଢ଼ଉ କରାଯାଇ ଧାମନଗର ଥାନା ଅନ୍ତର୍ଗତ ବାରିକପୁର ଛକରେ ୧୨୦୦ ଲିଟର ମଦ ସହ ଗୋଟିଏ ମହିନ୍ଦ୍ରା ବୋଲେରୋ ଗାଡ଼ି ଜବତ କରାଯାଇଛି ଏବଂ ଏହି ପରିପ୍ରେକ୍ଷୀରେ ଜଣକୁ ଗିରଫ କରାଯାଇଛି ।

## ବାଲ୍ୟ ବିବାହକୁ ରୋକିବା ଦିଗରେ ପଦକ୍ଷେପ

ଭଦ୍ରକ,୨୩/୧୦(ନି.ପ୍ର): ଆଜି ଭଦ୍ରକ ସହରର ଆଶିୟାନା ତାଲିମ୍ ଗୃହରେ ଜିଲ୍ଲାସ୍ତରୀୟ ବାଲ୍ୟବିବାହ ନିଷେଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜେଜେବିର ପୂର୍ବତନ ସଦସ୍ୟ ତଥା ବର୍ତ୍ତମାନ ଜିଲ୍ଲା ଖାଉଟି ପ୍ରାଧିକରଣ ସେବାରେ ସଭାପତି ଶିବ ପ୍ରସାଦ ମହାନ୍ତି ସଭାପତିତ୍ୱ କରିଥିଲେ । ଫେଲୋସିପ୍ ?ର ନିର୍ଦ୍ଦେଶକ ଏସ.ଏମ ଫାରୁକ୍ ?, ଚାଇଲ୍ଡ ଲାଇନ୍ ?ର ନିର୍ଦ୍ଦେଶକ ସୋଫିଆ ସେକ, ପୂର୍ବତନ ସାମାଜିକ ସୁରକ୍ଷା ଅଧିକାରୀ ପଦ୍ମନ କୁମାର ରାୟ, ଜିଲ୍ଲା ବାଲ୍ୟ ବିବାହ ଅଧିକାରୀ ଅସିମ୍ ଅମିତାଭ ଦାସ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିଜୟ କେତନ ସାହୁ, ଶିକ୍ଷାବିତ୍ ମୌଲବୀ ସେକ ଅବଦୁଲ ମଜିଦ ପ୍ରମୁଖ ଯୋଗଦେଇ ସେମାନଙ୍କର ବକ୍ତବ୍ୟ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ସରକାର ଦ୍ୱାରା ନିଯୁକ୍ତି କାଜି, ହାଇସ୍କୁଲ ଓ କଲେଜର ଉର୍ଦ୍ଦୁ ଶିକ୍ଷକ-ଶିକ୍ଷୟିତ୍ରୀ, ସଂଖ୍ୟା ଲଘୁ ସଂପ୍ରଦାୟର କିଛି ସମାଜସେବୀ ଓ ମାନ୍ୟଗନ୍ୟ ବ୍ୟକ୍ତି ମଧ୍ୟ ଯୋଗଦେଇ ବାଲ୍ୟ ବିବାହକୁ ରୋକିବାରେ ସେମାନଙ୍କର ଦାୟିତ୍ୱ ବିଷୟରେ ଆଲୋକପାତ କରିଥିଲେ । ସ୍କୁଲ ଛାଡୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ବିଶେଷ ଧ୍ୟାନର ଗୁରୁତ୍ୱ ରହିଥିବା କଥା ଆଲୋଚନାର ମୁଖ୍ୟ ବିଷୟବସ୍ତୁ ଥିଲା ଓ ଏହାର ନିରାକରଣ ପାଇଁ ବିଭିନ୍ନ ପଦକ୍ଷେପ ନେବାର ଆବଶ୍ୟକତା ମଧ୍ୟ ଆଲୋଚନାର ପରିସରଭୁକ୍ତ ହୋଇଥିଲା । ସାମାଜିକ ସଚେତନତା ମାଧମରେ ହିଁ ଏହା ସମ୍ଭବ ବୋଲି ବକ୍ତା ଏବଂ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିବା ସଭ୍ୟମାନେ ମତପ୍ରକାଶ କରିଥିଲେ । ଆଶିୟାନାର ରିଆଜ ଅହମ୍ମଦ, ଦିବ୍ୟାନି ମୁର୍ଖାଜୀ, ରମାକାନ୍ତ ଜେନା, ଭାଗ୍ୟଶ୍ରୀ ମହାକୁଡ ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ବାତ୍ୟାରେ ପରିଣତ ହେଲା ...

ଆଗାମୀ ୧୨ ଘଂଟା ପର୍ଯ୍ୟନ୍ତ ଏହା ଉତର ପଶ୍ଚିମ ଦିଗରେ ରହିବା ନେଇ ଅନୁମାନ କରାଯାଉଛି।ବାତ୍ୟାରେ ପରିଣତ ହେବା ପରେ ଗତିର ଦିଗ ପରିବର୍ତନ ହେବ।ଉତର ପୂର୍ବ ଦିଗରେ ୨୫ ସକାଳ ପର୍ଯ୍ୟନ୍ତ ଗତି କରିବ। ପାଣିପାଗ ବିଜ୍ଞାନୀ ଭବାନୀ ଶଙ୍କର ଦାସ କହିଛନ୍ତି, ବର୍ତମାନ ଓଡ଼ିଶା ପାଖରୁ ପାଖାପାଖି ୫୦୦ କିମି ଦୂରରେ ଅଛି। ଗତିପଥ ପରିବର୍ତନ କଲା ପରେ ଓଡ଼ିଶା ଉପକୂଳରୁ ୨୦୦ରୁ ୨୫୦ କିମି ଦୂରରେ ରହିବ। ଉପକୂଳବର୍ତୀ ଜିଲ୍ଲାରେ ଏହା ବିଶେଷ ପ୍ରଭାବ ପକାଇବ। ଆଜି ଦିନତମାମ ଉପକୂଳ ଓଡ଼ିଶାରେ ଆକାଶ ମେଘୁଆ ରହିବ। ଆସନ୍ତାକାଲି ପୁରୀ, କେନ୍ଦ୍ରାପଡ଼ା, ବାଲେଶ୍ୱର, କଟକ, ଯାଜପୁର, ଭଦ୍ରକ ଓ ଜଗତସିଂହପୁରରେ ପ୍ରବଳ ବର୍ଷାର ସମ୍ଭାବନା ଅଛି। ୨୫ ତାରିଖ ପରଠାରୁ ବର୍ଷାର ପ୍ରଭାବ କମିବ। ଆଜିଠାରୁ ଉପକୂଳ ଓଡ଼ିଶାରେ ପବନର ଘଂଟା ପ୍ରତି ବେଗ ୩୫ରୁ ୪୫ କିମି ରହିବ। ସର୍ବାଧିକ ୫୫ କିମି ଯାଏଁ ପବନର ବେଗ ଯିବ। ଆସନ୍ତାକାଲି ପବନର ବେଗ ଘଂଟା ପ୍ରତି ସର୍ବାଧିକ ୬୫ କିମି ରହିବା ସମ୍ଭାବନା ଅଛି। ଏହି କାରଣରୁ ୨୫ ତାରିଖ ଯାଏଁ ମତ୍ସ୍ୟଜୀବୀଙ୍କୁ ସମୁଦ୍ରକୁ ଯିବାକୁ ବାରଣ କରାଯାଇଛି।

## ୩୦ ଆଇଏଏସ୍ ଙ୍କୁ ...

ବୟନଶିଳ୍ପ ସ୍ୱତନ୍ତ୍ର ସଚିବ ଶ୍ରୀକାନ୍ତ ପୃଷ୍ଟିଙ୍କୁ ଜଗତସିଂହପୁର, ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶିକା ବୃନ୍ଦା ଡିଙ୍କୁ ଅନୁଗୁଳ, ଶ୍ରମ ଆୟୁକ୍ତ ଏନ୍. ଥିରୁମାଳା ନାଏକଙ୍କୁ ବାଲେଶ୍ୱର, ଜଳସମ୍ପଦ ବିଭାଗର ସ୍ୱତନ୍ତ୍ର ସଚିବ ଅର୍ଚ୍ଚନା ପଟ୍ଟନାୟକଙ୍କୁ ବରଗଡ଼, ସ୍ପେଶାଲ ପ୍ରୋଜେକ୍ଟର ନିର୍ଦ୍ଦେଶକ ଅରବିନ୍ଦ ଡାକୁଆଙ୍କୁ ଭଦ୍ରକ, ପଂଚାୟତିରାଜ ବିଭାଗ ଅତିରିକ୍ତ ସଚିବ ଗୁହା ପୁନମ ତାପସ କୁମାରଙ୍କୁ ବୌଦ୍ଧ, ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ୍ ଆର. ଯାଦବଙ୍କୁ ନୂଆପଡା ଏବଂ ପାନୀୟ ଜଳ ଓ ପରିଛନ୍ନତା ନିର୍ଦ୍ଦେଶକ ବି. ପରମେଶ୍ୱରଙ୍କୁ ନୟାଗଡ଼ ଦାୟିତ୍ୱ ଦିଆଯାଇଛି। ରାଜ୍ୟର ୩୦ ଜିଲ୍ଲାର ବିଭିନ୍ନ ଉନ୍ନୟନମୂଳକ କାମ ତଥା ଜନହିତକାରୀ ଯୋଜନାର ତଦାରଖ କରିବା ପାଇଁ ଆଇଏଏସଙ୍କୁ ଦାୟିତ୍ୱ ଦିଆଯାଇଛି। ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ଏନେଇ ନିର୍ଦ୍ଦେଶନାମା ପ୍ରକାଶ ପାଇଛି।

# ସିପିଆଇ(ଏମ୍) ନେତା ଭଗବତୀ ପାଣିଗ୍ରାହୀଙ୍କ ୭୯ତମ ମୃତ୍ୟୁବାର୍ଷିକୀରେ ସ୍ମୃତିଚାରଣ




ଜଳେଶ୍ୱର ୨୩/୧୦(ନି.ପ୍ର): ଓଡିଶାରେ କମ୍ୟୁନିଷ୍ଟ ପାର୍ଟି ପ୍ରତିଷ୍ଠାର ଅଗ୍ରଦୂତ, ପ୍ରାବନ୍ଧିକ, କବି, ଗାଳ୍ପିକ, ମାର୍କସବାଦି ଚିନ୍ତକ, ସମାଜ ସଂସ୍କାରକ ଭଗବତୀ ପାଣିଗ୍ରାହୀଙ୍କ ୭୯ତମ ମୃତ୍ୟୁ ବାର୍ଷିକୀ ଓ ସ୍ମୃତିଚାରଣ ସଭା ସିପିଆଇଏମ୍ କାର୍ଯ୍ୟାଳୟରେ ଆଜି ଅନୁଷ୍ଠିତ ହୋଇଯାଇଛି । ଏଥିରେ ଦିଲ୍ଲୀପ କୁମାର ଗିରି ସଭାପତିତ୍ୱ କରି ଶ୍ରୀ ପାଣିଗ୍ରାହୀ ୧୦ ବର୍ଷ ରାଜନୈତିକ ଜୀବନ ଭିତରେ ଜନସେବା, ଜନ ଚେତନାର ବିକାଶ କରି ମାତ୍ର ୩୫ ବର୍ଷ ବୟସରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିତାଂଶୁ ସେନାପତି, ଗଣେଶ ଚନ୍ଦ୍ର ପାତ୍ର, ରବିନ୍ଦ୍ର ବାରିକ, ଅଶୋକ ଜେନା ପ୍ରମୁଖ ବ୍ୟକ୍ତବ୍ୟ ପ୍ରଦାନ କରିଥିଲେ।

# ନିରବତା ଭାଙ୍ଗିଲେ ସନ୍ତୋଷ : ଫରୱାର୍ଡ ବ୍ଲକ ପାର୍ଟିରେ ସଦସ୍ୟତା ଗ୍ରହଣ କଲେ




ଖଇରା,୨୨।୧୦(ନି.ପ୍ର) ଖଇରା ବ୍ଲକ ପ୍ରାକ୍ତନ ସିପିଏମ ନେତା ସନ୍ତୋଷ କୁମାର ସାହୁ ୮ମାସର ନିରବତା ଭାଙ୍ଗି ୨ଦିନ ତଳେ ଫରୱାର୍ଡ ବ୍ଲକରେ ଯୋଗ ଦେଇ ସଦସ୍ୟତା ଗ୍ରହଣ କରିଛନ୍ତି । ୨୧ ତାରିଖ ଦିନ ପାର୍ଟିର ଭୁବନେଶ୍ୱର କାର୍ଯ୍ୟାଳୟ ପରିସରରେ ରାଜ୍ୟ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର ଓ ଅନ୍ୟ ନେତୃବୃନ୍ଦଙ୍କ ଉପସ୍ଥିତିରେ ଏହି ଦଳରେ ପାଦ ଥାପିଛନ୍ତି । ଶନିବାର ଦିନ ଖଇରା ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସେ ଫରୱାର୍ଡ ବ୍ଲକରେ ଯୋଗଦାନକୁ ନେଇ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି । ଏହି ଦଳର ପ୍ରତିଷ୍ଠାତା ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କୁ ଛାତ୍ର ଜୀବନରୁ ଆଦର୍ଶ ଭାବେ ଗ୍ରହଣ କରି ଆସୁଥିଲେ । ବାମପନ୍ଥୀ ଚିନ୍ତାରେ ବିଶ୍ୱାସ ରଖୁଥିବାରୁ ସିପଏମ ଛାଡିବା ପରେ ଫରୱାର୍ଡ ବ୍ଲକରେ ଯୋଗଦାନ କରିଛନ୍ତି । ଖଇରା ବ୍ଲକରେ କିଭଳି ସଙ୍ଗଠନକୁ ସୁଦୃଢ଼ କରାଯାଇପାରିବ ସେଥିପାଇଁ ସେ ଯଥାସାଧ୍ୟ ଉଦ୍ୟମ କରିବେ ବୋଲି କହିଛନ୍ତି । ସାହୁଙ୍କ ସହ ମଦନମୋହନ ବେହେରା ମଧ୍ୟ ସଦସ୍ୟତା ଗ୍ରହଣ କରିଛନ୍ତି ।

# ୨ଦିନିଆ କୃଷକ ସମ୍ମିଳନୀ ଉଦ୍‌ଯାପିତ : ଚାଷୀଙ୍କୁ ଉପେକ୍ଷା ନେଇ ବକ୍ତାଙ୍କ ଉଦ୍‌ବେଗ




ଖଇରା,୨୩/୧୦(ନି.ପ୍ର): ବାଲେଶ୍ୱର ଜିଲା ଅଧୀନ ଖଇରା ଠାରେ କୃଷକ ସଭାର ୨ଦିନିଆ ଜିଲା । ସମ୍ମିଳନୀ ଶନିବାର ଦିନ ଉଦ୍‌ଯାପିତ ହୋଇ ଯାଇଛି । ଶୁକ୍ରାବାର ଦିନ ଏକ ଶୋଭାଯାତ୍ରା ଖଇରା ବଜାର ପରିକ୍ରମା କରି ଦୁର୍ଗା ମଣ୍ଡପରେ ପହଞ୍ଚିଥିଲା । ଅପରାହ୍ନରେ ଦୁର୍ଗା ମଣ୍ଡପରେ ଆୟୋଜିତ ସଭାରେ ଅଭ୍ୟର୍ଥନା କମିଟିର ସଭାପତି ଜଗତାନନ୍ଦ ମହାପାତ୍ର ପୌରହିତ୍ୟ କରିଥିଲେ । ଓଡିଶା କୃଷକ ସଭାର ରାଜ୍ୟ ସଭାପତି ଯମେଶ୍ୱର ସାମନ୍ତରାଏ, ସମ୍ପାଦକ ସୁରେଶ ପାଣିଗ୍ରାହୀ, ଉପସଭାପତି ନିର୍ମଳ ନାୟକ,ଜିଲା ସଭାପତି ପ୍ରେମ ରଞ୍ଜନ ପାତ୍ର,ସମ୍ପାଦକ ସିତାଂଶୁ ସେନାପତି ପ୍ରମୁଖ ବକ୍ତା ଭାବେ ଯୋଗ ଦେଇଥିଲେ । କୃଷିଜାତ ଦ୍ରବ୍ୟ ସର୍ବନିମ୍ନ ସହାୟକ ମୂଲ୍ୟକୁ ସାମ୍ୱିଧାନିକ ସିକୃତି ଓ କୁଇଣ୍ଟାଲ ପିଛା ୩ହଜାର କରିବା, ଭାଗଚାଷକୁ ଆଇନଗତ ସ୍ୱିକୃତି, ଦରବୃଦ୍ଧି ନିୟନ୍ତ୍ରଣ ରାଷ୍ଟ୍ରାୟାତ ସଂସ୍ଥାର ଘରୋଇ କରଣକୁ ବନ୍ଦ,ସାଳନ୍ଦି କେନାଲର ତୁରନ୍ତ କାର୍ଯ୍ୟକ୍ଷକ କରିବାକୁକୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନିକଟରେ ଦାବୀ ରଖାଯାଇଥିଲା । ଉପେନ୍ଦ୍ର ଦାସ ଓ ଆଇନଜିବୀ ଭରତ କୁମାର ପଣ୍ଡା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଶନିବାର ର ପ୍ରତିନିଧି ଅଧିବେସନରେ ଜିଲାର ବିଭିନ୍ନ ବ୍ଲକରି ୧୨୫ ପ୍ରତିନିଧି ଯୋଗ ଦେଇଥିଲେ । ରାଜ୍ୟ ସମ୍ପାଦକ ସୁରେଶ ପାଣିଗ୍ରାହୀ ଓ ରାଜ୍ୟ ସଭାପତି ଉପସ୍ଥିତ ରହି ଆନ୍ଦୋଳନ ମାଧ୍ୟମରେ ସମସ୍ୟାର ସମାଧାନ ପାଇଁ ଆହ୍ୱାନ ଦେଇଥିଲେ । ସମ୍ମିଳନୀରେ ୧୫ ବରିଷ୍ଠ କୃଷକ ନେତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଆଗାମୀ ୩ବର୍ଷ ପାଇଁ ୨୭ଜଣିଆ ଜିଲା କମିଟି ଗଠନ କରାଯାଇଛି । ଏଥିରେ ଜଗତାନନ୍ଦ ମହାପାତ୍ରଙ୍କୁ ସଭାପତି ଓ ସୀତାଂଶୁ ମହାପାତ୍ରଙ୍କୁ ସମ୍ପାଦକ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି ।

# ଟେରାକୋଟା ପ୍ରଦର୍ଶନୀ ମୃତ୍ତିକା ଉଦ୍‌ଯାପିତ

ଭୁବନେଶ୍ୱର,୨୩/୧୦ (ନି.ପ୍ର):– ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଅନ୍ତର୍ଗତ ହସ୍ତଶିଳ୍ପ ନିର୍ଦ୍ଦେଶାଳୟ ଆନୁକୂଲ୍ୟରେ ସ୍ଥାନୀୟ ୟୁନିଟ୍-୩ ସ୍ଥିତ ଏକାମ୍ର ହାଟଠାରେ ଅକ୍ଟୋବର ୧୫ ତାରିଖଠାରୁ ଆରମ୍ଭ ହୋଇଥିବା ଟେରାକୋଟା ପ୍ରଦର୍ଶନୀ 'ମୃତିକା-୨୨' ରବିବାର ଶେଷ ହୋଇଛି। ଆମ ରାଜ୍ୟର ୨୬ଟି ଜିଲ୍ଲାରୁ ୨୫୦ରୁ ଅଧିକ ହସ୍ତଶିଳ୍ପ କାରିଗର ଏହି ପ୍ରଦର୍ଶନୀରେ ଅଂଶଗ୍ରହଣ କରିଥିଲେ । ରାଜ୍ୟର ୪୦ରୁ ଉର୍ଦ୍ଧ୍ୱ ଟେରାକୋଟା ହସ୍ତଶିଳ୍ପ ପୁଂଜ ରହିଛି । କୁଇବାହାଲ ଓ ସିଲାଟି(ସୁବର୍ଣ୍ଣପୁର), ବରପାଲି(ବରଗଡ଼), ହଳଧରପୁର (କେନ୍ଦୁଝର), ନୂଆଗାଁ (ଖୋର୍ଦ୍ଧା), ଲୁଣୁକୁଆ (ଜଗତସିଂହପୁର), କୁସୁମି (କୋରାପୁଟ) ପରି କେତେକ ମୁଖ୍ୟ ଟେରାକୋଟା ପୁଞ୍ଜ ସହିତ ଅନ୍ୟ ସମସ୍ତ ଜିଲ୍ଲାର ଟେରାକୋଟା ପୁଂଜ ଅଂଚଳ ଏଥିରେ ସାମିଲ ହୋଇଛନ୍ତି। ଏହି ପ୍ରଦର୍ଶନୀରେ ଦର୍ଶକମାନେ ବିଭିନ୍ନ ଟେରାକୋଟା ହସ୍ତଶିଳ୍ପ ପ୍ରତି ଆକୃଷ୍ଟ ହେବା ସହିତ ବିଭିନ୍ନ ଖାଦ୍ୟର ମଜା ନେଇଥିଲେ। ରାଜ୍ୟର ନାମୀଦାମୀ କଣ୍ଠଶିଳ୍ପୀ ଓ କଳାକାରମାନଙ୍କୁ ନେଇ ପ୍ରତ୍ୟେକ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ ଅନୁଷ୍ଠିତ ହୋଇଥିଲା । ମାଟିରେ ତିଆରି ଘରୋଇ ଉପକରଣ, ହାଣ୍ଡିକଡ଼େଇ, ରୋଷେଇଘର ସାମଗ୍ରୀ, ଅଳଙ୍କାର, ଦୀପାବଳି ସାମଗ୍ରୀ, ଦୀପ, ବଗିଚା ସାମଗ୍ରୀର ଚାହିଦା ମେଳାରେ ଦେଖିବାକୁ ମିଳିଥିଲା। ଏହି 'ମୃତିକା-୨୨' ମେଳାରେ ୨ ଲକ୍ଷରୁ ଅଧିକ ଦର୍ଶକ ଓ ପର୍ଯ୍ୟଟକ ଯୋଗଦେଇଥିବା ଆକଳନ କରାଯାଇଛି । କାରିଗରମାନେ ୨ କୋଟି ୩ ଲକ୍ଷ ୪୭ ହଜାର ଟଙ୍କାର ବେପାର କରିଥିବା ରେକର୍ଡ କରାଯାଇଛି। ଶେଷ ଦିନ ପର୍ଯ୍ୟନ୍ତ ଏହି ମେଳା ଅତି ଉତ୍ସବମୁଖର ଓ ଶାନ୍ତିଶୃଙ୍ଖଳା ସହିତ ଆୟୋଜିତ ହୋଇଥିଲା।

# ଧାମନଗର ଉପନିର୍ବାଚନ : ଡ଼ାକ ଭୋଟ୍‌ରେ ମତଦାନ ଶେଷ

## ୫୦୫ରୁ ମତଦାନ କଲେ ୪୯୪ ଭୋଟର



ଭଦ୍ରକ,୨୩/୧୦(ନି.ପ୍ର): ୪୬-ଧାମନଗର (ଏସ୍.ସି.) ବିଧାନସଭା ନିର୍ବାଚନ ମଣ୍ଡଳୀର ଉପନିର୍ବାଚନ ପାଇଁ ଡ଼ାକ ଭୋଟ ବ୍ୟବସ୍ଥାରେ ଗତକାଲି ଠାରୁ ଆରମ୍ଭ କରାଯାଇଥିବା ମତଦାନ ସଂଗ୍ରହ କାର୍ଯ୍ୟକ୍ରମ ଆଜି ଶେଷ ହୋଇଛି । ଏହି ବ୍ୟବସ୍ଥାରେ ମତଦାନ ଲଗି ୧୨ ଡ଼ି ଫର୍ମରେ ଆଗୁଆ ସ୍ୱୀକୃତି ପ୍ରଦାନ କରିଥିବା ସମୁଦାୟ ୫୦୫ ଜଣ ଭୋଟଙ୍କ ମଧ୍ୟରୁ ଦୁଇ ଦିନରେ ମିଶି ସମୁଦାୟ ୪୯୪ ଜଣ ଭୋଟର ମତଦାନ କରିଛନ୍ତି । ଗତକାଲି ଦିବ୍ୟାଙ୍ଗ ଭୋଟର ୨୩ ଜଣ ଓ ୮୦ବର୍ଷ ବୟସରୁ ଉର୍ଦ୍ଧ୍ୱ ୨୮୪ ଜଣ ସମୁଦାୟ ୩୦୭ ଜଣ ମତଦାନ କରିଥିଲେ । ଆଜି ଦ୍ୱିତୀୟ ଦିନରେ ୧୮୭ ଜଣ ମତଦାନ କରିଛନ୍ତି । ସେମାନଙ୍କୁ ମଧ୍ୟରୁ ଦିବ୍ୟାଙ୍ଗ ଭୋଟର ୧୨ଜଣ ଓ ୮୦ ବର୍ଷ ବୟସରୁ ଉର୍ଦ୍ଧ୍ୱ ୧୭୫ ଜଣ ଭୋଟର ଅଟନ୍ତି । ସମସ୍ତ ଭୋଟକୁ ବାକ୍ସରେ ସିଲ୍ କରାଯାଇ ଜିଲ୍ଲା ଟ୍ରେଜେରୀ କାର୍ଯ୍ୟାଳୟରେ ଜମା ଦିଆଯାଇଛି ।

# ଜଳିଗଲା ଟ୍ରକ୍ : ଅଳ୍ପକେ ବର୍ତ୍ତିଲେ ଡ୍ରାଇଭର ଓ ହେଲପର

କେନ୍ଦୁଝର, ୨୩ /୧୦ : (ହି.ସ.)- ୪୯ ନଂ ଜାତୀୟ ରାଜପଥର ତୁରୁମୁଙ୍ଗା ଥାନା ଅନ୍ତର୍ଗତ ଖିରେଇଟାଙ୍ଗିରି ପେଟ୍ରୋଲ ପମ୍ପ ନିକଟରେ ହୁତୁହୁତୁ ହୋଇ ଜଳିଯାଇଛି ଏକ ଟ୍ରକ୍ । ମିଳିଥିବା ସୂଚନା ଅନୁସାରେ, ଆଜି ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ଏହି ଅଗ୍ନିକାଣ୍ଡ ଘଟିଛି । ଡ୍ରାଇଭର ଓ ହେଲପର ଟ୍ରକ୍‌ର କ୍ୟାବିନ୍ ଭିତରେ ଗ୍ୟାସ୍‌ରେ ରୋଷେଇ କରିସାରିବା ପରେ ଗାଡିର କବାଟ ଝରକା ବନ୍ଦ କରି ଚାଲାଣ କାଟିବାକୁ ଯାଇଥିଲେ । ଏହି ସମୟରେ ଟ୍ରକ୍‌ଟି ହଠାତ୍ ହୁତୁହୁତୁ ହୋଇ ଜଳି ଉଠିଥିଲା । ଖବର ପାଇ ତୁରୁମୁଙ୍ଗା ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଚଳାଇଛି। ଅଗ୍ନିଶମ ବାହିନୀ ପହଂଚି ନିଆଁକୁ ଆୟତ କରିଛି। ତେବେ ସୌଭାଗ୍ୟବଶତଃ ଡ୍ରାଇଭର ଓ ହେଲପର ଗାଡିରେ ନଥିବାରୁ ଏହି ଦୁର୍ଘଟଣାରୁ ଅଳ୍ପକେ ବର୍ତି ଯାଇଛନ୍ତି ।

# ସାଇ ବାବା ପ୍ରଣାମ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ



ଭୁବନେଶ୍ୱର,୨୩/୧୦(ନି.ପ୍ର): ଜାତୀୟ ସ୍ତରୀୟ ଖବର କାଗଜ ସମାଜ ଆଇନା ପ୍ରାୟୋଜିତ ଓ ବୀଣାପାଣି ନାଟ୍ୟ ସଂସ୍ଥା ସାଂସ୍କୃତିକ କାର୍ଯକ୍ରମ 'ସାଇ ବାବା ପ୍ରଣାମ' ଭୁବନେଶ୍ୱର ସ୍ଥିତ ଜୟଦେବ ଭବନ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ସାଂସଦ ଯୋଜନା ବୋର୍ଡର ସଦସ୍ୟ ତଥା ବରିଷ୍ଠ କବି ଡକ୍ଟର ପ୍ରସନ୍ନ ପାଟ୍ଟଶାଣୀ, ସୁପ୍ରିମ କୋର୍ଟର ଆଇନ ଜୀବି ଯୋଗଦେଇ ସାଇବାବାଙ୍କ ମହିମା ଓ ମହନୀୟ କାର୍ଯ୍ୟ ବିଷୟରେ ବକ୍ତବ୍ୟ ରଖିଥିଲେ। ଶିରିଡି ସାଇ ବାବା ସର୍ବଦା ଲୋକମାନଙ୍କୁ ଭଲପାଇବାର ବାର୍ତା ଦେବା ସହିତ ସେବା କାର୍ଯ୍ୟ ଉପରେ ଗୁରୁତ୍ୱ ଦେଇ ଆସୁଥିଲେ। ବାବାଙ୍କ ନାମ ଧରିଲେ ସବୁ ବିପଦ ଦୂରେଇଯାଏ ଓ ଅସମ୍ଭବ କାର୍ଯ୍ୟ ସମ୍ଭବ ହୋଇଯାଏ। ସେଥିପାଇଁ ସାରା ବିଶ୍ୱରେ ସାଇ ବାବାଙ୍କ ଗାଥା ପ୍ରଚାର ଓ ପ୍ରସାର ହୋଇଚାଲିଥିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସାଇ ବାବାଙ୍କ ମହିମା ଉପରେ ଚଳଚିତ୍ର ନିର୍ଦ୍ଦେଶକ ଦିଲ୍ଲୀପ ସ୍ୱାଇଁ ଏବଂ ସାଥି କଳାକାରମାନେ ନୃତ୍ୟ ପରିବେଶଣ କରିଥିଲେ। ବରଷ୍ଟ ସାମ୍ବାଦିକ ତଥା 'ସମାଜ ଆଇନା ଓ ସ୍ପିଡି ନ୍ୟୁଜ'ର ସମ୍ପାଦକ ମନୋଜ କୁମାର ସେଠ୍ କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରିଥିବାବେଳେ ବୁଦ୍ଧନାଥ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ବୀଣାପାଣି ନାଟ୍ୟ ସଂସ୍ଥା ସମ୍ପାଦକ ତଥା ସୂଚନା ଅଧିକାରୀ କର୍ମୀ ବିଚିତ୍ର ମଲିଆ ଧନ୍ୟବାଦ ଅର୍ପଣ କରିଥିଲେ। ଭଞ୍ଜନଗରରୁ ଆସିଥିବା କଳକାରମାନେ ନୃତ୍ୟ ପରିବେଷଣ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଦୀନବନ୍ଧୁ ମଲିଆ ଓ ଅଭୟ ମଲିଆଙ୍କ ସଂଯୋଜନାରେ ସାଇ ବାବାଙ୍କ ଭଜନ ପରିବେଷଣ ହୋଇଥିଲା। ସେବା ମୂଳକ କାର୍ଯ୍ୟ କରିଥିବା ପ୍ରତିଭାମାନଙ୍କୁ ସାଇ ଶ୍ରଦ୍ଧା ସମ୍ମାନରେ ସମ୍ମାନିତ କରାଯାଇଥିଲା।

# ସଂଧ୍ୟାରାଣୀ ମିଶ୍ରଙ୍କ ଉପନ୍ୟାସ 'ସ୍ମୃତି' ଉନ୍ମୋଚିତ




ବାଲେଶ୍ୱର,୨୩।୧୦(ନି.ପ୍ର): ଅମୃତବାଣୀ ଶିଶୁ ବିଦ୍ୟାମନ୍ଦିର ଓ ସଂସ୍କୃତ ଖବରକାଗଜ 'ଅମୃତଭାଷା'ର ସମ୍ପାଦିକା ସଂଧ୍ୟାରାଣୀ ମିଶ୍ରଙ୍କ ଉପନ୍ୟାସ 'ସ୍ମୃତି' ଲୋକାର୍ପିତ ହୋଇଯାଇଛି। ସିଦ୍ଧି ବିନାୟକ ପବ୍ଲିକ ସ୍କୁଲ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅମୃତବାଣୀ ସେବା ପ୍ରତିଷ୍ଠାନର ସମ୍ପାଦକ ଡ. କୁମାର ଚନ୍ଦ୍ର ମିଶ୍ର ସଭାପତିତ୍ୱ କରିଥିଲେ। ଶିକ୍ଷାବିତ ତଥା ସୁସାହିତ୍ୟିକ ଡ. ରାଧାରଂଜନ ପଟ୍ଟନାୟକ, କବି ପ୍ରଶାନ୍ତ ଦାସ ମୁଖ୍ୟବକ୍ତା, ଡ. ଭାଗବତ ଦାସ, କବି ଅଭୟ ଦାସ, ବ୍ୟାକରଣବିତ ନିଂଜନ ସାହୁ, ସିଦ୍ଧି ବିନାୟକ ପବ୍ଲିକ ସ୍କୁଲ ଅଧ୍ୟକ୍ଷ ସୁଧାଂଶୁ ଶେଖର ପଣ୍ଡା, ପ୍ରକାଶକ ତଥା ସମୀକ୍ଷକ କବି କାଳୀପଦ ପଣ୍ଡା ପ୍ରମୁଖ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ 'ସ୍ମୃତି' ପୁସ୍ତକକୁ ଉନ୍ମୋଚନ କରିଥିଲେ। ଭାବ ଜଡ଼ିତ ବିଷୟବସ୍ତୁ ଓ ବୋଧଗମ୍ୟ ଶବ୍ଦ ସଂଯୋଜନା ସମ୍ବଳିତ ଏହି ପୁସ୍ତକ ପାଠକଙ୍କ ଦ୍ୱାରା ଆଦୃତ ହେବ ବୋଲି ଅତିଥିମାନେ ଆଶା ପ୍ରକାଶ କରିଥିଲେ। ଅଶୋକ କୁମାର ପଣ୍ଡା, ଶଶିକାନ୍ତ ପରିଡ଼ା, ତପନ ପଣ୍ଡା, ବିଭୂଦତ୍ତ ଖୁଣ୍ଟିଆ, ରାଧାକୃଷ୍ଣ ମହାନ୍ତି, ଶରତ ମିଶ୍ର, ଉପେନ୍ଦ୍ର ବିଶ୍ୱାଳ, ନଗେନ୍ଦ୍ର ସିଂ, ସ୍ୱର୍ଣ୍ଣଲତା ସେଠୀ, ଶ୍ୟାମା ପ୍ରସାଦ ଦତ୍ତ, ସେଇଠୁ ଆରମ୍ଭ ଖବରକାଗଜର ସମ୍ପାଦକ ଶୁଭେନ୍ଦୁ ଦାସ, 'ସମାଜ' ବାଲେଶ୍ୱର ଡେସ୍କ ଇନଚାର୍ଜ ଶଶିରଞ୍ଜନ ମଲ୍ଲିକ, ନରୋତ୍ତମ ଷଡ଼ଙ୍ଗୀ, ମାନସ ଶତପଥୀ ପ୍ରମୁଖ ବିଶିଷ୍ଟ ବ୍ୟକ୍ତିମାନେ ଏଥିରେ ଯୋଗଦେଇ ପୁସ୍ତକ ସମ୍ପର୍କରେ ଅଭିମତ ରଖିଥିଲେ। ଅଧ୍ୟାପକ ପ୍ରଦୀପ୍ତ କୁମାର ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପନ୍ୟାସ ଲେଖିକା ଶ୍ରୀମତୀ ମିଶ୍ର ଯୋଗଦେଇ ନିଜର ଲେଖକୀୟ ଅନୁଭୂତି ବର୍ଣ୍ଣନା କରିଥିଲେ। ଶ୍ୱେତା ପଣ୍ଡା ଓ ପଣ୍ଡିତ ଗୋପାଳ ଚନ୍ଦ୍ର ଦେବ ଜ୍ୟୋତିର୍ବିଜ୍ଞାନ ବିଦ୍ୟାପୀଠର ବ୍ରହ୍ମଚାରୀମାନେ ବେଦପାଠ କରିଥିବା ବେଳେ ବିଦ୍ୟୁଲତା ଷଡ଼ଙ୍ଗୀ ଓ ଆଶାରାଣୀ ଦ୍ୱିବେଦୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ତ୍ତିକ ଆଚାର୍ଯ୍ୟ, ସତ୍ୟନାରାୟଣ ଷଡ଼ଙ୍ଗୀ, ଜ୍ଞାନରଂଜନ ବେହେରା, ସତ୍ୟନାରାୟଣ ଦାଶ, ଜଗଦେବ ପଣ୍ଡା, ନାରାୟଣ ସାମଲ, ଭେଙ୍କଟେଶ ମିଶ୍ର, କ୍ରିଷ୍ଣା ମିଶ୍ର, ଅମୃତ ଭାରତୀ ମିଶ୍ର, ବଳିନା ଆଚାର୍ଯ୍ୟ, କାର୍ତ୍ତିକ ଆଚାର୍ଯ୍ୟ, ଏଲିନା ଦ୍ୱିବେଦୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

# ଧନତେରସ୍‌ରେ ଗହଣା ଦାକାନରେ ଭିଡ

ଭୁବନେଶ୍ୱର ,୨୩/୧୦ (ନି.ପ୍ର): – ଧନତେରସ୍ ଅବସରରେ ଅଳଙ୍କାର କିଣି ଘରକୁ ଆଣିଲେ ଲକ୍ଷ୍ମୀ ଠାକୁରାଣୀଙ୍କ କୃପା ମିଳିଥାଏ ବୋଲି ବିଶ୍ୱାସ ରହିଛି। ଧନତେରସ ପାଇଁ ରାଜଧାନୀର ବିଭିନ୍ନ ଅଳଙ୍କାର ଦୋକାନ ଗୁଡ଼ିକରେ ଗ୍ରାହକମାନଙ୍କର ପ୍ରବଳ ଭିଡ଼ ଲାଗିଛି। ବିଭିନ୍ନ ବର୍ଗର ଲୋକମାନେ ନିଜର ସକ୍ଷମତା ଅନୁଯାୟୀ ସୁନା କିମ୍ବା ରୂପା ଗହଣା କିଣିବା ପାଇଁ ଦୋକାନ ଗୁଡିକରେ ଭିଡ ଲଗାଇଛନ୍ତି। ଅନ୍ୟପଟରେ ଗ୍ରାହକମାନଙ୍କୁ ଆକୃଷ୍ଟ କରିବା ପାଇଁ ଏବଂ ଚାହିଦାକୁ ଦେଖି ଦୋକାନୀମାନେ ବିଭିନ୍ନ ପ୍ରକାର ରିହାତି ଅଫର ରଖିଛନ୍ତି। କିଏ ସୁନା ଗହଣା ଗଢା ମଜୁରୀ ଉପରେ ରିହାତି ଦେଇଛି ତ ଆଉ କିଏ ରୁପା ଗହଣା ତିଆରି ମଜୁରି ଛାଡ କରିଛି। ଦୁଇ ବର୍ଷ ପରେ ଏଥର ଧନତେରସ ଗହଣା ଦୋକାନରେ ଭଲ ଭିଡ ହୋଇଛି ।

# ସିପିଆଇ ଟାଉନ କମିଟି ବୈଠକ




ବାଲେଶ୍ୱର,୨୩/୧୦(ନି.ପ୍ର): ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ), ବାଲେଶ୍ୱର ଟାଉନ କମିଟି ବୈଠକ ଉଠା ଜଳସେଚନ କର୍ମଚାରୀ ଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ବାମପନ୍ଥୀ ନେତା ଗୌରାଙ୍ଗ ପାଣିଗ୍ରାହୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ଜିଲା ସଂପାଦକ ନିରଞ୍ଜନ ବାରିକ ଯୋଗଦେଇ ନିକଟ ଅତୀତରେ ବିଜୟୱାଡ଼ାରେ ଅନୁଷ୍ଠିତ ହୋଇଥିବା ଜାତୀୟ ସମ୍ମିଳନୀର ବିବରଣୀ ଉପସ୍ଥାପିତ କରିଥିଲେ। ସମ୍ପ୍ରତିକ ସ୍ଥିତିରେ କେନ୍ଦ୍ର ଓ ରାଜ୍ୟ ସରକାରରେ ଥିବା ରାଜନୈତିକ ଦଳମାନଙ୍କ କାର୍ଯ୍ୟଧାରା ଓ ସିପିଆଇର ଆଭିମୁଖ୍ୟ ସଂପର୍କରେ ସେ ବିଶଦ ଭାବେ ଅବଗତ କରାଇଥିଲେ।କେନ୍ଦ୍ର ସରକାରଙ୍କ ଜନଗଣ ବିରୋଧି ନୀତିକୁ ପ୍ରତିବାଦ କରିବା ପାଇଁ ବାମ ଓ ଧର୍ମନିରପେକ୍ଷ ଶକ୍ତିମାନଙ୍କୁ ସଂଗଠିତ କରି ପଲ୍ଲୀଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ଜନଦାବିରେ ଲୋକଙ୍କୁ ସଂଗଠିତ କରିବାକୁ ଜାତୀୟ ସମ୍ମିଳନୀ ଆହ୍ୱାନ ଦିଆଯାଇଛି ବୋଲି ଶ୍ରୀ ବାରିକ ସୂଚନା ଦେଇଥିଲେ। ଦେଶର ସଂବିଧାନ ସୁରକ୍ଷା ପାଇଁ ସମସ୍ତ ଦେଶପ୍ରେମୀ ଐକ୍ୟବଦ୍ଧ ହେବାକୁ ପଡ଼ିବ। ଏହି ବୈଠକରେ ସ୍ଥାନୀୟ ସମସ୍ୟା ନେଇ ଜିଲ୍ଲାସ୍ତରରେ ଆନ୍ଦୋଳନପାଇଁ ଓ ପାର୍ଟିର ସଭ୍ୟସଂଖ୍ୟା ବୃଦ୍ଧିପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବିଦ୍ୟୁତ୍ ଗ୍ରାହକ, ନିର୍ମାଣ ଶ୍ରମିକ ଠିକା କର୍ମଚାରୀ, ବନ୍ଦ କଳକାରଖାନାକୁ ଚାଲୁ କରିବା, ସରକାରୀ ଯୋଜନାଗୁଡ଼ିକ ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବା, ବାସହୀନ ଓ ଭୂମିହୀନଙ୍କୁ ଜମି ପଟ୍ଟା ପ୍ରଦାନ ପ୍ରଭୃତି ସମସ୍ୟାକୁ ନେଇ ଆନ୍ଦୋଳନରେ ସମସ୍ତ ବର୍ଗର ଜନତା ସାମିଲ ହେବାକୁ ଆହ୍ୱାନ ଦିଆଯାଇଛି। ଆଲୋଚନାରେ ଭାଗବତ ପ୍ରତିହାରୀ, ଶ୍ୟାମସୁନ୍ଦର ଜେନା, ନିରଞ୍ଜନ ରାଉତ, ନିରଞ୍ଜନ ପରିଡ଼ା, ଭରତ ଚନ୍ଦ୍ର ସେଠୀଙ୍କ ସମେତ ସଦର ଅଞ୍ଚଳ ସଂପାଦକ ଯତୀନ୍ ପାତ୍ର, ମହିଳା ସମିତି ସଭାନେତ୍ରୀ ବନ୍ଦନା ବିଶ୍ୱାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଟାଉନ୍ ଅଞ୍ଚଳ କମିଟି ସଂପାଦକ ଆଶୁତୋଷ ପରିଡ଼ା ଆଲୋଚନାର ବିଷୟ ଆଗତ କରିଥିବାବେଳେ ସହ-ସଂପାଦକ ଜୟନ୍ତ ମହାନ୍ତି ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ସଭାକାର୍ଯ୍ୟ ପ୍ରାରମ୍ଭରେ ପାର୍ଟିର ପ୍ରଥମ ରାଜ୍ୟ ସଂପାଦକ ସ୍ୱର୍ଗତ ଭଗବତୀ ପାଣିଗ୍ରାହୀଙ୍କ ଶ୍ରାଦ୍ଧ ଦିବସ ଅବସରରେ ଅମର ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା।

# ବାଣ ବଦଳରେ ଖୁସି ବାଣ୍ଟିଲେ : ବାଣ ନୁହେଁ, ମିଠାରେ ପାଳିଲେ ଦୀପାବଳି



ଭୁବନେଶ୍ୱର,୨୩/୧୦(ନି.ପ୍ର): ଭିନ୍ନ ଭିନ୍ନ ସ୍ୱାଦିଷ୍ଟ ଯୁକ୍ତ ମିଠାରେ ମହକିଲା ଆଦିବାସୀ ପଲ୍ଲୀ। ବାଣ ଫୁଟାଇବା ପରିବର୍ତ୍ତେ ମିଠାରେ ଆଲୋକର ପର୍ବକୁ ଅତି ସୁନ୍ଦର ଓ ନିରାଡ଼ମ୍ବର ଭାବେ ପାଳନ କରି ଖୁସି ବାଣ୍ଟିଛନ୍ତି ରାଜଧାନୀ ଉପକଣ୍ଠରେ ଥିବା ଆଦିବାସୀ ପଲ୍ଲୀ କନ୍ଦଳେଇର ବାସିନ୍ଦା। ସୂଚନାଯୋଗ୍ୟ, ଭୁବନେଶ୍ୱରରେ ରହୁଥିବା ସାମାଜିକ କର୍ମୀ ସନ୍ତୋଷୀ ଜୈନ ପ୍ରତିବର୍ଷ ପରିବାର ସହ ମିଶି ଦୀପାବଳୀରେ ବାଣ ଫୁଟାଇଥାନ୍ତି। ଅନେକ ଟଙ୍କା ବି ଏଥିପାଇଁ ସେ ଖର୍ଚ୍ଚ କରିଥାନ୍ତି। ଚଳିତବର୍ଷ ପରିବାର ସଦସ୍ୟମାନଙ୍କ ନିଷ୍ପତ୍ତି କ୍ରମେ ସାରା ପରିବାର ସବୁଜ ଦୀପାବଳୀ ପାଳନ ପାଇଁ ସଂକଳ୍ପ କରି ଅଣ୍ଟା ଭିଡ଼ି ଆଗେଇ ଆସିଥିଲେ ଏହି ଆଦିବାସୀ ପଲ୍ଲୀକୁ। ଶ୍ରୀମତୀ ଜୈନ କୁହନ୍ତି କ୍ଷଣିକ ଖୁସି ପାଇଁ ଆମେ ସାଧାରଣତଃ ଦୀପାବଳୀରେ ବାଣ ଫୁଟାଇଥାଉ। କିନ୍ତୁ ପରବର୍ତ୍ତୀ ସମୟରେ ଆମେ ଅନେକ ମାରାତ୍ମକ ରୋଗକୁ ଆମନ୍ତ୍ରଣ କରିବା ସହ ପରିବେଶକୁ ଉଜାଡ଼ି ଦେଇଥାଉ। ପରିବେଶ ବଞ୍ଚିଲେ, ଆମେ ବଞ୍ଚିବା। ସଂପ୍ରତି ପରିବେଶର ସୁରକ୍ଷା ନିତାନ୍ତ ଜରୁରୀ। ଏହି ଅବସରରେ ପଲ୍ଲୀରେ ଲଡୁ, ଜିଲାପି, ବିସ୍କୁଟ ଇତ୍ୟାଦି ବଣ୍ଟନ କରିବା ସହ ଦାରିଦ୍ର୍ୟ ସୀମାରେଖା ତଳେ ରହିଥିବା ବିଦ୍ୟାର୍ଥୀମାନଙ୍କୁ ଖାତା, କଲମ, ପେନ୍‌ସିଲ୍ ଇତ୍ୟାଦି ପାଠ୍ୟ ଉପକରଣ ୧ବର୍ଷ ଲାଗି ଯୋଗାଇ ଦିଆଯାଇଥିଲା। ସାମାଜିକ କର୍ମୀ ସୁଶାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଚନ୍ଦ୍ରଶେଖର ପାଲ, ସାମାଜିକ କର୍ମୀ ପ୍ରିୟବ୍ରତ ପଣ୍ଡା, ତ୍ରିଲୋଚନ ବେଉରା, ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଚିତ୍ର କୁମାର ମାଝୀ, ଶିକ୍ଷକ ସୁବାସ ଓଝା ପ୍ରମୁଖ ସହଯୋଗ କରିଥିଲେ। ସାମାଜିକ କର୍ମୀଙ୍କ ଏତାଦୃଶ କାର୍ଯ୍ୟକୁ ଗ୍ରାମବାସୀମାନେ ପ୍ରଶଂସା କରିବା ସହ ସ୍ଥାନୀୟ ସରପଞ୍ଚ ବିଷ୍ଣୁପ୍ରସାଦ ଡେଙ୍ଗ ସାଧୁବାଦ ଜଣାଇଥିଲେ।

# ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ବ୍ୟବଧାନ ଦୂର କରିବ 'ସୁରଭି'




ଉଦଳା, ତା.୨୩/୧୦(ନି.ପ୍ର)- ବର୍ତ୍ତମାନ ସରକାରୀ ବିଦ୍ୟାଳୟ ମାନଙ୍କରେ 'ଶିଶୁ ମହୋତ୍ସବ ସୁରଭି-୨୦୨୨' ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହେଉଛି । ଏହି ଅବସରରେ ପିଲାଙ୍କ ମଧ୍ୟରେ ନୃତ୍ୟ, ସଂଗୀତ, ଖେଳ ସାଙ୍ଗକୁ ବିଭିନ୍ନ ପ୍ରକାର ଅଭିନୟର ପର୍ବ ଅନୁଷ୍ଠିତ ହେଉଛି । ପିଲାଙ୍କୁ ହସଖୁସିରେ ବାନ୍ଧିରଖିବା ଓ ଏକ ଶୈକ୍ଷିକ ବାତାବରଣ ସୃଷ୍ଟି କରିବା ଏହାର ମୁଖ୍ୟ ଉଦେଶ୍ୟ ଅଟେ । ଏହାଦ୍ୱାରା ଛାତ୍ର ଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ମଧ୍ୟରେ ଥିବା ବ୍ୟବଧାନ ଦୂର ହେବା ସହିତ ଏକ ସୁନ୍ଦର ଶୈକ୍ଷିକ ବାତାବରଣ ସୃଷ୍ଟିହେବ ବୋଲି କୁହାଯାଉଛି । କିନ୍ତୁ ବାସ୍ତବ କ୍ଷେତ୍ରରେ ଏହାଯେ ଏକ ଛଳନା ବୋଲି ବେଶ ସ୍ପଷ୍ଟ ବାରିହୋଇପଡୁଛି । କାରଣ ସରକାରୀ ବିଦ୍ୟାଳୟର ୯୦ ପ୍ରତିଶତ ଶିକ୍ଷକ ଶିକ୍ଷୟିତ୍ରୀ ତାଙ୍କର ନିଜ ପିଲାକୁ ଘରୋଇ ବିଦ୍ୟାଳୟରେ ପଢ଼ାଉଛନ୍ତି । ଆଉ ମୋଟା ଅଙ୍କରେ ଦରମା ନେଉଥିବା ଏହି ଶିକ୍ଷକ ଶିକ୍ଷୟିତ୍ରୀ ମାନେ ସରକାରୀ ବିଦ୍ୟାଳୟର ଗରିବ ପିଲାଙ୍କୁ ନିଜର ପିଲା ବୋଲି କହି ଅଭିନୟ କରୁଛନ୍ତି । ଏତିକିବେଳେ ସରକାରଙ୍କର 'ସୁରଭି' କାର୍ଯ୍ୟକ୍ରମର ଉଦେଶ୍ୟ କେତେମାତ୍ରାରେ ସଫଳ ହେବ ତାହା ଅନେକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

# ମୟୂରଭଞ୍ଜ ହେବ ବାଲ୍ୟବିବାହ ମୁକ୍ତ : ଆକ୍ସନଏଡ଼




ଉଦଳା, ତା.୨୩/୧୦(ନି.ପ୍ର)- ୟୁନିସେଫର ସହାୟତାରେ ସ୍ୱେଚ୍ଛାସେବୀ ସଂଗଠନ ଆକ୍ସନଏଡ଼ର ଉଦ୍ୟମରେ ଚଳିତ ଅକ୍ଟୋବର ୨୨ ତାରିଖ ଶନିବାର ଦିନ ନିଳଶୈଳ ଉଚ୍ଚ ବିଦ୍ୟାଳୟ ପରିସରରେ ଦିବସ ବ୍ୟାପି 'ବାଲ୍ୟବିବାହର କୁପରିଣତି' ବିଷୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଆକ୍ସନଏଡ଼ର ଜିଲ୍ଲା ସଂଯୋଜକ ପ୍ରକାଶ ବାରିକ ଉକ୍ତ ଆଲୋଚନାଚକ୍ରରେ ଅଧ୍ୟକ୍ଷତା କରିଥିବା ବେଳେ ଆଲୋଚକ ଭାବରେ କୁଣ୍ଡାବାଇ ସରପଞ୍ଚ ପୁଷ୍ପଲତା ମାହାଲି, ପାଟଣାଶୀପୁର ନାଏବ ସରପଞ୍ଚ ଶ୍ରୀଧର ସିଂ, ସାନ୍ତାଳ ଭାଷାର ଲେଖକ ଚାନ୍ଦରାୟ ହାଁସଦାଃ, ହୋ ଭାଷା ଏକ୍ସନ କମିଟିର ସଭାପତି ବସନ୍ତ କୁମାର ସିଂ, ଅଙ୍ଗନୱାଡ଼ି ୱାର୍କର ରୁକମଣି ବେହେରା, ଜନଜାଗୃତି ମଞ୍ଚର ସଦସ୍ୟ ରାମଚନ୍ଦ୍ର ସିଂ, ମାଝିହାଳାମ ଧରଣିଧର ସିଂ ଓ ବେଣୁଧର ହେମ୍ବ୍ରମ ପ୍ରମୁଖ ଯୋଗ ଦେଇ ବାଲ୍ୟ ବିବାହ ଯୋଗୁଁ ଦେଖା ଦେଉଥିବା ସମସ୍ୟା ଓ ଏହାର କଷ୍ଟ କିପରି ବର୍ଷ ବର୍ଷ ଧରି ଦେଶବାସୀଙ୍କୁ ଭୋଗିବାକୁ ପଡ଼ିଥାଏ ବିସ୍ତୃତ ବର୍ଣ୍ଣନା କରିଥିଲେ । ସାମାଜିକ କର୍ମୀ ରୁପାଏ ବାସ୍କେ ମଞ୍ଚ ପରିଚାଳନା କରିଥିବା ବେଳେ ସସ୍ମିତା ଖଣ୍ଡେଇ ଅତିଥି ପରିଚୟ ଓ ସ୍ୱାଗତଭାଷଣ ପ୍ରଦାନ କରିଥିଲେ । ଉଦଳା ବ୍ଲକର ନୂଆଗାଁ, କୁଣ୍ଡାବାଇ, ପାଟଣାଶୀପୁର ଓ ଶ୍ରୀଦାମଚନ୍ଦ୍ରପୁର ଗ୍ରାମପଞ୍ଚାୟତରୁ ବହୁ ସଂଖ୍ୟାରେ ପି.ଆର.ଆଇ. ମେମ୍ବର ଓ ମାଝିହଲାମ ମାନେ ଉପସ୍ଥିତ ଥିଲେ । ଆକ୍ସନଏଡ଼ର ବ୍ଲକ ସଂଯୋଜକ କୌଳାଶ ଚନ୍ଦ୍ର ନାୟକ ଏହିଭଳି ଆଲୋଚନାଚକ୍ରର ଲକ୍ଷ ଓ ଉଦେଶ୍ୟ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇଥିବା ବେଳେ କାରୁକର ମୁର୍ମୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଜଧାନୀରେ ୯ କରୋନା ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର,୨୩/୧୦(ନି.ପ୍ର): - ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଂଚଳରୁ ରବିବାର ମୋଟ ୯ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନେ ସମସ୍ତେ ସ୍ଥାନୀୟ ସଂକ୍ରମିତ ହୋଇଥିବା ବିଏମ୍‌ସି ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି । ଅପରପକ୍ଷରେ ୨୪ ଘଂଟାରେ ଆଉ ୧୨ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଭୁବନେଶ୍ୱରରେ ଏବେ ସୁଦ୍ଧା ୧ ଲକ୍ଷ ୬୬ ହଜାର ୧୨୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିରୁ ୧ ଲକ୍ଷ ୬୪ ହଜାର ୪୬୨ ଜଣ ସୁସ୍ଥ ହୋଇଛନ୍ତି। ମୋଟ ୧୧୯୮ ଜଣ କୋଭିଡ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିବା ବେଳେ ୪୪୬ ଜଣ ସକ୍ରିୟ ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଛି। ଗତକାଲି ଭୁବନେଶ୍ୱରରେ ୭ ପଜିଟିଭ୍ ଚିହ୍ନଟ ହୋଇଥିଲେ ।

# ପରିଷଦ ପକ୍ଷରୁ 'ମୋ କବିତାର ଶୈଳୀ' ଶୀର୍ଷକ ଆଲୋଚନାଚକ୍ର




ବାଲେଶ୍ୱର,୨୩/୧୦(ନି.ପ୍ର): ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ କବିତୀର୍ଥ ଶାନ୍ତିକାନନ ଠାରେ 'ମୋ କବିତାର ଶୈଳୀ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପରିଷଦର ଉପ-ସଭାପତି ଦୀନବନ୍ଧୁ ଲେଙ୍କାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଅଭିନବ କାର୍ଯ୍ୟକ୍ରମରେ ସମୀକ୍ଷକ ଭାବେ ଡ. ରମାକାନ୍ତ ନାୟକ ଓ ଡ. ଶିରୀଶଚନ୍ଦ୍ର ଜେନା ଯୋଗଦେଇ ମତବ୍ୟକ୍ତ କରିଥିଲେ ଯେ କବି ନିଜର ଶୈଳୀକୁ ନିର୍ଦ୍ଧାରଣ କରେ। ସେ ସର୍ବଦା ସତ୍ୟଦ୍ରଷ୍ଟା ଓ ସମ୍ବେଦନଶୀଳ ଏବଂ ଜୀବନର ଅଧ୍ୟୟନକାରୀ। ତା'ର କବିତା ଜୈବତତ୍ତ୍ୱର କଥା କହେ ଏବଂ ସମୟାନୁଯାୟୀ କ୍ରମପରିବର୍ତ୍ତିତ ହୁଏ। ଏହି ଆଲୋଚନାଚକ୍ରରେ କବୀ ଯଶୋଧାରା ଦାସ, ଇଂ. ବିଜୟ କୁମାର ମହାନ୍ତି, ଇନାୟତ ଅଲ୍ଲୀ, ପଦ୍ମଲୋଚନ ଦତ୍ତ, ଚିତ୍ରାରାଣୀ ପାତ୍ର, ସୁବ୍ରତା ମହାନ୍ତି, ଜୁମରନାଥ ପାତ୍ର, କଲ୍ୟାଣୀ ନନ୍ଦ ପ୍ରମୁଖ ସ୍ୱକବିତାର ଶୈଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ପରିଷଦର ଉପସଭାପତି ପ୍ରଦୀପ ଗଟାର୍ଜୀ ଅତିଥିମାନଙ୍କୁ ମଂଚଆହ୍ୱାନ କରିଥିଲାବେଳେ ଯୁଗ୍ମସମ୍ପାଦିକା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଶ୍ରୀ ଅରୁଣା ରାୟ, ଶରତ କୁମାର ମହାପାତ୍ର, ବାସନ୍ତୀ ଦେ, ସଂଜୟ କୁମାର ପଣ୍ଡା, ସଂଜୟ କୁମାର ପଣ୍ଡା, ଦୀପକ କୁମାର ଦାସ, ଡ. ସାରଙ୍ଗଧର ତ୍ରିପାଠୀ, ବିଦ୍ୟାଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No-(06782) 263704,267078, Fax-(06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo